ବର୍ଷ-୨୫, ସଂଖ୍ୟା-୧୪୯
ଭୁବନେଶ୍ୱର
୧ ଜୁନ୍, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 149
Bhubaneswar
1 June, 2025, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

## ବଦଳିବ ମାଷ୍ଟର କ୍ୟାଣ୍ଟିନ୍ ନାଁ

**ଭୁବନେଶ୍ୱର,୩୧।୫(ମହାଭାରତ):** 'ମାଷ୍ଟର କ୍ୟାଣ୍ଟିନ୍'ର ନାଁ ବଦଳିବ ! ମାଷ୍ଟର କ୍ୟାଣ୍ଟିନ୍ ବଦଳରେ ଓଡ଼ିଆ ଅସ୍ମିତାକୁ ବହନ କରୁଥିବା ନାଁ ରଖାଯିବ। ରାଜଧାନୀ ଭୁବନେଶ୍ୱରର ପ୍ରମୁଖ ସ୍ଥାନ 'ମାଷ୍ଟର



କ୍ୟାଣ୍ଟିନ୍ ନାଁ ପରିବର୍ତ୍ତନ କରାଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ତେବେ ନାମ ପରିବର୍ତ୍ତନ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେବେ। ସେ କହିଛନ୍ତି, ଓଡ଼ିଶାରେ ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦିଆଯିବ। ଏଥି ସହିତ ଇଂରେଜ ଅମଳରୁ ଥିବା ନାଁଗୁଡ଼ିକ ବଦଳାଇ ଓଡ଼ିଆ ରଖାଯିବ। ରାଜଧାନୀ ଭୁବନେଶ୍ୱରର ବ୍ୟସ୍ତବହୁଳ ଓ ଜଣାଶୁଣା ସ୍ଥାନଗୁଡ଼ିକ ମଧ୍ୟରୁ ମାଷ୍ଟରକ୍ୟାଣ୍ଟିନ୍ ହେଉଛି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଏହି ସ୍ଥାନଟି ଭୁବନେଶ୍ୱର ମୁଖ୍ୟ ରେଳଷ୍ଟେସନ୍ ସମ୍ମୁଖରେ ରହିଛି। ଏହି ସ୍ଥାନର ନାମକରଣ ପଛରେ ଏକ ଛାପ ଛାଡ଼ିଯାଇଛି। ଐତିହାସିକ ଅନିଲ ଧୀରଙ୍କ ଅନୁସାରେ ୧୯୪୯ ମସିହାରେ କଟକରୁ ଭୁବନେଶ୍ୱରକୁ ରାଜଧାନୀ ସ୍ଥାନାନ୍ତରିତ ହୋଇଥିଲା। ନୂଆ ରାଜଧାନୀ ପାଇଁ ବିଧାନସଭାର କୋଠା ସମେତ ଅନ୍ୟ ବଡ଼ବଡ଼ କୋଠା ନିର୍ମାଣ ଚାଲିଥିଲା। ପଂଜାବର 'ମାଷ୍ଟର କନ୍ଷ୍ଟ୍ରକସନ୍ କଂପାନି' ଦ୍ୱାରା ନିର୍ମାଣ କାମ କରାଯାଉଥିଲା। ଏଠାରେ ରୋଜଗାରର ବ୍ୟାପକ ସୁଯୋଗ ଥିବାରୁ କଂପାନିର ମାଲିକ ବାବୁରାମ ଲାମ୍ବା ଦିଲ୍ଲୀରୁ ଭୁବନେଶ୍ୱର ଆସିବା ପାଇଁ ହଂସଭାଇ (୫ଜଣ)ମାନଙ୍କୁ ଡାକିଥିଲେ। ପରେ ହଂସ ପରିବାର ଆସି ଭୁବନେଶ୍ୱରରେ ଘର ନିର୍ମାଣ କରି ବସବାସ କଲେ ଏବଂ ସେମାନେ ରହୁଥିବା ସ୍ଥାନକୁ ପଂଜାବୀ କଲୋନି ନାମ ରଖିଥିଲେ। କ୍ୟାଣ୍ଟିନ୍‌ରେ ସିଙ୍ଗଡ଼ା ଓ ରସଗୋଲା ପ୍ରସ୍ତୁତ ହେଉଥିଲା, ଯାହାକି ଗ୍ରାହକମାନଙ୍କ ମଧ୍ୟରେ ଭାରି ଲୋକପ୍ରିୟ ଥିଲା।

## ନିଶା ନୁହେଁ, ଜୀବନକୁ ଗ୍ରହଣ କର

**ଭୁବନେଶ୍ୱର,୩୧।୫(ମହାଭାରତ):** ଭାରତରେ ପ୍ରାୟ ବର୍ଷକୁ ୧୪ ଲକ୍ଷ ଲୋକ ତମାଖୁ ସେବନ ଯୋଗୁ ଜୀବନ ହରାଉଛନ୍ତି। ପ୍ରତି ବର୍ଷ ଭାରତରେ ବିଭିନ୍ନ କାରଣରୁ ଯେତିକି ମୃତ୍ୟୁ ହେଉଛି, ତା'ର ପ୍ରାୟ ୧୦ ପ୍ରତିଶତ କେବଳ ତମାଖୁଜନିତ। ଜନସାଧାରଣ, ବିଶେଷକରି ଯୁବ ସମାଜ ଏଥିରୁ କିପରି ମୁକ୍ତି ପାଇବେ, ସେ ବିଷୟକୁ ଆଜି ଗମ୍ଭିରତାର ସହ ନେବାର ସମୟ ଆସିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନ କନଭେନ୍‌ସନ୍ ହଲ୍ ଠାରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ ଉପଲକ୍ଷେ ଆୟୋଜିତ ସଚେତନତା ଅଭିଯାନର ଶୁଭାରମ୍ଭ ଅବସରରେ କହିଛନ୍ତି।

ଏହି ଅବସରରେ ନିଶାଦ୍ରବ୍ୟ, ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୁଦ୍ଧରେ ଆରମ୍ଭ ହେଉଥିବା ସଚେତନତା ଅଭିଯାନରେ ସମସ୍ତେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ନିଶା ନୁହେଁ ଜୀବନକୁ ଆପଣେଇବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ।



ତମାଖୁ, ବିଷାକ୍ତ ମଦ ଓ ଡ୍ରଗ୍‌ସ ବ୍ୟବହାର ଓ ପ୍ରସାରକୁ ରୋକିବା ପାଇଁ ରାଜ୍ୟବ୍ୟାପୀ ପ୍ରଥମ ପର୍ଯ୍ୟାୟରେ ବିଶ୍ୱ ତମାଖୁ ନିଷେଧ ଦିବସ ମଇ ୩୧ ତାରିଖ ଠାରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ, ଦ୍ୱିତୀୟ ପର୍ଯ୍ୟାୟରେ ଜୁନ୍ ୨୬ ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ, ତୃତୀୟ ପର୍ଯ୍ୟାୟରେ ଅକ୍ଟୋବର ୨ ଏବଂ ଚତୁର୍ଥ ପର୍ଯ୍ୟାୟରେ ଡିସେମ୍ବର ୨୫ରୁ ୨୦୨୬ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ପ୍ରାୟ ଏକ ବର୍ଷ ଧରି ଏହି ସଚେତନତା ଅଭିଯାନ ଜାରି ରହିବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତମାଖୁଜନିତ ମୃତ୍ୟୁକୁ ରୋକିବା ପାଇଁ କେବଳ ଗୋଟିଏ ଉପାୟ ହେଉଛି ସଚେତନତା। ଲୋକମାନେ ଏହାର ଭୟାବହତା ଜାଣିବା ସତ୍ତ୍ୱେ ଏଥିରୁ ଦୂରେଇ ପାରୁନାହାନ୍ତି। ଯଦି ଗୋଟିଏ ବ୍ୟକ୍ତିକୁ ସଚେତନ କରାଇପାରୁଛେ, ତେବେ ଆମେ ତା'ର ଜୀବନ ବଞ୍ଚାଇ ପାରୁଛେ। ତମାଖୁ ସେବନର ଅପକାରିତା ଏବଂ ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ସଚେତନତା ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସଚେତନତା ଅଭିଯାନକୁ ଘରେ ଘରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ତମାଖୁସେବନର ଭୟାବହତା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୁଖଗହ୍ୱର କର୍କଟ କିମ୍ବା ଫୁସ୍‌ଫସ୍ କର୍କଟର ଶତ ପ୍ରତିଶତ କାରଣ ହେଉଛି ତମାଖୁ ଏବଂ ସିଗାରେଟ୍ ସେବନ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦୁନିଆରେ ଏକ ମାତ୍ର ସତ୍ୟ ହେଉଛି ମୃତ୍ୟୁ। ତେବେ ଏହା କଣ ଯନ୍ତ୍ରଣାଦାୟକ ହେବା ନିତ୍ୟାନ୍ତ ଆବଶ୍ୟକ। ତେଣୁ ଏକ ସୁସ୍ଥ ଜୀବନଶୈଳୀକୁ ଆପଣେଇବା ପାଇଁ ସମସ୍ତେ ସଚେତନ ହେବା ଉଚିତ୍ ବୋଲି ସେ କହିଥିଲେ। ତମାଖୁ, ସିଗାରେଟ୍ ଓ ନିଶାଦ୍ରବ୍ୟର ବିଜ୍ଞାପନ ମଧ୍ୟ ଯୁବ ସମାଜ ଉପରେ ପ୍ରଭାବ ପକାଉଛି। ଏହି ଛଳନାପୂର୍ଣ୍ଣ ବିଜ୍ଞାପନ ପ୍ରତି ମଧ୍ୟ ସଜାଗ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇନ, ଅବକାରୀ ଏବଂ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଥିଲେ ଯେ, ନିଶା ବ୍ୟବହାରର ଫଳ ହେଉଛି ମୃତ୍ୟୁ। ତେଣୁ ଏଥିପ୍ରତି ସଚେତନତା ବୃଦ୍ଧି କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ତମାଖୁ, ମଦ, ଡ୍ରଗ୍ ?ସର ବ୍ୟବହାର ଓ ପ୍ରସାର ରୋକିବା ପାଇଁ ଏଭଳି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଓଡିଶାରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଛି। ସମାଜର ଶେଷ ଲୋକ ପର୍ଯ୍ୟନ୍ତ ଆମେ ଏହି ସଚେତନତା ବାର୍ତ୍ତା ପହଞ୍ଚାଇବୁ। ଏଥିରେ ଅନ୍ୟାନ୍ୟ ବିଭାଗ ଓ ସିଭିଲ ସୋସାଇଟି ଯୋଗଦାନ ରଖିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏକ୍ସାଇଜ୍ ଆକ୍ଟ ରେ ଦୋଷୀ ପ୍ରତି ଦଣ୍ଡବିଧାନ ଆହୁରି କଡାକଡି ହେବ ବୋଲି ସେ କହିଥିଲେ। ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଅଭିଳକ୍ଷିତ ସମୃଦ୍ଧ ଓ ବିକଶିତ ଓଡିଶାରେ ଯେପରି ନିଶା ନଥିବ ସେଥିପ୍ରତି ଆମେ ଆଜି ସଂକଳ୍ପ ନେବା । ସମାଜରେ ନିଶା ବନ୍ଦ ହେଲେ, ଅପରାଧ ମଧ୍ୟ କମିବ। ତେଣୁ, ନିଶା ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ମତ ପ୍ରକାଶ କରିଥିଲେ।

## ପୂର୍ବୋତ୍ତର ରାଜ୍ୟରେ ବର୍ଷା ସହ ଭୂସ୍ଖଳନ : ୧୯ ମୃତ

**ନୂଆଦିଲ୍ଲୀ,୩୧।୫ (ଏଜେନ୍ସି) :** ଦେଶରେ ଆଗକୁ ପହଞ୍ଚିଥିବା ମୌସୁମୀ ଯୋଗୁ ପର୍ବୋତ୍ତର ରାଜ୍ୟରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଗତ ତିନି ଦିନରେ ପର୍ବୋତ୍ତରର ମଣିପୁର, ମିଜୋରାମ, ଆସାମ, ଅରୁମାଚଳ ପ୍ରଦେଶ, ତ୍ରିପୁରାରେ ଲଗାତାର ପ୍ରବଳ ବର୍ଷା, ଭୂସ୍ଖଳନ ଓ ବନ୍ୟାରେ ୧୯ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟପଟେ ୧୨ ହଜାରରୁ ଅଧିକ ପରିବାର ପ୍ରଭାବିତ ହୋଇଛି। ବର୍ଷା ଓ ବନ୍ୟାରେ ଘର ଭୁଶୁଡ଼ିବା ଯୋଗୁ ବହୁ ସଂଖ୍ୟାରେ ଲୋକେ ବାସହରା ହୋଇଛନ୍ତି। ପାଣିପାଗ ବିଭାଗ ସବୁ ରାଜ୍ୟ ପାଇଁ ଆଲର୍ଟ ଜାରି କରିଛି। ଦକ୍ଷିଣ ମିଜୋରାମର ଲଙ୍ଗତଲାଇ ସହରରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁ ପାଞ୍ଚଟି ଘର ଓ ଗୋଟିଏ ହୋଟେଲ ଭୁଶୁଡ଼ି ପଡ଼ିଛି।



ଏଥିରେ ଅନେକ ଲୋକ ଫସିଛନ୍ତି। ଏସଆରଡିଏଫ୍ ଓ ତୃତୀୟ ଭାରତୀୟ ରିଜର୍ଭ ବାଟାଲିୟନର ଯବାନଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟ କରାଯାଉଛି। ଭୂସ୍ଖଳନ ଯୋଗୁ ରାଷ୍ଟ୍ରୀୟ ରାଜମାର୍ଗ-୫୪ରେ ଯାତାୟତ ବାଧାପ୍ରପ୍ତ ହୋଇଛି। ଫଳରେ ମିଜୋରାମଠାରୁ ସୁଦୂର ଦକ୍ଷିଣ ଅଞ୍ଚଳ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପ୍ରବଳ ବର୍ଷା ଓ ଭୂସ୍ଖଳ ଯୋଗୁ ଆସାମର କାମରୁପ ମେଟ୍ରୋ ଜିଲ୍ଲାରେ ପାଞ୍ଚ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟପଟେ ପାଞ୍ଚ ଜିଲ୍ଲାରେ ୧୨ ହଜାରରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ଗୌହାଟୀ ଓ ସିଲଚରରେ ୧୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଅନ୍ୟପଟେ ଲକ୍ଷ୍ମୀପୁରରେ ବନ୍ୟା ଯୋଗୁ ରିଙ୍ଗ ଡ୍ୟାମ ଭୁଶୁଡ଼ି ପଡ଼ିଛି। ଅରୁଣାଳୟ ପ୍ରଦେଶର ବି ପ୍ରବଳ ବର୍ଷାର ତାଣ୍ଡବ ଦେଖିବାକୁ ମିଳିଛି। ଏଠାରେ ଭୂସ୍ଖଳନ ଯୋଗୁ ୯ ଜଣଙ୍କ ମୃତ୍ୟୁ ହୋଇଛି। ପୂର୍ବ କାମେଙ୍ଗରେ ନିର୍ମିତ-ସେପ୍ପା ଖଣ୍ଡରେ ହୋଇଥିବା ଭୂସ୍ଖଳନରେ ୭ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟପଟେ ଲୋୟର ସୁବନସିରି ଜିଲ୍ଲାରେ ଜିରୋ-କାମଲେ ମାର୍ଗରେ ମାଇନ୍ ଗ୍ରୋବ ନିକଟରେ ଭୂସ୍ଖଳନରେ ଦୁଇ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏହାସହ ଉପର ସୁବନସିରି ଜିଲ୍ଲାରେ ବନ୍ୟା ଯୋଗୁ ୧୦୦ରୁ ଅଧିକ ପରିବାର ପ୍ରଭାବିତ ହୋଇଛି। ସିଗିନ ନଦୀରେ ପାଣି ବିପଦ ସଂକେତରେ ପ୍ରଭାବିତ ହେଉଛି। ପାଣିପାଗ ବିଭାଗ ପକ୍ଷରୁ ଏଥିପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ତ୍ରିପୁରାରେ ବି ପ୍ରବଳ ବର୍ଷା ଯୋଗୁ ଜିରାନିଆରେ ଜଣେ ବ୍ୟକ୍ତି ବୁଡ଼ି ଯାଇଛନ୍ତି। ୨୦୦ରୁ ଅଧିକ ଲୋକ ବାସଗୃହ ହରାଇଛନ୍ତି। ଲୋକଙ୍କୁ ବନ୍ୟା ଆଶ୍ରୟ ସ୍ଥଳରେ ରଖାଯାଇଛି।

## ଜେଲ୍ ଗଲେ ଗ୍ରାମ୍ୟ ଉନ୍ନୟନ ମୁଖ୍ୟଯନ୍ତ୍ରୀ

**ଭୁବନେଶ୍ୱର,୩୧।୫ (ମହାଭାରତ):** ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ଆଜି ଅର୍ଥାତ୍ ମଇ ୩୧ରେ ଚାକିରିରୁ ଅବସର ନେଇଥାଆନ୍ତେ ଶ୍ରୀ ଷଡଙ୍ଗୀ। କିନ୍ତୁ ତା' ପୂର୍ବରୁ ଗତକାଲି ଭିଜିଲାନ୍ସ ଚଢାଉ କରିଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗର କୁବେର ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ସମ୍ପତି ଦେଖି ଭିଜିଲାନ୍ସର ଆଖି ଟେରା ହୋଇଯାଇଛି। ବାବୁଙ୍କ ଘରୁ ନଗଦ ୨.୫୬ କୋଟି ଟଙ୍କା ମିଳିଛି। ଭିଜିଲାନ୍ସ ଟିମ୍ ଗତକାଲି ଭୋର ସମୟରେ ଶ୍ରୀ ଷଡ଼ଙ୍ଗୀଙ୍କ ଭୁବନେଶ୍ୱର ଘର ଯାଂଚ ପାଇଁ ଯାଇଥିବା ବେଳେ ଘର ଲୋକ କବାଟ ନ ଖୋଲି ଝରକା ବାଟେ ୫ ଶହ ଟଙ୍କିଆ ବଣ୍ଡଲ୍ ଫିଙ୍ଗି ଚାଲିଥିଲେ। ପଡ଼ୋଶୀଙ୍କ ଛାତ ଉପରେ ଗଦା ହୋଇଥିବା ବିପୁଳ ଟଙ୍କା ସବୁକୁ ଭିଜିଲାନ୍ସ ଜବତ କରି ଗଣିବା ଆରମ୍ଭ କରିଥିଲା। ୧୦ରୁ ଅଧିକ କର୍ମଚାରୀ ଟଙ୍କା ଗଣି ଗଣି ନାକେଦମ



ହୋଇଥିଲେ। ଶେଷରେ ମେସିନରେ ଟଙ୍କା ଗଣତି ହୋଇଥିଲା। ଭିଜିଲାନ୍ସର ୭ଟି ଟିମ୍ ଗତକାଲି ଶ୍ରୀ ଷଡ଼ଙ୍ଗୀଙ୍କ ଭୁବନେଶ୍ୱରସ୍ଥିତ ଗ୍ରାମ୍ୟ ଉନ୍ନୟନ ସରକାରୀ କାର୍ଯ୍ୟାଳୟ, ଅନୁଗୁଳ କରଡ଼ଗାଡ଼ିଆସ୍ଥିତ ବାସଭବନ ଓ ଲୋକେଇପଶିସ୍ଥିତ ପୈତୃକ ଘର, ଅନୁଗୁଳ ସହର ମାଟିଆସାହି ଓ ଶିକ୍ଷକପଡ଼ାରେ ସଂପର୍କୀୟଙ୍କ ଘର ଆଦି ୭ଟି ଠିକଣାରେ ଚଢ଼ଉ କରି ୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତି ଠାବ କରିଥିଲା।

ଯାଂଚ ସମୟରେ ଶ୍ରୀ ଷଡ଼ଙ୍ଗୀଙ୍କ ଭୁବନେଶ୍ୱରରେ ଏକ ବିଳାସପୂର୍ଣ୍ଣ ଫ୍ଲାଟ୍, ଅନୁଗୁଳରେ ୨ଟି ଦୁଇ ମହଲା କୋଠା, ପୁରୀ ପିପିଲି ଅଂଚଳରେ ଗୋଟିଏ ଫ୍ଲାଟ୍ ଠାବ ହୋଇଥିଲା। ଭୁବନେଶ୍ୱର ଡୁମଡୁମା ଅଂଚଳରେ ଥିବା ୧୫୩୦ ବର୍ଗଫୁଟରେ ନିର୍ମିତ ଦାମୀ ଫ୍ଲାଟ୍ ର ମୂଲ୍ୟ ୨କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଅନୁଗୁଳରେ ଥିବା ଦୁଇଟି କୋଠାର ମୂଲ୍ୟ ୨ କୋଟିରୁ ଅଧିକ ହେବ। ସେହିପରି ପିପିଲି ଶିଉଳା ଅଞ୍ଚଳରେ ୧୧୦୦ ବର୍ଗଫୁଟରେ ନିର୍ମିତ ଫ୍ଲାଟ୍ ର ମୂଲ୍ୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବୋଲି ଆକଳନ କରାଯାଇଛି।

## କେନ୍ଦ୍ର ସୂଚନା ଓ ପ୍ରସାରଣ ସଚିବଙ୍କ ସମୀକ୍ଷା

**ଢେଙ୍କାନାଳ,୩୧।୫(ମହାଭାରତ):** କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଂଜୟ ଜାଜୁ ଆଜି ଢେଙ୍କାନାଳସ୍ଥିତ ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମସି) କ୍ୟାମ୍ପସ ପରିଦର୍ଶନରେ ଆସି ଏହାର ନବୀକରଣ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ। ଏହା ସହିତ ସେ ଏହି କ୍ୟାମ୍ପସର ଆଗାମୀ ବିକାଶ ଯୋଜନା ସଂପର୍କରେ ଆଲୋଚନା କରିଥିଲେ।

ଏହି ଗସ୍ତ ସମୟରେ ଶ୍ରୀ ଜାଜୁ ସଂସ୍ଥାନର ବିଭିନ୍ନ ଭିତ୍ତିଭୂମି ବିଶେଷକରି ଛାତ୍ର ଓ ଛାତ୍ରୀ ହଷ୍ଟେଲ, ଏକାଡେମିକ ବ୍ଲକ, ଅଡିଓ-ଭିଡିଓ କେନ୍ଦ୍ର ଓ ପ୍ରଶାସନିକ ବ୍ଲକକୁ ବୁଲି ଦେଖିଥିଲେ।ସଂସ୍ଥାନର ବର୍ତ୍ତମାନର ସ୍ଥିତି, ଶିକ୍ଷାଗତ ପଦକ୍ଷେପ, ଭିତ୍ତିଭୂମି ଆବଶ୍ୟକତା ଓ ସଂପ୍ରସାରଣ ପାଇଁ ଯୋଜନା ସଂପର୍କରେ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନା ଅବସରରେ ପ୍ରଫେସର ପ୍ରଧାନ ଏହି କ୍ୟାମ୍ପସ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ଭବିଷ୍ୟତର ସୁଯୋଗ ବିଶେଷକରି ପାଠ୍ୟକ୍ରମ ବିକଳ୍ପର ସଂପ୍ରସାରଣ ଓ ଛାତ୍ରଛାତ୍ରୀ କ୍ଷମତା ବୃଦ୍ଧି ସଂପର୍କରେ ସଚିବଙ୍କୁ ଅବଗତ କରାଇଥିଲେ ଯ ଏହା ସହିତ ସ୍ନାତକୋତ୍ତର ପାଠ୍ୟକ୍ରମ (ଏମଏ) ଆରମ୍ଭ କରିବା ଏବଂ ଶିଳ୍ପ-ଶିକ୍ଷାନୁଷ୍ଠାନ ସମ୍ପର୍କକୁ ସୁଦୃଢ କରିବା ଉପରେ ଆଲୋଚନା ହୋଇଥିଲା। କ୍ୟାମ୍ପସରେ ଚାଲିଥିବା କାର୍ଯ୍ୟର ଅଗ୍ରଗତିକୁ ନେଇ ଶ୍ରୀ ଜାଜୁ ସନ୍ତୋଷ ପ୍ରକାଶ କରିବା ସହ ଗଣଯୋଗାଯୋଗ ଶିକ୍ଷା କ୍ଷେତ୍ରରେ ଆଇଆଇଏମସି ଢେଙ୍କାନାଳକୁ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ଦିଗରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଂପୂର୍ଣ୍ଣ ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## 'ସିନ୍ଦୂର'କୁ ନେଇ ବୟାନ ପ୍ରତ୍ୟାହାର କଲା କଲମ୍ବିୟା

**ନୂଆଦିଲ୍ଲୀ,୩୧।୫ (ଏଜେନ୍ସି) :** ଭାରତର ଏକ ବଡ଼ କୂଟନୈତିକ ବିଜୟ ହୋଇଛି। ଅପରେସନ ସିନ୍ଦୂର କାଳରେ ପାକିସ୍ତାନର ହୋଇଥିବା ଧନଜୀବନ ହାନୀ ନେଇ କଲମ୍ବିୟା ଜାରି କରିଥିବା ସମ୍ବେଦନାକୁ ଔପଚାରିକ ରୂପେ ପ୍ରତ୍ୟାହାର କରିଛି। ଏହି ପଦକ୍ଷେପ ଶଶି ଥରୁରଙ୍କ ନେତୃତ୍ୱରେ ଅଲପାର୍ଟି ଡେଲିଗେସନଙ୍କ ଅସହମତି ପରେ ଆସିଛି। ତେବେ କଲମ୍ବିୟାର ପ୍ରାରମ୍ଭିକ ନିଷ୍ପତ୍ତିରେ ଭାରତ ନିରାଶା ବ୍ୟକ୍ତ କରିଥିଲା। କଲମ୍ବିୟା ଉପ ବୈଦେଶିକ ମନ୍ତ୍ରୀ ରୋସା ୟୋଲାଣ୍ଡା ଭି୍ଲାଭିସେନିୟୋ ଭାରତର ତଥ୍ୟ ଓ ସ୍ପଷ୍ଟିକରଣକୁ ସ୍ୱୀକାର କରି ବୟାନ ପ୍ରତ୍ୟାହାର ପୁଷ୍ଟି କରିଛନ୍ତି। କଲମ୍ବିୟା ଉପ ବୈଦେଶିକ ମନ୍ତ୍ରୀଙ୍କ ପଦକ୍ଷେପକୁ



ଭାରତ ଏକ ସନ୍ତୁଳିତ ଓ ସକରାତ୍ମକ ପଦକ୍ଷେପ ବୋଲି କହିଛି। ବିଦେଶମନ୍ତ୍ରୀ ରୋସା ୟୋଲାଣ୍ଡା କହିଛନ୍ତି ଯେ ଆମକୁ ପୂରା ବିଶ୍ୱସ ହୋଇଛି ଯେ ଆଜି ଆମକୁ ଯେଉଁ ସ୍ପଷ୍ଟିକରଣ ମିଳିଛି ଓ ବାସ୍ତବିକ ସ୍ଥିତି, ସଂଘର୍ଷ ଓ କାଶ୍ମୀରରେ ଯାହା କିଛି ବି ହୋଇଛି ଏବେ ସେ ସମ୍ପର୍କରେ ଆମ ପାଖରେ ବିସ୍ତୃତ ସୂଚନା ଅଛି। ଉପ ବିଦେଶମନ୍ତ୍ରୀଙ୍କ ବୟାନ କାଳରେ ତାଙ୍କ ସହ ଥିବା ସାଂସଦ ଶଶି ଥରୁର କହିଛନ୍ତି ଯେ ଭାରତ ତାଙ୍କ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରୁଛି। ପ୍ରତିନିଧି ସଭାର ଦ୍ୱିତୀୟ ଆୟୋଗ ଅଧ୍ୟକ୍ଷ ସାଂସଦ ଏଲେଜାନ୍ଦ୍ରୋ ଟୋରୋଙ୍କୁ ଭେଟିବା ପରେ ଥରୁର ଭାରତ ଓ ପାକିସ୍ତାନ ମଧ୍ୟରେ କୌଣସି ପ୍ରକାରର ସମାନତା ହୋଇ ନପାରେ ବୋଲି ଦୋହରାଇଥିଲେ। ତେବେ କଲମ୍ବିୟା ସହିତ ନିରାଶା ଏଥି ପାଇଁ ଥିଲା ଯେ ସେମାନେ ଏହି ଅନ୍ତରକୁ ଅଣଦେଖା କରିଥିଲେ। ଥରୁର କହିଛନ୍ତି ଯେ ଗୋଟିଏ ପଟେ ଆତଙ୍କବାଦୀ ଓ ଅନ୍ୟପଟେ ନିର୍ଦ୍ଦୋଷ ଲୋକଙ୍କ ମଧ୍ୟରେ କୌଣସି ପ୍ରକାରର ସମାନତା ଆଶା କରାଯାଇ ନପାରେ। ତେବେ କଲମ୍ବିୟାର ବୟାନ ପ୍ରତ୍ୟାହାର ଘୋଷଣା ଆମକୁ ସନ୍ତୁଷ୍ଟ କରିଛି।

### ଲଜ୍ ମାଲିକ ଚନ୍ଦନ ବେହେରା ହତ୍ୟା ମାମଲା

## ୩ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ

**ପୁରୀ,୩୧।୫(ମହାଭାରତ):** ବହୁଚର୍ଚ୍ଚିତ ଚନ୍ଦନ ବେହେରା ହତ୍ୟାକାଣ୍ଡ ମାମଲାରେ ପୁରୀର ଅତରିକ୍ତ ଜିଲ୍ଲା ଦୌରାଜଜ୍ ତିନିଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଆଜୀବନ ଦଣ୍ଡ ପାଇଛନ୍ତି ବରଜୁ, ଜଗା ଓ କପିଳା। ମାମଲାର ବିବରଣୀରୁ ଜଣାଯାଏ ୨୦୧୭ ଜାନୁଆରି ୮ ତାରିଖରେ ଆଇନଜୀବୀ ଚନ୍ଦନ ବେହେରାଙ୍କୁ ପୁରୀ ବାର୍ ସାମ୍ନାରେ ଥିବା ଖୁସି ହୋଟେଲ୍‌ରେ ହତ୍ୟା କରାଯାଇଥିଲା। ସାଇ କୁଟୀର ଲଜ ମାଲିକ ତଥା ଆଇନଜୀବୀ ଚନ୍ଦନ ବେହେରା ହତ୍ୟାଘଟଣାରେ ପୁଲିସ ମୃତ ଚନ୍ଦନଙ୍କ ସ୍ତ୍ରୀ ନିବେଦିତା ବେହେରା ଓ ଲିଟୁ ଓରଫ ନରେନ୍ଦ୍ରନାଥ ଦାସ ମାଷ୍ଟରମାଇଣ୍ଡ ଥିଲେ। ଚନ୍ଦନଙ୍କୁ ରାସ୍ତାରୁ ସଫା କରିବା ପାଇଁ ୬ ମାସ ପୂର୍ବରୁ ଯୋଜନା ହୋଇଥିଲା। ଏଥିରେ ସାମିଲ ଥିଲେ ଲିଟୁ, ନିବେଦିତା, ଜଗା, କପିଳା ଓ ବରଜୁ। ସେନେଇ ଜାନୁଆରି ୫ରେ ଏମାନେ ହତ୍ୟା ଷଡ଼ଯନ୍ତ୍ର ଯୋଜନା କରିବା ପରେ ପୁରୀରେ ନୋଟାରିରେ ଏକ ଏଗ୍ରିମେଣ୍ଟ ହୋଇଥିଲା ଯେଉଁଥିରେ ଚନ୍ଦନଙ୍କ ମୃତ୍ୟୁ ପରେ ନିବେଦିତା ଓ ତାଙ୍କ ପିଲାର ଅଭିଭାବକ ଓ ସମ୍ପତ୍ତିର ଉତରାଧିକାରୀ ଲିଟୁ ହେବ ବୋଲି ଲେଖାଯାଇଥିଲା। ୮ତାରିଖ ଦିନ ଚନ୍ଦନ ସାଇ କୁଟୀର ଲଜକୁ ପ୍ରବେଶ କରିବା ସମୟରେ ଜଗା, କାଳିଆ ମାରଣାସ୍ତ୍ରରେ ହାଣିଥିବା ବେଳେ ବରଜୁ ତାଙ୍କ ମୁଣ୍ଡକୁ ହାଣିବା ଯୋଗୁଁ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲା ଚନ୍ଦନ।

## ସରକାର ଅହିଲ୍ୟାବାଈଙ୍କ ଆଦର୍ଶରୁ ପ୍ରେରଣା ନେଇଛନ୍ତି

**ଭୁବନେଶ୍ୱର,୩୧।୫ (ମହାଭାରତ):** ଅହିଲ୍ୟାବାଈ କେବଳ ଏକ ଶାସକ ନଥିଲେ, ସେ ଥିଲେ ଜଣେ ସମାଜ ସଂସ୍କାରକ। ତାଙ୍କ ଜୀବନ ଓ କାର୍ଯ୍ୟ ଆମ ପାଇଁ ଏକ ପ୍ରେରଣାର ଉତ୍ସ ଏବଂ ସେ ନାରୀ ଶକ୍ତି, ସୁଶାସନ ଓ ସମାଜ ସେବାର ଏକ ଅନନ୍ୟ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ଜୟଦେବ ଭବନ ଠାରେ ଆୟୋଜିତ ପୂଣ୍ୟଶ୍ଳୋକା ମହାରାଣୀ ଅହିଲ୍ୟାବାଈ ହୋଲକରଙ୍କ ୩୦୦ ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ପାଳନ ଅବସରରେ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଅହିଲ୍ୟାବାଈ ହୋଲକାର୍ ଥିଲେ ଜଣେ ଏପରି ନାରୀ, ଯିଏ ନିଜର ନ୍ୟାୟନିଷ୍ଠା, ସାହସ, ଓ ପ୍ରଜା ପ୍ରତି ଅନୁପମ ସମର୍ପଣ ଦ୍ୱାରା ଭାରତୀୟ ଇତିହାସରେ ଅମର ହୋଇ ରହିଛନ୍ତି। ତାଙ୍କ ଜୀବନ ଆମ ପାଇଁ ଏକ ପ୍ରେରଣାର ଉତ୍ସ, ଯାହା ଆଜିର ଓଡ଼ିଶାରେ ମଧ୍ୟ ଆମକୁ ସୁଶାସନ ଓ ସମାଜ କଲ୍ୟାଣର ପଥ ଦେଖାଇଥାଏ। ଅହିଲ୍ୟାବାଈଙ୍କ ଜୀବନ ଆମ ଓଡ଼ିଶାବାସୀଙ୍କ ପାଇଁ ଏକ ବଡ଼ ପ୍ରେରଣା। ଆମ ରାଜ୍ୟରେ ମଧ୍ୟ



ନାରୀ ଶକ୍ତିର ଅନେକ ଉଦାହରଣ ରହିଛି। ଅହିଲ୍ୟାବାଈଙ୍କ ପରି ଆମେ ମଧ୍ୟ ଆମର ସମାଜରେ ନ୍ୟାୟ, ଶିକ୍ଷା, ଓ ସମାନତାକୁ ପ୍ରୋତ୍ସାହନ ଦେବା ଆବଶ୍ୟକ। ଆମ ରାଜ୍ୟ ସରକାର ମଧ୍ୟ ମାଆ ମାନଙ୍କ ସଶକ୍ତିକରଣ ପାଇଁ ସୁଭଦ୍ରା ଯୋଜନା ଭଳି ଏକ ଯୁଗାନ୍ତକାରୀ ଯୋଜନାର ରୂପାୟନ କରିଛନ୍ତି । ଯାହା ମହିଳା ମାନଙ୍କୁ, ଆର୍ଥିକ,ସାମାଜିକ ଓ ଆତ୍ମନିର୍ଭରଶୀଳ ହୋଇ ପ୍ରଗତି ପଥରେ ଆଗେଇବା ପାଇଁ ସହଯୋଗ କରୁଛି । ଏବେ ଯଦି ଆମେ ବର୍ତ୍ତମାନର ଶାସନ ବ୍ୟବସ୍ଥା ଦିଗକୁ ଦେଖିବାକୁ ଯାଉ, ତେବେ ଆମେ ଦେଖୁଛୁ ଯେ ଅନେକ ରାଜ୍ୟ ସରକାର ଅହିଲ୍ୟାବାଈଙ୍କ ଆଦର୍ଶରୁ ପ୍ରେରଣା ନେଇଛନ୍ତି। ଆଜିର ସରକାର ଗ୍ରାମୀଣ ବିକାଶ, ନାରୀ ସଶକ୍ତିକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟରେ ଯେଉଁପରି ଗୁରୁତ୍ୱ ଦେଉଛନ୍ତି, ତାହା ଅହଲ୍ୟାବାଈଙ୍କ ଦୃଷ୍ଟିଭଙ୍ଗୀ ସହିତ ସମନ୍ୱୟ ରଖେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ ଯେ, ଅହିଲ୍ୟାବାଈଙ୍କ ଜୀବନରୁ ପ୍ରେରଣା ନେଇ ଆମେ ଆମର ସମାଜକୁ ଆହୁରି ସୁଦୃଢ଼ ଓ ସମୃଦ୍ଧ କରିବା ପାଇଁ ପ୍ରତିଜ୍ଞାବଦ୍ଧ। ଆଜି ଯେତେବେଳେ ଦେଶ ଏକ ସଙ୍କଟମୟ ପରିସ୍ଥିତି ଦେଇ ଗତି କରୁଛି, ପୁନର୍ବାର ଦେଶର ନାରୀଶକ୍ତି ଏ ଲଢେଇର ନେତୃତ୍ୱ ନେଇଛନ୍ତି। ଦୁଇ ଦିନ ତଳେ ରକ୍ଷାମନ୍ତ୍ରୀ ମାନନୀୟ ରଜନାଥ ସିଂ ଜୀ ଦେଶବାସୀଙ୍କୁ ଜଣାଇ ଥିଲେ କିପରି ନାରୀଶକ୍ତି ଅପରେସନ ସିନ୍ଦୁରର ଗୁରୁଦାୟିତ୍ୱ ସମ୍ଭାଳି ଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଅହିଲ୍ୟାବାଈ ହୋଲକରଙ୍କୁ ନ୍ୟାୟନିଷ୍ଠା, ସାହସିକତାର ପ୍ରତୀକ ବୋଲି କହିବା ସହିତ, ଅହିଲ୍ୟାବାଈଙ୍କ ଜୀବନ ସମସ୍ତଙ୍କ ପାଇଁ ଏକ ପ୍ରେରଣାର ଉତ୍ସବୋଲି କହିଥିଲେ। ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେ ଯେ, ଅହିଲ୍ୟାବାଈଙ୍କ ଆଦର୍ଶକୁ ଅନୁସରଣ କରି ଆମେ ଓଡ଼ିଶାରେ ସୁଶାସନ, ଶିକ୍ଷା, ଓ ମହିଳା ସଶକ୍ତିକରଣରେ ନୂତନ ଦିଗନ୍ତ ସୃଷ୍ଟି କରିପାରିବା। ଭାଷା, ସାହିତ୍ୟ, ସଂସ୍କୃତି ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରମୁଖ ଉପସ୍ଥିତ ଥିଲେ।

## ଅଳସୀ ଚିଲା

ବ୍ରେକଫାଷ୍ଟ ସମସ୍ତଙ୍କ ଜୀବନରେ ବହୁତ ମହତ୍ତ୍ୱ ରଖିଥାଏ । ହେଲଦି ଏବଂ ଟେଷ୍ଟି ବ୍ରେକଫାଷ୍ଟ ଆପଣଙ୍କ ପୂରା ଦିନକୁ ହିଁ ଖୁସିରେ ଖୁସିରେ ନେଇଯାଇଥାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ନେଇ ଆସିଛୁ 'ଅଳସୀ ଚୀଲା' ରେସିପି । ଏହି ରେସିପି ଆପଣଙ୍କ ପାଇଁ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ । ତେବେ ଆସନ୍ତୁ ଜାଣିବା ଏହାକୁ କେମିତି କରିବେ ପ୍ରସ୍ତୁତ ।

ଆବଶ୍ୟକୀୟ ସାମଗ୍ରୀ : ଗହମ ଅଟା-ଏକ କପ୍, ଅଳସୀ ଅଟା- ୧/୪କପ୍, ଦହି-୧/୨ କପ୍, ଅଦା ପେଷ୍ଟ- ୧ଛୋଟ ଚାମଚ, କଞ୍ଚା ଲଙ୍କା- ଗୋଟିଏ, ଗୋଲମରୀଚ- ୧/୪ଛୋଟ ଚାମଚ, ଧନିଆ ପତ୍ର- ୩ ଟେବୁଲ ଚାମଚ, ଲୁଣ- ସ୍ୱାଦ ଅନୁସାରେ

**ପ୍ରସ୍ତୁତ ପ୍ରଣାଳୀ :** ଅଳସୀର ଚୀଲା ପ୍ରସ୍ତୁତ କରିବା ପାଇଁ ଏକ ବଡ ପାତ୍ରରେ ଗହମ ଏବଂ ଅଳସୀର ଅଟାକୁ ପକାଇ ଚଳାଇ ଦିଅନ୍ତୁ । ଏହାପରେ ଏହାକୁ ଏକ ପାତ୍ରରେ ରଖି ସେଥିରେ ପୂର୍ବରୁ ରଖିଥିବା ଦହି ପକାଇ ମିଶାଇ ଦିଅନ୍ତୁ । ଏହାପରେ ଅଳ୍ପ ପାଣି ପକାଇ ମିକ୍ସ କରନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଚଲାନ୍ତୁ ଯାହାଦ୍ୱାରା କୌଣସି ବିଣ୍ଡାର ରହବି ନାହିଁ । ଏହି ଘୋଳକୁ ଦୋଷା ଘୋଳ ଭଳି ଗାଢା ରଖନ୍ତୁ । ଏଥିରେ କଟା କଞ୍ଚା ଲଙ୍କା, ପିଆଜ, ଧନିଆ ପତ୍ର, କାଟି ରଖିଥିବା ଅଦା ଏବଂ ଗୋଲମରୀଚ ପକାଇ ମକ୍ସଚର କରନ୍ତୁ । ଏହାପରେ ଗ୍ୟାସରେ ତାୱା ବସାନ୍ତୁ । ତାୱା ଗରମ ହେଲେ ସେଥିରେ ଏହି ଘୋଳକୁ ପକାନ୍ତୁ । ଏହାର ଦୁଇ ପାଖ ଭଲଭାବେ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଓଲଟ ପାଲଟ କରନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଅଳସୀ ଚୀଲା । ଆପଣ ଏହାକୁ ଧନିଆ ଚଟଣୀ କିମ୍ବା ଟମାଟୋ ସସ୍ ସହିତ ଖାଇପାରିବେ ।



### ଖବର

## 'ତୁ ଲୈଲା ମୁଁ ମଜନୁ'ରେ ପ୍ରେମ ତ୍ରିକୋଣ



ଛତିଶଗଡ଼ୀ ସିନେମାରୁ ଓଲିଉଡ୍ ଆସିଥିବା ନାୟକ ଦେବରାଜଙ୍କୁ 'ତୋ ପ୍ରେମରେ ପଡ଼ିଲା ପରେ' ଓ 'ବାବାଜୀକା ଠୁଲ୍ଲୁ'ରେ ଓଡ଼ିଆ ଦର୍ଶକ ଭେଟିସାରିଛନ୍ତି। ତାଙ୍କ ଅଭିନୀତ 'ତୁ ଲୈଲା ମୁଁ ମଜନୁ'ଏବେ ରିଲିଜ୍ ଅପେକ୍ଷାରେ ରହିଛି। ଚିନ୍ମୟୀ ପ୍ରିୟଦର୍ଶିନୀ ଓ ରୋହିତ କୁମାର ମାଝୀ ଏହାର ପ୍ରଯୋଜନା କରିଥିବା ବେଳେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଏସ୍. ଦିଲୀପ ପଣ୍ଡା। ତ୍ରିକୋଣୀୟ ପ୍ରେମକାହାଣୀ 'ତୁ ଲୈଲା ମୁଁ ମଜନୁ'ରେ ଦେବରାଜଙ୍କ ବିପକ୍ଷରେ ଚିନ୍ମୟୀ ଓ ଛତିଶଗଡ଼ୀ ନାୟିକା ଅନିକୃତା ଅଛନ୍ତି।ଦୁଇ ନାୟିକାଙ୍କ ଭିତରୁ ଶେଷରେ କିଭଳି ପରିସ୍ଥିତିରେ ନାୟକ କାହାର ହାତଧରୁଛି, ତାହା କାହାଣୀର କ୍ଲାଇମାକ୍ସରେ ଦେଖିବାକୁ ମିଳିବ। ଏହାର ଚିତ୍ରନାଟ୍ୟ ଏବଂ ସଂଳାପ ଡକ୍ଟର ରଜନୀରଂଜନ ଲେଖିଥିବା ବେଳେ 'ପୁଷ୍କରା' ଫେମ୍ ବିଭୂତିଭୂଷଣ ଗଡ଼ନାୟକ ଏହାର ସଙ୍ଗୀତକାର। 'ତୁ ଲୈଲା ମୁଁ ମଜନୁ'ରେ ଦେବରାଜଙ୍କୁ ଜଣେ ଆଧୁନିକ ପ୍ରେମିକ ଭୂମିକାରେ ଦେଖିବାକୁ ମିଳିବ। ଏହା ରୋମାଣ୍ଟିକ କାହାଣୀ ଆଧାରିତ ହେଲେ ବି ଏଥିରେ ଦେବରାଜଙ୍କର ବହୁସଂଖ୍ୟକ ଆକ୍ସନ୍ ଦୃଶ୍ୟ ରହିଛି। ଅନ୍ୟ ପକ୍ଷରେ ଦେବରାଜ-ଚିନ୍ମୟୀ ଯୋଡ଼ିକୁ ଦର୍ଶକ 'ତୋ ପ୍ରେମରେ ପଡ଼ିଲା ପରେ'ରେ ଦେଖିବାକୁ ପାଇଛନ୍ତି।

## ଅନିତ୍ୟ ଜଗତରେ ଭଗବାନ ହିଁ ନିତ୍ୟ

ଆମ ଦେଶର ପ୍ରାଚୀନ ଋଷିଗଣ ଭଗବାନଲାଭକୁ ହିଁ ଜୀବନର ଲକ୍ଷ୍ୟ ବୋଲି କହି ଯାଇଛନ୍ତି। ଦୁଃଖ-କଷ୍ଟର ଅବସାନ ପାଇଁ ନିଜର ସ୍ୱରୂପ ଉପଲବ୍ଧି କରି ଶାନ୍ତି ଲାଭ କରିବା ପାଇଁ ସେମାନେ ଏହି ଆଦର୍ଶକୁ ଆମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି। ଏହି ଆଦର୍ଶ ଏତେ ପ୍ରାଣସ୍ପର୍ଶୀ ଯେ, ଏ ଦେଶର ଅସଂଖ୍ୟ ଉଚ୍ଚସ୍ତରର ମନୁଷ୍ୟ, ଏପରିକି ଅନେକ ରାଜା, ରାଜକୁମାର ଏବଂ ଜୀବନର ବିଭିନ୍ନ କ୍ଷେତ୍ରରେ ଅତି ଉନ୍ନତ ବ୍ୟକ୍ତିମାନଙ୍କ ହୃଦୟରେ ମଧ୍ୟ ତାହା ରେଖାପାତ କରିଛି। ସେମାନେ ସମସ୍ତେ ଭଗବାନଲାଭ ପାଇଁ ସର୍ବସ୍ୱ ତ୍ୟାଗ କରିଛନ୍ତି। ସେମାନେ ବୁଝିଥିଲେ, ଜଗତରେ କୌଣସି ବସ୍ତୁ ଚିରସ୍ଥାୟୀ ନୁହେଁ, ସମସ୍ତ ହିଁ ପରିବର୍ତ୍ତନଶୀଳ ଏବଂ ଏକମାତ୍ର ଭଗବାନ ହିଁ ନିତ୍ୟ ସତ୍ୟ। ଶ୍ରୀରାମକୃଷ୍ଣ କହୁଥିଲେ, 'ଯଦି ଜାଣନ୍ତି ଯେ ଜଗତଟା ନିତ୍ୟ, ତା'ହେଲେ କାମାରପୁକୁରକୁ ସୁନାରେ ଛାଉଣି କରିଦେଇ ଯାଆନ୍ତି। କିନ୍ତୁ ଦେଖୁଛି, ଜଗତଟା ଅନିତ୍ୟ।'

ରୂପ ଗୋସ୍ୱାମୀ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଜନୈକ ବିଶିଷ୍ଟ ଶିଷ୍ୟ, ବୃନ୍ଦାବନରେ ବାସ କରୁଥିଲେ; ତାଙ୍କ ଭାଇ ବଙ୍ଗଳା ନବାବଙ୍କର ମନ୍ତ୍ରୀ ଥିଲେ ଏବଂ ବିଷୟ ସମ୍ପତ୍ତିରେ ବିଶେଷ ଭାବେ ଜଡ଼ିତ ହୋଇପଡ଼ିଥିଲେ। ତାଙ୍କ ପ୍ରତି ସ୍ନେହ ପରବଶ ହୋଇ ସେ ତାଙ୍କୁ ଗୋଟିଏ ଶ୍ଳୋକ ଲେଖି ପଠାଇଲେ, ଯାହାର ଅର୍ଥ ହେଲା; ଭାବିଦେଖ, ସେ ଅଯୋଧ୍ୟାପୁରୀ ବା କେଉଁଠି, ସେ ଦ୍ୱାରିକାପୁରୀ ବା କେଉଁଠି ? ପ୍ରକୃତରେ ଜାଣିବ ଏକମାତ୍ର ଭଗବାନଙ୍କ ବ୍ୟତୀତ ଜଗତରେ ଅନ୍ୟ ସବୁ ଅନିତ୍ୟ। ଏଥିରେ ତାଙ୍କ ଭାଇଙ୍କର ଆଖି ଖୋଲିଗଲା; ସେ ବଙ୍ଗଳାର ମନ୍ତ୍ରୀତ୍ୱ ଛାଡ଼ି ବୃନ୍ଦାବନକୁ ଚାଲିଗଲେ ଏବଂ ଭଗବାନଙ୍କୁ ପ୍ରତ୍ୟକ୍ଷ କରିବା ପାଇଁ ସାଧନାରେ ମଗ୍ନ ହେଲେ। ଏହି ଆଦର୍ଶ ଚିରଦିନ ଭାରତବାସୀଙ୍କ ମନରେ ରେଖାପାତ କରିଆସୁଛି। ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, 'ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍।' 'ଯେଉଁ ଜଗତକୁ ଆସିଛ ତାହା ଅନିତ୍ୟ, ଆନନ୍ଦହୀନ, ମୋର ଭଜନ କର।' ପ୍ରକୃତରେ ଦେଖାଯାଉଛି, ଆମର ଶାସ୍ତ୍ର, ଋଷି, ଅବତାର ଓ ଆଚାର୍ଯ୍ୟଗଣ ସମସ୍ତେ ହିଁ କହିଛନ୍ତି - ବୈଷୟିକ ଜୀବନରେ ଶାନ୍ତିର ଆଶା କରନାହିଁ। ତା'ଠାରୁ ଅଲଗା ରହି ଆତ୍ମସ୍ୱରୂପ ଉପଲବ୍ଧି କରିବାକୁ ଏବଂ ଶାନ୍ତି ଲାଭ କରିବାକୁ ଚେଷ୍ଟା କର। ବିଷୟାବଦ୍ଧ ଜୀବନରେ କେବେ ହେଲେ ଶାନ୍ତି ଲାଭ ହୋଇପାରେ ନାହିଁ।

## ଘରେ କେଉଁ ବାସ୍ତୁ ଦ୍ରବ୍ୟ ରଖିଲେ ଶାନ୍ତି ମିଳିବ

ଘରେ ସର୍ବଦା ସୁଖଶାନ୍ତି ଭରି ରହିବା ପାଇଁ କିଛି ଉପାୟ ଅବଲମ୍ବନ କରନ୍ତୁ। ଯାହାଦ୍ୱାରା ଘରୁ ବାସ୍ତୁ ଦୋଷ ଦୂର ହୋଇ ପରିବାରରେ ସର୍ବଦା ସୁଖଶାନ୍ତି ଭରି ରହିବ।

ଚାନ୍ଦିର ହାତୀ : ଘରେ ଚାନ୍ଦିର ହାତୀ ରଖନ୍ତୁ । ଏହାଦ୍ୱାରା ଲକ୍ଷ୍ମୀଙ୍କ କୃପା ଦୃଷ୍ଟି ପଡ଼ିବ । ଏହାସହ ଛୋଟ ଚାନ୍ଦିର ହାତୀ ପକେଟ୍‌ରେ ରଖନ୍ତୁ।

ପିତ୍ତଳ ଓ ତମ୍ବା ବାସନ : ପିତ୍ତଳ ବାସନରେ ଖାଇଲେ ଓ ତମ୍ବା ବାସନରେ ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟରେ ଉନ୍ନତି ହୋଇଥାଏ । ଘରେ ପିତ୍ତଳ ବାସନ ରଖିବା ଦ୍ୱାରା ସକାରାତ୍ମକ ବାତାବରଣ ସୃଷ୍ଟି ହୋଇଥାଏ ।

ମହୁ : କାଚ କିମ୍ବା ମାଟିପାତ୍ରରେ ମହୁ ରଖିଲେ ଘରର ଶାନ୍ତି ବୃଦ୍ଧି ପାଏ ।



ଚାନ୍ଦି ଡବା : ଏକ ଚାନ୍ଦି ଡବାରେ ପାଣି ଭରି ଲକରରେ ରଖିଲେ ଧନ ବୃଦ୍ଧି ହୁଏ ।

ଚାନ୍ଦି ଓ ସୁନା କଏନ୍ : ଚାନ୍ଦିର କଏନ୍ ଲକରରେ ରଖନ୍ତୁ । ଏକ ହଳଦିଆ କପଡ଼ାରେ ସୁନା କଏନ୍ ବାନ୍ଧି ଲକରରେ ରଖନ୍ତୁ । ଘରେ ଶାନ୍ତି ବୃଦ୍ଧି ହେବ ।

ଭଗବାନ ହନୁମାନଙ୍କ ଚିତ୍ର : ଘରର ଦକ୍ଷିଣ କୋଣ କାନ୍ଥରେ ଲଗାନ୍ତୁ । ଏହାକୁ ପ୍ରତିଦିନ ପୂଜା କରନ୍ତୁ ।

ହଳଦିଆ ରଙ୍ଗ : ଘରେ ହଳଦିଆ ରଙ୍ଗର ଯେକୌଣସି ବସ୍ତ୍ର ରଖନ୍ତୁ ପରିବାରରେ ଶାନ୍ତି ବୃଦ୍ଧି ପାଇବ ।

କଳା ଗୁଡ଼ : ଘରେ କଳା ଗୁଡ଼ ରଖନ୍ତୁ । ବାହାରକୁ ଯିବା ସମୟରେ କିମ୍ବା ପରିବାରର ସମସ୍ତ ସଦସ୍ୟ ଗୁଡ଼ ଖାଆନ୍ତୁ । ଏହାଦ୍ୱାରା ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ ।

ତମ୍ବା କଏନ୍ : ଘରେ ତମ୍ବା କଏନ୍ ରଖନ୍ତୁ । ଧଳା କପଡ଼ାରେ ତମ୍ବା କଏନ୍ ବାନ୍ଧି ବେକରେ ଧାରଣ କଲେ ଶୁଭ ।

## ଧନ ଓ ସୌଭାଗ୍ୟର ଦେବୀ

ଶାସ୍ତ୍ରରେ ମାତା ଲକ୍ଷ୍ମୀଙ୍କୁ ଧନ ଓ ସୌଭାଗ୍ୟର ଦେବୀ ବୋଲି କୁହାଯାଏ। । ଯେଉଁ ବ୍ୟକ୍ତିଙ୍କ ଉପରେ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି, ସେ ଧନବାନ ହୋଇଥାନ୍ତି। ଆଉ ଯେଉଁ ବ୍ୟକ୍ତିଙ୍କ ଉପରେ ମାତା ପ୍ରସନ୍ନ ନଥାନ୍ତି, ସେମାନେ ଯେତେ ଚେଷ୍ଟା କଲେ ମଧ୍ୟ ଧନବାନ ହୋଇପାରନ୍ତି ନାହିଁ । ଯେକୌଣସି ଦେବଦେବୀଙ୍କୁ ଆପଣ ପୂଜା କରନ୍ତୁ ସେହି ପୂଜାରେ କିଛି ନିୟମ ରହିଥାଏ। ଯାହାକୁ ମାନି ପୂଜା କରିବା ଦ୍ୱାରା ଭଗବାନ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି। ଏମିତିରେ ଆମେ ସମସ୍ତ ଦେବଦେବୀଙ୍କ ସ୍ୱରୂପକୁ ମୂର୍ତ୍ତି ଆକାରରେ ଦେଖିଛେ।



ସମସ୍ତଙ୍କ ଘରେ ପୂଜା ଘର ଅଛି। ଯେଉଁଠି ଆମେ ସମସ୍ତ ଦେବଦେବୀଙ୍କ ମୂର୍ତ୍ତି ସ୍ଥାପନା କରି ପୂଜା କରିଥାଉ। କିଛି ଦେବତାଙ୍କ ମୂର୍ତ୍ତିକୁ ଘରେ ରଖି ପୂଜା କରିବା ମନା କରାଯାଇଛି। ଯେପରି କି ଶନିଦେବ। ତେବେ ଅନ୍ୟ ଦେବଦେବୀଙ୍କ ମୂର୍ତ୍ତି ଘରେ ରଖି ପୂଜା କଲେ ମଧ୍ୟ ସମସ୍ତଙ୍କୁ ନେଇ କିଛି ନିୟମ ରହିଛି। ଆମେ ମନ ଇଚ୍ଛା କିଛି ବି ମୂର୍ତ୍ତି ଆଣି ଭଗବାନଙ୍କ ପୂଜା କରିବା ଆଦୌ ଉଚିତ ନୁହେଁ। କାରଣ ଶାସ୍ତ୍ରରେ ତାହାକୁ ବାରଣ କରଯାଇଛି। କିଛି ଜଣ ଅଛନ୍ତି ଯେଉଁମାନଙ୍କୁ ଏହା ସମ୍ପର୍କରେ ଜଣାନଥାଏ। ବଜାରରେ ଭଗବାନଙ୍କର ବିଭିନ୍ନ ପ୍ରକାରର ମୂର୍ତ୍ତି ଭିନ୍ନ ଭିନ୍ନ ଢଙ୍ଗରେ ତିଆରି ହୋଇ ବିକ୍ରି ହେଉଛି। ତେବେ ଭଗବାନଙ୍କର ଏମିତି କିଛି ରହିବା ସ୍ଥିତି ରହିଛି ଯାହାକୁ ନେଇ ଆମେ ପୂଜା କରିବା ଉଚିତ। ଆଜି ଜାଣିବା ମାତା ଲକ୍ଷ୍ମୀଙ୍କ କେଉଁ ମୂର୍ତ୍ତି ଘରେ ପୂଜା କରିବା ଉଚିତ।

ଲୋକମାନେ ମା' ଲକ୍ଷ୍ମୀଙ୍କର କୃପା ପାଇବା ପାଇଁ ବିଭିନ୍ନ ଉପାୟରେ ତାଙ୍କୁ ପ୍ରସନ୍ନ କରିବା ପାଇଁ ଚେଷ୍ଟା କରିଥାନ୍ତି। ଏହାପାଇଁ ଲୋକମାନେ ପୂଜା ଘରେ ମାତା ଲକ୍ଷ୍ମୀଙ୍କୁ ରଖି ପୂଜା କରିଥାନ୍ତି କିନ୍ତୁ ଦେବୀ ମୂର୍ତ୍ତି ରଖିବାର କ୍ଷତି ମଧ୍ୟ ହୋଇପାରେ ଯଦି ଆପଣ ତାହାକୁ ଠିକ୍ ଭାବରେ ନ ରଖନ୍ତି। ଆସନ୍ତୁ ଜାଣିବା ମାତା ଲକ୍ଷ୍ମୀଙ୍କ ମୂର୍ତ୍ତିକୁ ରଖିବାର ଠିକ୍ ଉପାୟ।

-ପୂଜା ଘରେ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ନିଶ୍ଚିତ ଥାଏ। କିନ୍ତୁ ଅନେକ ଥର ଭୁଲବଶତଃ ଦେବୀ ଲକ୍ଷ୍ମୀଙ୍କର ଛିଡ଼ାଥିବା ଅବସ୍ଥାରେ ପ୍ରତିମା ରଖି ଦେଇଥାନ୍ତି, ଯାହାକୁ ରଖିବା ଉଚିତ ନୁହେଁ। ମାତାଙ୍କର ଏହି ରୂପରେ କରାଯାଉଥିବା ପୂଜା କୌଣସି ଫଳ ପ୍ରାପ୍ତି କରିନଥାଏ।

-ପୁରାଣ ଅନୁଯାୟୀ ଦେବୀ ଲକ୍ଷ୍ମୀ ଚଞ୍ଚଳ ଥାନ୍ତି ଏଥିପାଇଁ କେବେ ବି ତାଙ୍କର ଛିଡା ହୋଇଥିବା ଅବସ୍ଥାର ମୂର୍ତ୍ତି ରଖିବା ଉଚିତ ନୁହେଁ କାରଣ ସେ ସେହି ସ୍ଥାନରେ ଅଧିକ ସମୟ ଯାଏଁ ରହିପାରନ୍ତି ନାହିଁ। ସବୁବେଳେ ଘରେ ମାତା ଲକ୍ଷ୍ମୀଙ୍କର ବସିଥିବା ମୂର୍ତ୍ତି ରଖିବା ଉଚିତ।

-ମାତା ଲକ୍ଷ୍ମୀଙ୍କର ବାହନ ପେଚା ଏବଂ ସେ ମଧ୍ୟ ଚଞ୍ଚଳ ସ୍ୱଭାବର ହୋଇଥାଏ। ଏଥିପାଇଁ ଦେବୀ ଲକ୍ଷ୍ମୀଙ୍କ ମୂର୍ତ୍ତି କେବେବି ପେଚା ଉପରେ ବସିଥିବାର ରଖିବା ନାହିଁ।

-ଅଧିକାଂଶ ଘରେ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ଭଗବାନ ଗଣେଶଙ୍କ ସହିତ ଦେଖିବାକୁ ମିଳିଥାଏ। ଏହିଭଳି ମୂର୍ତ୍ତି ରଖିବା ଭୁଲ ହୋଇଥାଏ। କାରଣ ମାତା ଲକ୍ଷ୍ମୀ ଭଗବାନ ବିଷ୍ଣୁଙ୍କର ପତ୍ନୀ ଅଟନ୍ତି ଏଥିପାଇଁ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ବିଷ୍ଣୁଙ୍କ ମୂର୍ତ୍ତି ରଖିବା ଉଚିତ।

-ମାତା ଲକ୍ଷ୍ମୀଙ୍କୁ କେବେବି କାନ୍ଥ ସହିତ ଲାଗିକି ରଖିବା ଉଚିତ ନୁହେଁ। ବାସ୍ତୁରେ ଏହାକୁ ଦେଖଯାଇଥାଏ। ମୂର୍ତ୍ତି ଏବଂ କାନ୍ଥ ମଧ୍ୟରେ ଦୂର ରଖିବା ଉଚିତ।

-ଅନେକ ଲୋକ ନିଜ ପୂଜା ଘରେ ଦେବୀ ଲକ୍ଷ୍ମୀଙ୍କର ଏକରୁ ଅଧିକ ମୂର୍ତ୍ତି ବା ଫଟୋ ରଖିଥାନ୍ତି ଯାହାକୁ ଶାସ୍ତ୍ରରେ ବର୍ଜିତ ବୋଲି କୁହାଯାଏ।

## ଭଗବାନ ବୁଦ୍ଧଙ୍କ ଦିବ୍ୟ ଉପଦେଶ

ବୋଧିବୃକ୍ଷ ତଳେ ଅନେକ ବର୍ଷ ପର୍ଯ୍ୟନ୍ତ ବସି ଧ୍ୟାନ କରିବା ପରେ ଗୌତମ ଅଲୌକିକ ଜ୍ଞାନ ପ୍ରାପ୍ତ କରିଥିଲେ । ସେବେଠାରୁ ସେ ମହାତ୍ମା ବୁଦ୍ଧ ନାମରେ ପରିଚିତ ହୋଇଥିଲେ । ସେ ବୁଦ୍ଧତ୍ୱ ପ୍ରାପ୍ତ



କରିବା ସମୟରେ ଆକାଶରୁ ପୁଷ୍ପ ବର୍ଷା ହୋଇଥିଲା । ଦେବତାମାନେ ଭଗବାନ ବୁଦ୍ଧଙ୍କ ବନ୍ଦନା କରିଥିଲେ । ବ୍ରହ୍ମା ତାଙ୍କୁ କହିଥିଲେ ଯେ ସେ ଜନକଲ୍ୟାଣ ନିମନ୍ତେ ଉପଦେଶ ଦିଅନ୍ତୁ । ବୁଦ୍ଧ ନିଜର ପ୍ରଥମ ଉପଦେଶ ବାରାଣସୀ ନିକଟବର୍ତ୍ତୀ ସାରନାଥ ଠାରେ ଦେଇଥିଲେ । ବୁଦ୍ଧଙ୍କ ଉପଦେଶରୁ ହିଁ ଭାରତରେ ଏକ ନୂଆ ଧର୍ମର ଅଭ୍ୟୁଦୟ ହୋଇଥିଲା- ବୌଦ୍ଧ ଧର୍ମ ।

ବୁଦ୍ଧ ନିଜର ପ୍ରଥମ ଉପଦେଶ କହିଥିଲେ ଯେ ଜବୀନରେ ଅତ୍ୟଧିକ ଭୋଗ କରିବା ଉଚିତ୍ ନୁହେଁ କିମ୍ବା ଅତି ତ୍ୟାଗ କରିବା ମଧ୍ୟ ଉଚିତ୍ ନୁହେଁ । ମଧ୍ୟମ ମାର୍ଗ ଆପଣାଇ ଜୀବନ ଯାପନ କରିବା ଲାଗି ସେ ପରାମର୍ଶ ଦେଇଥିଲେ । ବୁଦ୍ଧ ଜୀବନରେ ଦୁଃଖର କାରଣ ଏବଂ ପରିଣାମ ରହସ୍ୟ ମଧ୍ୟ ଉନ୍ମୋଚନ କରିଥିଲେ । ସେ ସମଗ୍ର ମାନବଜାତିକୁ ବୁଝାଇଥିଲେ ଯେ ଆମେମାନେ ଭୋଗୁଥିବା ଅନେକ ଦୁଃଖର କାରଣ କେବଳ ଆମ ଭିତରେ ରହିଥିବା ଅଜ୍ଞାନ ଏବଂ ମିଥ୍ୟାଦୃଷ୍ଟି । କେବଳ ସତ୍ୟର ଜ୍ଞାନ ମାଧ୍ୟମରେ ଦୁଃଖର ନାଶ କରିବା ସମ୍ଭବ । ସତ୍ୟ ଅର୍ଥାତ୍ ଯଥାର୍ଥ ଜ୍ଞାନ ହିଁ ସମ୍ୟକ ଜ୍ଞାନ । ଏଣୁ ସତ୍ୟର ସନ୍ଧାନ ପାଇବାକୁ ହେଲେ ଦୁଃଖରୁ ମୁକ୍ତି ପାଇବା ପରମ ଆବଶ୍ୟକ ।

ଅଜ୍ଞାତ ସତ୍ୟର ସନ୍ଧାନ କରାଯାଇଥାଏ । ପୂର୍ବରୁ ରହିଥିବା ପରମ୍ପରାକୁ ଖଣ୍ଡନ କରି ବୁଦ୍ଧ ଏକ ନୂତନ ମାର୍ଗରେ ସତ୍ୟ ସନ୍ଧାନ କରିବା ଲାଗି ଉପଦେଶ ଦେଇଥିଲେ । ବୁଦ୍ଧ ନିଜେ କାହା ପ୍ରତି ପ୍ରତିବଦ୍ଧ ହୋଇନଥିଲେ କିମ୍ବା ନିଜ ଶିଷ୍ୟମାନଙ୍କୁ ମଧ୍ୟ କେଉଁଠି ବାନ୍ଧିନଥିଲେ । ବୁଦ୍ଧ କହୁଥିଲେ ଯେ ମୋ କଥାକୁ ମଧ୍ୟ ସହଜରେ ମାନିନେବା ଉଚିତ୍ ନୁହେଁ । ବୁଦ୍ଧଙ୍କ କଥାରେ ମଧ୍ୟ ସନ୍ଦେହ କର ଏବଂ ବିଭିନ୍ନ ଢଙ୍ଗରେ ତାହାର ପରୀକ୍ଷା କର । ଜୀବନରେ ତା'କୁ ପରୀକ୍ଷା କର, ନିଜ ଅନୁଭବକୁ ମିଶାଅ, ଯଦି ତୁମେ ଉଚିତ୍ ଜ୍ଞାନକୁ ସ୍ୱୀକାର କରିପାରିବ ତା'ହେଲେ ତୁମେ ଜୀବନରେ ଆଗକୁ ବଢ଼ିପାରିବ । ତୃଷ୍ଣା ପରିତ୍ୟାଗ କରିବା, ହିଂସା ତ୍ୟାଗ କରିବା, ଜୀବମାତ୍ରକେ ସ୍ନେହ କରିବା ଲାଗି ବୁଦ୍ଧ ପରାମର୍ଶ ଦେଇଥିଲେ । ମିଥ୍ୟା ମଧ୍ୟ ହିଂସା ବୋଲି ସେ କହୁଥିଲେ । ତେଣୁ ସତ୍ୟ ମାଧ୍ୟମରେ ତାହାର ଦମନ କରିବା ଲାଗି କହୁଥିଲେ । ନ୍ୟାୟପୂର୍ଣ୍ଣ ଢଙ୍ଗରେ ଅର୍ଜନ କରାଯାଇଥିବା ବସ୍ତୁ ଉପରେ ହିଁ ଅଧିକାର ସାବ୍ୟସ୍ତ କରିବା ଲାଗି ସେ କହୁଥିଲେ । କେବଳ ନିଜ ପରିଶ୍ରମ ଉପରେ ଭରସା କରିବା ଲାଗି ବୁଦ୍ଧ ଉପଦେଶ ଦେଇଥିଲେ । ସେହିପରି ମଦ୍ୟପାନ ନିଷିଦ୍ଧ ବୋଲି ବୁଦ୍ଧ ପରାମର୍ଶ ଦେଇଥିଲେ । ସମସ୍ତ ବାସନା ପରିତ୍ୟାଗ କରିବା ଲାଗି ବୁଦ୍ଧ ମନୁଷ୍ୟ ସମାଜକୁ ଶିକ୍ଷଣ ଦେଇଥିଲେ । କାରଣ ମୁକ୍ତି ପାଇବାରେ ଏସବୁ କେବଳ ଗୋଟିଏ ଗୋଟିଏ ବାଧା ।

# ଟ୍ୱିନ୍ ସିଟି ଡ୍ରେନ କାର୍ଯ୍ୟ ଶୀଘ୍ର ସାରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୩୧।୫ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ କଟକ-ଭୁବନେଶ୍ୱରରେ ବର୍ଷାଦିନେ ଉପୁଜୁଥିବା କୃତ୍ରିମ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି।

ବୈଠକରୁ ଜଣାପଡ଼ିଛି ଯେ, ଭୁବନେଶ୍ୱରର ପ୍ରାୟ ୮୦ ପ୍ରତିଶତ ଡ୍ରେନର ସଫେଇ କାର୍ଯ୍ୟ ସମାପ୍ତ ହୋଇଛି। ବାକି ରହିଥିବା ଡ୍ରେନ ଗୁଡ଼ିକର ସଫେଇ କାର୍ଯ୍ୟ ଜୁନ ୨୦ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ଭୁବନେଶ୍ୱରରେ ଇସ୍କନ, କଟକ-ରୋଡ଼, ଅହଲ୍ୟା ନଗର, ସମ ହସ୍ପିଟାଲ ପାଖ ଆୟୁର୍ବେଦିକ କଲେଜ ଭଳି କେତେକ ପ୍ରମୁଖ ସ୍ଥାନରେ ବର୍ଷାଦିନେ ଜଳ ନିଷ୍କାସନର ଅସ୍ଥାୟୀ ବ୍ୟବସ୍ଥା କରାଯାଇଛି। ଏ ସବୁ ଜାଗା ଗୁଡ଼ିକରେ ସ୍ଥାୟୀ ସମାଧାନ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଇସ୍କନ ନିକଟରେ ଜଳମଗ୍ନ ହୋଇ ଯାତାୟତରେ ବାଧା ସୃଷ୍ଟି କରୁଥିବାରୁ ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

ଭୁବନେଶ୍ୱରରେ ମୁଖ୍ୟତଃ ୧୫ଟି ପ୍ରାକୃତିକ ନାଳ ରହିଛି। ଏଥି ସହିତ ସହର ମଧ୍ୟରେ ଅନେକ ଛୋଟ ବଡ଼ ଡ୍ରେନ ରହିଛି। ଏସବୁର ଜଳ ପ୍ରାୟତଃ ଯାଇ ଗଙ୍ଗୁଆ



ନଦୀରେ ମିଶୁଛି। ଏଥିରେ ହସ୍ପିଟାଲ ବର୍ଜ୍ୟ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରଦୂଷଣଯୁକ୍ତ ସାମଗ୍ରୀ ମଧ୍ୟ ରହୁଛି। ଗଙ୍ଗୁଆ ନଦୀ ଦୟା ନଦୀ ସହିତ ମିଶିଛି। ତେଣୁ ବିଭିନ୍ନ ଜାଗାରେ ଜଳ ବିଶୋଧନାଗାର ସ୍ଥାପନ କରି ଗଙ୍ଗୁଆ ନଦୀର ପାଣିକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏଥି ସହିତ ନାଳ ଗୁଡ଼ିକର ସୌନ୍ଦର୍ଯ୍ୟକରଣ ଉପରେ ବୈଠକରେ ଆଲୋଚନା ହୋଇଥିଲା।

ସେହିପରି କଟକରେ କୃତ୍ରିମ ଜଳବନ୍ଦୀ ସମସ୍ୟାର ମୁକାବିଲା ଓ ସମାଧାନ ପାଇଁ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ କଟକ ମହାନଗର ନିଗମ କମିଶନର ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏଥିପାଇଁ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ।

ବର୍ଷାଦିନକୁ ଦୃଷ୍ଟିରେ ରଖି ଜଳ ନିଷ୍କାସନ ସହିତ ଜଳବାହିତ ରୋଗର ପ୍ରତିରୋଧ ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଦୁଇ ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଥିଲେ। କେବଳ କଟକ-ଭୁବନେଶ୍ୱରରେ ନୁହେଁ, ଏଭଳି ସମସ୍ୟା ଉପୁଜୁଥିବା ରାଜ୍ୟର ଅନ୍ୟ ସହରାଞ୍ଚଳ ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ଭୁବନେଶ୍ୱର ମହାନଗର ନିଗମ ଆୟୁକ୍ତ ରାଜେଶ ପ୍ରଭାକର ପାଟିଲ, ବିଡିଏ ଭି.ସି. ଡ. ଏନ୍. ତିରୁମାଲା ନାୟକ, କଟକ ମହାନଗର ନିଗମ ଆୟୁକ୍ତ ଅନାମ ଚରଣ ପାତ୍ର, ଏନ୍‌ଏଚଆଇର ଏକଜିକ୍ୟୁଟିଭ ଡାଇରେକ୍ଟର, ଇସିଆଇ ୱାର୍କ୍ସ ଡିପାର୍ଟମେଣ୍ଟ ଏବଂ ଅନ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ନେତାଜୀ ଯୁବ ବାହିନୀ ଓ ଜୟ ଓଡ଼ିଶା ପକ୍ଷରୁ ରକ୍ତଦାନ

**ଭୁବନେଶ୍ୱର,୩୧।୫ (ମହାଭାରତ):** ସମାଜର ହିତ ପାଇଁ ଅନବରତ କାର୍ଯ୍ୟ କରିଆସୁଥିବା, ନେତାଜୀ ଯୁବ ବାହିନୀ ଚାରିଟେବଲ୍ ଟ୍ରଷ୍ଟ ତାର ସମାଜ କଲ୍ୟାଣ ନିମନ୍ତେ ଅନେକ କାର୍ଯ୍ୟ କରିଆସିଛି। ବୃକ୍ଷ ରୋପଣ ଓ ଗୋ ସେବା ଆଦି ସହାୟତା ଓ ସେବା ଯୋଗାଇ ଆସିଛନ୍ତି। ଆଜି ଏକ ରକ୍ତଦାନ ଶିବିରର ଆୟୋଜନ କରି ରକ୍ତ ଅଭାବ ଦୂରୀକରଣ କ୍ଷେତ୍ର ଆଗକୁ ବଢ଼ିଛନ୍ତି।




ଜୟ ଓଡ଼ିଶା ସହଯୋଗରେ ଏହି ରକ୍ତଦାନ ଶିବିର ଭୁବନେଶ୍ୱରର ଗୋବିନ୍ଦ ନଗର, ଟଙ୍କପାଣି ରୋଡ୍‌ରେ ଆୟୋଜିତ ହୋଇଛି। ଏହା ଜୟ ଓଡ଼ିଶାର ରକ୍ତଦାନ ଅଭିଯାନର ଅଂଶ ଭାବରେ ଷଷ୍ଠ ରକ୍ତଦାନ ଶିବିର ଥିଲା।

ଏହି ଅବସରରେ ନେତାଜୀ ଯୁବ ବାହିନୀର ମୁଖ୍ୟ ଦେବାଶିଷ ସାମନ୍ତରାୟ କହିଛନ୍ତି; ଜୟ ଓଡ଼ିଶା ତାର ରକ୍ତଦାନ ପ୍ରୟାଶ ଦ୍ୱାରା ବିଭିନ୍ନ ସଂସ୍ଥାମାନଙ୍କ ସହ ମିଶି ରକ୍ତଦାନ ଶିବିରର ଆୟୋଜନ କରିଆସିଛି। ଆମେ ଏକ ରକ୍ତଦାନ ଶିବିରର କାର୍ଯକ୍ରମକୁ ଯାଇକି ସେଠି ଏକ ଶିବିରରୁ ଉତ୍ସାହିତ ହୋଇ ଏକ ରକ୍ତଦାନ ଶିବିର କରିବୁ ବୋଲି ନିଷ୍ପତ୍ତି ନେଇଥିଲୁ, ଯାହା ଆଜି ଆମ କର୍ମକର୍ତ୍ତା ଓ ଜୟ ଓଡ଼ିଶାର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସୁଚାରୁ ରୂପେ ସଫଳ ହୋଇସାରିଛି। ଏହିପରି ସମସ୍ତ ସଂସ୍ଥା ମିଶି କରି ୧୦୦ଟି ସଂସ୍ଥା ସହ ରକ୍ତଦାନ ଶିବିରର ଆୟୋଜନ କରିବା ଲକ୍ଷ୍ୟରେ ଛୋଟ ଛୋଟ ଶିବିରର ଆୟୋଜନ କରି ପାରିଲେ ଭବିଷ୍ୟତରେ ରକ୍ତ ଅଭାବର ସମସ୍ୟାକୁ ଏଡ଼ାଇ ପାରିହେବ। ଏହି ପ୍ରୟାସ ସମାଜ ମଧ୍ୟରେ ସଚେତନତା ବଢ଼ାଇଛି ଓ ଅନ୍ୟମାନଙ୍କୁ ଏପରି ଉଦ୍ୟମରେ ଅଂଶଗ୍ରହଣ ପାଇଁ ପ୍ରେରିତ କରିଛି।

# ମଧ୍ୟବିତ୍ତଙ୍କୁ ସୁଲଭ ମୂଲ୍ୟରେ ଘର

**ଭୁବନେଶ୍ୱର,୩୧।୫ (ମହାଭାରତ):** ଓଡ଼ିଶା ରାଜ୍ୟ ସରକାର ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ଭୁବନେଶ୍ୱରରେ ସୁଲଭ ଘର ଯୋଗାଇବାକୁ ଯୋଜନା କରିଛନ୍ତି, ଯେଉଁଠାରେ ୧୫ ଲକ୍ଷରୁ ୫୦ ଲକ୍ଷ ମୂଲ୍ୟ ମଧ୍ୟରେ ବାସସ୍ଥାନ ବିକଳ୍ପ ଉପଲବ୍ଧ। ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅନୁଯାୟୀ, ଆଗାମୀ ଯୋଜନା ଏମଆଇଜି, ଏଲଆଇଜି, ଏଲଆଇଜି-୧, ଏବଂ ଏମଆଇଜି-୨ ସମେତ ବିଭିନ୍ନ ବର୍ଗର ନାଗରିକଙ୍କ ନିଜ ଘରର ସ୍ୱପ୍ନକୁ ପୂରଣ କରିବ। ରାଜଧାନୀ ଜନଗହଳିପୂର୍ଣ୍ଣ ହେବାରେ ଲାଗିଛି। ଲୋକମାନେ ଘର ପାଇଲେ ଭୁବନେଶ୍ୱର ସହର ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ରିପୋର୍ଟ ଅନୁସାରେ, ମନ୍ତ୍ରୀ କହିଛନ୍ତି ଯେ, ସରକାର ଘର ଯୋଗାଇବାକୁ ଯାଉଥିବାରୁ ଏହାଦ୍ୱାରା ସାଧାରଣ ଗରିବ ଏବଂ ମଧ୍ୟବିତ୍ତ ପରିବାରର ରାଜଧାନୀରେ ନିଜର ଘରର ସ୍ୱପ୍ନ ପୂରଣ ହେବ। ଲଟେରୀ ମାଧ୍ୟମରେ ଘର ଯୋଗାଇ ଦିଆଯିବ।

କେଉଁ ବର୍ଗର ଲୋକମାନେ ଆବେଦନ କରିପାରିବେ ତାହାର ମାନଦଣ୍ଡ ମଧ୍ୟ ରହିବ। ଏଥିପାଇଁ ଧନୀ ଲୋକମାନେ ଆବେଦନ କରିପାରିବେ ନାହିଁ। ସରକାରଙ୍କ ଲକ୍ଷ୍ୟ ହେଉଛି ଉଚ୍ଚମାନର ଘର ଶସ୍ତାରେ ଯୋଗାଇବା। ସରକାର ପିପିପି ମୋଡ୍ରେ ଘର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଘର ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯିବ। ସରକାର ସମବାୟ ବ୍ୟାଙ୍କଗୁଡ଼ିକ ସହିତ ମଧ୍ୟ ଚୁକ୍ତି କରିବେ। ସମବାୟ ବ୍ୟାଙ୍କଗୁଡ଼ିକ ଘରଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବେ ଏବଂ ଇଏମଆଇ ସଂଗ୍ରହ କରିବେ ବୋଲି ମନ୍ତ୍ରୀ କହିଛନ୍ତି। ସରକାର ଭୁବନେଶ୍ୱରର ଉପକଣ୍ଠ ଅଞ୍ଚଳରେ ଏହି ଘରଗୁଡ଼ିକ ନିର୍ମାଣ କରିବେ। କଟକରେ ମଧ୍ୟ ଲୋକମାନେ ଘର ପାଇବେ। ସରକାର ପ୍ରଥମ ପର୍ଯ୍ୟାୟରେ ମହାନଗର ଅଞ୍ଚଳରେ ସୁଲଭ ଘର ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ଏହା ଦ୍ୱାରା ଭୁବନେଶ୍ୱର ସହରର ବିସ୍ତାର ହେବ।

# ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ବୈଠକ

**ଭୁବନେଶ୍ୱର,୩୧।୫ (ମହାଭାରତ):** ୨୦୨୫-୨୬ ଆର୍ଥିକ ବର୍ଷରେ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆରଆଇଡିଏଫ) ର ଉଚ୍ଚ କ୍ଷମତା ସଂପନ୍ନ କମିଟିର ପ୍ରଥମ ବୈଠକ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆରଆଇଡିଏଫ ପାଣ୍ଠି ସହାୟତାରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତା, ସଫଳତା ଓ କାର୍ଯ୍ୟ ଅଗ୍ରଗତି ଆଦି ସଂପର୍କରେ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ସମୀକ୍ଷା କରି ନିର୍ମାଣାଧିନ ପ୍ରକଳ୍ପଗୁଡ଼ିକର ତ୍ୱରାନ୍ୱିତ କରିବାକୁ ସେ ସଂପୃକ୍ତ ସମସ୍ତ ବିଭାଗମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ବୈଠକରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ଗ୍ରାମୀଣ ଭିତ୍ତିଭୂମିବିକାଶ ପାଣ୍ଠି ଉପଯୋଗ କରୁଥିବା ଜଳସଂପଦ ବିଭାଗ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ, କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ



ପ୍ରାଣୀସଂପଦ ବିକାଶ ଆଦି ବିଭାଗର ବରିଷ୍ଠ ପଦାଧିକାରୀଙ୍କ ସମେତ ନାବାର୍ଡ, ଓଡ଼ିଶାର ମୁଖ୍ୟ ସାଧାରଣ ପରିଚାଳକ (ସିଜିଏମ) ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୋଜନା ଓ ସଂଯୋଜନ ବିଭାଗ ତରଫରୁ ଆହୂତ ଏହି ବୈଠକରେ ଆର.ଆଇ.ଡି.ଏଫ ପାଣ୍ଠି ଅଧିନରେ ୨୦୨୪-୨୫ ବର୍ଷରେ ଏହି ପାଣ୍ଠି ଉପଯୋଗ କରୁଥିବା ବିଭିନ୍ନ ବିଭାଗର କାର୍ଯ୍ୟ ସଫଳତା ଅନୁଧ୍ୟାନ କରାଯାଇଥିଲା। ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶା ନାବାର୍ଡ ଠାରୁ ୩୮୩୬.୩୪ କୋଟି ଟଙ୍କାର ଆରଆଇଡିଏଫ୍ ଋଣ ହସଲ କରି ଦେଶରେ ଏକନମ୍ବରସ୍ଥାନ ଅଧିକାର କରିଛି।

କାର୍ଯ୍ୟକାରୀ ହୋଇଥିବା ଉଲ୍ଲେଖନୀୟ ପ୍ରକଳ୍ପ ମଧ୍ୟରୁ ଜଣାଯାଇଛି ଯେ, ଜଳସଂପଦ ବିଭାଗ ଜରିଆରେ ଗଞ୍ଜାମ ଜିଲ୍ଲାର ରାମନଦୀରେ ଜକମେରୀ ପଲ୍ଲୀଠାରେ ନିର୍ମିତ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ୩୪.୯୦ କୋଟି ଟଙ୍କା ବ୍ୟୟରେ ଶେଷ ହୋଇଛି। ଏହି ପ୍ରକଳ୍ପ ଦିଗପହଣ୍ଡି ବ୍ଲକର ୧୧ଟି ଗ୍ରାମର ୧୬,୫୦୦ ଲୋକଙ୍କୁ ପାନୀୟ ଜଳସୁବିଧା ଯୋଗାଇଦେବ। ସେହିପରି ଜଳ ସଂପଦ ବିଭାଗ ଅନ୍ତର୍ଗତ ଉଠା ଜଳସେଚନ ପ୍ରକଳ୍ପ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସେଚ୍ଚଂଚଳ ଉନ୍ନୟନ୍ନ ମାଧ୍ୟମରେ ନିର୍ମିତ ଅନ୍ୟ ବହୁ ଉଲ୍ଲେଖନୀୟ ଗ୍ରାମୀଣ ଭିତ୍ତିଭୂମି ପ୍ରକଳ୍ପ ସଂପୂର୍ଣ୍ଣ କରାଯାଇଥିବା ସଂପର୍କରେ ଉପସ୍ଥାପନ କରାଯାଇଥିଲା।

ଅନ୍ୟ ବିଭିନ୍ନ ବିଭାଗ ଜରିଆରେ ଶେଷ ହୋଇଥିବା ଉଲ୍ଲେଖନୀୟ ପ୍ରକଳ୍ପ ମଧ୍ୟରେ ପୂର୍ତ୍ତ ବିଭାଗ ତରଫରୁଅନୁଗୋଳ ଜିଲ୍ଲାର ହରିପୁର, ଉଦୟପୁର ରାସ୍ତାରେ ୩୯.୮୯ କୋଟି ଟଙ୍କା ବ୍ୟୟରେ ୫୧୧ ମିଟର ବିଶିଷ୍ଟ ହରିପୁର ନାଳା ଉଚ୍ଚସେତୁ ନିର୍ମାଣ,ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ ୫ କୋଟି ୯୬ ଲକ୍ଷ ଟଙ୍କା ବ୍ୟୟରେ ମାଲକାନଗିରି ଜିଲ୍ଲାରେ ଜାତୀୟ ରାଜପଥ-୩୨୬-ରୁ କୋକିନାଡ଼ା ଠାରୁ ପେଟାରୋଡ୍ ପର୍ଯ୍ୟନ୍ତ ୬.୮୦ କିମି. ରାସ୍ତା ନିର୍ମାଣ, ପଞ୍ଚାୟତରାଜ ଓ ପାନୀୟଜଳ ଯୋଗାଣ ବିଭାଗ ଜରିଆରେ ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ଗ୍ରାମରେ ୧୧୩.୯୮କୋଟି ଟଙ୍କା ବ୍ୟୟରେ ଏକ ବୃହତ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇଛି, ଯାହାଦ୍ୱାରା ୯ଟି ଗ୍ରାମପଞ୍ଚାୟତର ପ୍ରାୟ ୮୫୦୦ ରୁ ଊର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ।

# ବିକଶିତ ଜ୍ଞାନକୌଶଳ କୃଷକଙ୍କ ଆୟ ବୃଦ୍ଧି କରିବ

**ଭୁବନେଶ୍ୱର,୩୧।୫ (ମହାଭାରତ):** ଭାରତୀୟ କୃଷିରେ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ଭୁବନେଶ୍ୱର ଉପକଣ୍ଠ କୌଶଲ୍ୟାଗଙ୍ଗଠାରେ ଥିବା ଆଇସିଏଆର-କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ପ୍ରତିଷ୍ଠାନ (ଆଇସିଏଆର-ସିଫା), ଠାରେ 'ବିକଶିତ କୃଷି ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନ ଏକ ଆତ୍ମନିର୍ଭରଶୀଳ ଏବଂ ଦୀର୍ଘସ୍ଥାୟୀ ଭାରତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଅନୁରୂପ ହୋଇଥିବା ବେଳେ ଏହା ସାରା ଦେଶରେ ଉନ୍ନତ କୃଷି ଏବଂ ମତ୍ସ୍ୟଚାଷ ଜ୍ଞାନକୌଶଳର ବ୍ୟାପକ ଗ୍ରହଣୀୟତାକୁ ପ୍ରୋତ୍ସାହିତ କରିବ। ସମାବେଶକୁ ସମ୍ବୋଧିତ କରି ଶିବରାଜ ସିଂ ଚୌହାନ ପ୍ରଯୁକ୍ତିବିଦ୍ୟା ପ୍ରସାର, କ୍ଷମତା ନିର୍ମାଣ ଏବଂ ତୃଣମୂଳ ଯୋଗଦାନ ମାଧ୍ୟମରେ ସମଗ୍ର ଭାରତରେ ଦେଢ଼ କୋଟିରୁ ଅଧିକ କୃଷକଙ୍କ ନିକଟରେ ପହଞ୍ଚିବା ଲାଗି ଏହି ଅଭିଯାନର ଉଚ୍ଚାଭିଳାଷୀ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ମତ୍ସ୍ୟଚାଷ ଭାରତର ଖାଦ୍ୟ ସୁରକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଜୀବିକା ବିକାଶ ପାଇଁ ଏକ କାର୍ଯ୍ୟକ୍ଷମ ମାର୍ଗ ବୋଲି ସେ ଗୁରୁତ୍ୱାରୋପ କରି କହିଥିଲେ ସେ କହିଥିଲେ ଯେ ଆଇସିଏଆର-ସିଫା ଦ୍ୱାରା ବିକଶିତ ସମସ୍ତ ଜ୍ଞାନକୌଶଳ କୃଷକମାନଙ୍କ ଆୟ ବୃଦ୍ଧି ଏବଂ ଏକ ବିକଶିତ ତଥା ଦୀର୍ଘସ୍ଥାୟୀ ମତ୍ସ୍ୟଚାଷ କ୍ଷେତ୍ର ନିର୍ମାଣ ପାଇଁ ପ୍ରଭାବଶାଳୀ ଢଙ୍ଗରେ ପହଞ୍ଚିବା ଆବଶ୍ୟକ।

ଉଦଘାଟନୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ତଥା ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

ଆଇସିଏଆର ମହାନିର୍ଦ୍ଦେଶକ ତଥା ସଚିବ (ଡିଏଆରଇ) ଡକ୍ଟର ଏମ.ଏଲ ଜାଟ୍, ମତ୍ସ୍ୟ ବିଜ୍ଞାନ ଉପମହାନିର୍ଦ୍ଦେଶକ ଡକ୍ଟର ଜେ.କେ. ଜେନା, କୃଷି ସମ୍ପ୍ରସାରଣ ଉପମହାନିର୍ଦ୍ଦେଶକ ଡକ୍ଟର ରାଜବୀର ସିଂ, କୋଲକାତା ଆଇସିଏଆର-ଏଟିଏଆରଆଇ ନିର୍ଦ୍ଦେଶକ ଡକ୍ଟର ପ୍ରଦୀପ ଦେ ପ୍ରମୁଖ ଯୋଗ ଦେଇଥିଲେ।

ଶ୍ରୀ କନକ ବର୍ଦ୍ଧନ ସିଂ ଦେଓ ତାଙ୍କ ବକ୍ତବ୍ୟରେ କହିଥିଲେ, ବିକଶିତ କୃଷି ସଂକଳ୍ପ ଅଭିଯାନ ଅଭିଯାନ ଏକ ସମୟୋଚିତ ହସ୍ତକ୍ଷେପ ଯାହା ଓଡ଼ିଶାର କୃଷି ରୂପାନ୍ତରଣକୁ ତ୍ୱରାନ୍ୱିତ କରିବ ଏବଂ ନବସୃଜନ, ଭିତ୍ତିଭୂମି ଏବଂ ସଂସ୍ଥାଗତ ସହାୟତା ମାଧ୍ୟମରେ କୃଷକମାନଙ୍କୁ ସଶକ୍ତ କରିବ। ଏହି ଅବସରରେ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ବକ୍ତବ୍ୟ ରଖି, ଗ୍ରାମାଞ୍ଚଳର ଆର୍ଥିକ ବିକାଶ ଉଦ୍ଦେଶ୍ୟରେ ମାଗଣା ପ୍ରାଣୀ ଚିକିତ୍ସା ସ୍ୱାସ୍ଥ୍ୟ ସେବା ଏବଂ ସକ୍ରିୟ ପ୍ରାଣୀପାଳନ କାର୍ଯ୍ୟକ୍ରମ ମାଧ୍ୟମରେ କୃଷକ ଏବଂ ପ୍ରାଣୀପାଳକ ଚାଷୀମାନଙ୍କୁ ସଶକ୍ତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ।

ଆଇସିଏଆର ଡିଜି ଡକ୍ଟର ଏମ.ଏଲ ଜାଟ୍, ବିକଶିତ କୃଷି ସଂକଳ୍ପ ଅଭିଯାନକୁ ଏକ ଯୁଗାନ୍ତକାରୀ ଖରିଫ୍ ପୂର୍ବ ଅଭିଯାନ ଭାବେ ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ, ଏହା କୃଷକମାନଙ୍କ ଆବଶ୍ୟକତା ସହିତ ଅତ୍ୟାଧୁନିକ ବୈଜ୍ଞାନିକ ଗବେଷଣାକୁ ଯୋଡ଼ିଥାଏ। ସେ ସମସ୍ତ ଅଂଶୀଦାରମାନଙ୍କୁ ଭାରତୀୟ କୃଷିରେ ସମୃଦ୍ଧି ଏବଂ ଦୃଢ଼ତା ସୁନିଶ୍ଚିତ କରି ଏକ ବିକଶିତ ଭାରତ ପାଇଁ ବିକଶିତ କୃଷିର ଦୃଷ୍ଟିକୋଣକୁ ସାକାର କରିବା ପାଇଁ ଏକଜୁଟ ହେବାକୁ ଆହ୍ୱାନ କରିଥିଲେ।

୬୦୦ ରୁ ଅଧିକ କୃଷକ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଚାଷୀ ଏହି ବୈଜ୍ଞାନିକ-କୃଷକ ବାର୍ତ୍ତାଳାପ ଅଧିବେଶନରେ ଅଂଶଗ୍ରହଣ କରିଥିଲେ୍ୟ ସେମାନେ ଦୀର୍ଘସ୍ଥାୟୀ ପଦ୍ଧତି, ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ କୃଷି ଓ ଜଳ ଜୀବ ଚାଷ ପାଇଁ ସମନ୍ୱିତ ଆଭିମୁଖ୍ୟ ବିଷୟରେ ଅନ୍ତର୍ଦୃଷ୍ଟି ହାସଲ କରିଥିଲେ।

# ଭାରତୀୟ ନୌସେନା ଓ ତଟରକ୍ଷୀ ସହ କିଟ୍‌ର ବୁଝାମଣା

**ଭୁବନେଶ୍ୱର,୩୧।୫ (ମହାଭାରତ):** ଶିକ୍ଷାଗତ ସଶକ୍ତିକରଣ ଏବଂ ଅନ୍ତର୍ଭୁକ୍ତିମୂଳକ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ପଦକ୍ଷେପ ସ୍ୱରୂପ, କିଟ୍ ବିଶ୍ୱବିଦ୍ୟାଳୟ, ଭାରତୀୟ ନୌସେନା ଓ ଭାରତୀୟ ତଟରକ୍ଷୀ ମଧ୍ୟରେ ଦୁଇଟି ଅଲଗା ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣାପତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ଏବଂ ନୌସେନା ସ୍ତ୍ରୀ କଲ୍ୟାଣ ସଂଘର ସଭାପତି ଶଶି ତ୍ରିପାଠି ଏବଂ ନୌସେନା ଶିକ୍ଷା ଅଧିକାରୀ କମୋଡୋର ଏସଏମ ଉରୁଜ ଆଥାର ସ୍ୱାକ୍ଷର କରିଛନ୍ତି। ଏହା ବୁଝାମଣାପତ୍ର ଅନୁସାରେ କିଟ୍ ବିଶ୍ୱବିଦ୍ୟାଳୟରେ ନୌସେନା କର୍ମଚାରୀ ଏବଂ ସେମାନଙ୍କ ପରିବାର ପିଲାଙ୍କ ପାଇଁ ଛାତ୍ରବୃତ୍ତି, ଟ୍ୟୁସନ୍ ଫି ଛାଡ ଏବଂ ବିଭିନ୍ନ ପାଠ୍ୟକ୍ରମରେ ସିଟ୍ ସଂରକ୍ଷିତ ରଖାଯିବ। ସେମାନଙ୍କ ପିଲାଙ୍କ ପାଇଁ ଏମବିବିଏସ ପାଠ୍ୟକ୍ରମରେ ଦୁଇଟି ସିଟ୍ ପାଇଁ ୧୦ ପ୍ରତିଶତ ଟ୍ୟୁସନ୍ ଫି ଛାଡ, ବିଡିଏସ ଏବଂ ବିଏସସି ନର୍ସିଂରେ ୫ଟି ସିଟ୍ ସଂରକ୍ଷଣ, ବିଟେକ (କମ୍ପ୍ୟୁଟର ବିଜ୍ଞାନ ଏବଂ ଆନୁସଙ୍ଗିକ ପାଠ୍ୟକ୍ରମ)ରେ ୪ଟି ସିଟ୍ ସଂରକ୍ଷଣ ଏବଂ କାର୍ଯ୍ୟରତ ନୌସେନା ଅଧିକାରୀଙ୍କ ପିଲାମାନଙ୍କ ପାଇଁ ଅନ୍ୟ ସମସ୍ତ ଅଣ-ଡାକ୍ତରୀ ପାଠ୍ୟକ୍ରମରେ ୫୦ ପ୍ରତିଶତ ଇନ୍‌ଷ୍ଟିଚ୍ୟୁସନାଲ୍ ଫି ଛାତ୍ରବୃତ୍ତି ସହ ସେମାନଙ୍କୁ ଆବଶ୍ୟକ ସିଟ୍ ପ୍ରଦାନ କରାଯିବ। ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ତଟରକ୍ଷୀର କୋଷ୍ଟଗାର୍ଡ ୱେଲଫେୟାର ଆଣ୍ଡ ୱେଲ୍‌ନେସ୍ ସଂଘ ମଧ୍ୟରେ




ଅନ୍ୟଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏଥିରେ ମଧ୍ୟ ଭାରତୀୟ ତଟରକ୍ଷୀରେ କର୍ମଚାରୀଙ୍କ ପିଲାଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟରେ ଇନ୍‌ଷ୍ଟିଚ୍ୟୁସନାଲ୍ ଫି ଉପରେ ୧୦ ପ୍ରତିଶତ ବୃତ୍ତି ସହ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ୨ଟି, ବିଡିଏସ୍‌ରେ ୫ଟି, ବିଏସ୍‌ସି ନର୍ସିଂରେ ୫ଟି ସିଟ୍ ସଂରକ୍ଷିତ ରଖାଯିବ।

# ଋତୁସ୍ରାବ, ଈଶ୍ୱରଙ୍କ ପ୍ରଦତ୍ତ ଆଶୀର୍ବାଦ

**ଭୁବନେଶ୍ୱର,୩୧।୫ (ମହାଭାରତ):** ସମାଜରୁ ଋତୁସ୍ରାବ ଜନିତ ନୀରବତା ଭାଙ୍ଗିବାକୁ ପଡିବ ବୋଲି ଗୁରୁବାର ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା




ଓ ଶିଶୁ ପ୍ରତିଷ୍ଠାନରେ ଆୟୋଜିତ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳନ ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମତବ୍ୟକ୍ତ କରିଛନ୍ତି। ଆଇନା ଏନଜିଓ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ସହଭାଗିତାରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଋତୁସ୍ରାବ, ମହିଳାମାନଙ୍କୁ ଈଶ୍ୱରଙ୍କ ପ୍ରଦତ ଆଶୀର୍ବାଦ ବୋଲି ଦୃଢ଼ ମତ ରଖିଛନ୍ତି। ସମାଜରେ ଋତୁସ୍ରାବ ଅନୁକୂଳ(ପିରିୟଡ ଫ୍ରେଣ୍ଡଲି) ପରିବେଶ ସୃଷ୍ଟି କରିବା ପାଇଁ ପ୍ରତି ସର୍ବସାଧାରଣ ସ୍ଥାନରେ ଏକ ମହିଳା ଅନୁକୂଳ (ୱିମେନ ଫ୍ରେଣ୍ଡଲି) ଜୋନ ସୃଷ୍ଟି କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଋତୁସ୍ରାବ ଜନିତ ଅନ୍ଧବିଶ୍ୱାସ ସହ ଲଢିବା ପାଇଁ ଆମକୁ ତୃଣମୂଳସ୍ତରରେ ପରିବର୍ତନ ଆଣିବା ସହ ଆମର ନିଜର ମାନସିକତାରେ ମଧ୍ୟ ପରିବର୍ତନ ଆଣିବାକୁ ପଡିବ। ଘରର ମା' ମାନେ ମଧ୍ୟ ପୁଅ ଅପେକ୍ଷା ଝିଅମାନଙ୍କୁ ଅଧିକ ଯତ୍ନ କରିବା ଦରକାର। ଏହା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ସ୍ୱଚ୍ଛ ଶୌଚଳୟ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଋତୁସ୍ରାବ ଭଳି ସମ୍ବେଦନଶୀଳ ବିଷୟ ଆଗକୁ ଆଣିଥିବାରୁ ଆଇନା ଏନଜିଓ ଓ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀଙ୍କୁ ଶ୍ରୀମତୀ ପରିଡା ଧନ୍ୟବାଦ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଋତୁସ୍ରାବ ଜନିତ ଅସୁବିଧାଗୁଡିକୁ ବର୍ଣ୍ଣନା କରିବା ସହ ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ପଦକ୍ଷେପଗୁଡିକୁ ଉଲ୍ଲେଖ କରିଥିଲେ।

# ସୈନ୍ୟ ବାହିନୀଙ୍କର ପରାକ୍ରମକୁ ସମ୍ମାନ ଜଣାଇଲା କଂଗ୍ରେସ



**ଭୁବନେଶ୍ୱର,୩୧।୫ (ମହାଭାରତ):** ଗତ ଏପ୍ରେଲ ୨୨ ତାରିଖ ପହଲଗାମ ଅଞ୍ଚଳରେ ପାକିସ୍ଥାନ ଦ୍ୱାରା ପ୍ରେରିତ ଆତଙ୍କବାଦୀଙ୍କ ବନ୍ଧୁକ ମୁନରେ ଅକାଳ ଓ ଅକାରଣରେ ୨୬ ଜଣ ପର୍ଯ୍ୟଟକଙ୍କ ଜୀବନ ଯାଇଥିଲା । କେନ୍ଦ୍ର ସରକାର ଅପରେସନ ସିନ୍ଦୁର ଘୋଷଣା କରି ଆତଙ୍କବାଦୀମାନଙ୍କ ବିରୁଦ୍ଧରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ପ୍ରତିଆକ୍ରମଣ ଭିତରେ ଭାରତ ବର୍ଷର ତିନି ସୈନ୍ୟବାହିନୀର ଯବାନ, ଅଧିକାରୀ ମାନେ ଅଦମ୍ୟ ସୌର୍ଯ୍ୟ,ବିର୍ଯ୍ୟ ଓ ପରାକ୍ରମ ପ୍ରଦର୍ଶନ କରିଥିଲେ। ଆଜି ସୈନ୍ୟବାହିନୀଙ୍କର ଏହି ସୌର୍ଯ୍ୟ,ବିର୍ଯ୍ୟ ଓ ପରାକ୍ରମର ସମ୍ମାନରେ ଜୟହିନ୍ଦ ସଭା ମାଧ୍ୟମରେ ସାରା ଦେଶରେ ସ୍ମୃତି ଚାରଣ କରାଯାଇଛି। ଏହି ଅବସରରେ ରାଜ୍ୟ କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନ ସମ୍ମୁଖରେ ଏକ ବିଶାଳ ଜୟହିନ୍ଦ ସଭା ଆୟୋଜ କରାଯାଇଥିଲା।

ଉକ୍ତ ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ବରିଷ୍ଠ ଲୋକସଭାର ସାଂସଦ ଦିପେନ୍ଦର ସିଂ ହୁଡ୍ଡା, ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଂଟିଆ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ବିଜୟଲକ୍ଷ୍ମୀ ସାହୁ, ଶିବାନନ୍ଦ ରାୟ, ଅମର ପ୍ରଧାନ, ନଗେନ୍ଦ୍ର ପଧାନ, ସୁରେଶ କୁମାର ରାଉତରାୟ, ରଞ୍ଜିବ ବିଶ୍ୱାଳ, ଅନନ୍ତ ପ୍ରସାଦ ସେଠୀ, ସନ୍ତୋଷ ସିଂ ସାଲୁଜା, ବିଧାୟକ ତାରାପ୍ରସାଦ ବାହିନୀପତି, ରମେଶ ଜେନା ଓ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଓଡ଼ିଶାର ୨୦ଜଣ ଅବସରପ୍ରାପ୍ତ ତିନି ସେନାର ପ୍ରମୁଖ ବୀର ଜବାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଥିଲେ । ପୂର୍ବତନ ସୈନିକ ତଥା କଂଗ୍ରେସ ବିଧାୟକ ଦଳ ଉପନେତା ସି ଏସ ରାଜନ ଏକ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିପେନ୍ଦର ସିଂ ହୁଡ୍ଡା ଏହି ସଭାରେ ବକ୍ତବ୍ୟ ରଖି କହିଥିଲେ ଯେ ଦେଶର ସୈନ୍ୟବାହିଙ୍କର ତ୍ୟାଗ ଓ ବଳିଦାନକୁ ଏ ଦେଶ କେବେହେଲେ ବ୍ୟର୍ଥ ଦେବ ନାହିଁ ।

# ନକଲି ସାର୍ଟିଫିକେଟ

ନକଲି ବା ଭେଜାଲ ବେପାରରେ ଏତେ ଲାଭ ଯେ ଏଥିରେ ଯିଏ ଥରେ ପଶିଛି ସେ ଏହାର ମୋହ ଛାଡ଼ିପାରୁନି। କାଁ ଭାଁ କିଏ କେମିତି ଧରାପଡ଼ି କିଛି ଦିନ ପାଇଁ ଜେଲ ଯାଉଛନ୍ତି, ପୁଣି ଜେଲରୁ ବାହାରି ପୂର୍ବ ପରି ଭେଜାଲ କାରବାର ଚଳାଉଛନ୍ତି। କଟକ ବା ଅନ୍ୟତ୍ର କେତେବେଳେ କେମିତି ନକଲି ସାମଗ୍ରୀ ପ୍ରସ୍ତୁତ କାରଖାନା ଉପରେ ଚଢ଼ାଉ କରାଯାଇ କିଛି ସାମଗ୍ରୀକୁ ସିଲ କରାଯାଉଛି, କିଛି ଲୋକଙ୍କୁ ଗିରଫ କରାଯାଉଛି। କିନ୍ତୁ ତଥାପି ନକଲି କାରବାର କମୁନି ବରଂ ଏହା ଦିନକୁ ଦିନ ବଢ଼ି ଚାଲିଛି। ମାତ୍ର ୧ ପ୍ରତିଶତ ଅପରାଧି ଧରାପଡୁଛନ୍ତି, କିନ୍ତୁ ଆଇନର ଫାଙ୍କ ଦେଇ ଖସି ଯାଉଛନ୍ତି। ଏଥିପାଇଁ କଡ଼ା ଆଇନ ଏବଂ ଚୀନ ଭଳି କଠୋର ଦଣ୍ଡ ବ୍ୟବସ୍ଥା ରହିବା ଉଚିତ। ଏହା ଦ୍ୱାରା କେହି ଏଭଳି କାରବାର କରିବାକୁ ସାହସ କରିବେ ନାହିଁ। କିନ୍ତୁ ସରକାର ଏହାକୁ କେବେ ଗୁରୁତ୍ୱର ସହ ନେଉ ନାହାଁନ୍ତି ବା ନକଲି କାରବାର ରୋକିବାକୁ ସରକାରଙ୍କ ନିକଟରେ ଇଚ୍ଛାଶକ୍ତିର ଘୋର ଅଭାବ ରହିଛି ବୋଲି ସ୍ୱୀକାର କରିବାକୁ ପଡ଼ିବ। ନଚେତ ନକଲି କାରବାର ବା ଭେଜାଲ କାରବାର ରୋକିବାକୁ କାହିଁକି କଡ଼ା ଆଇନ ହେଉନାହିଁ ? ନକଲି ଘିଅଠାରୁ ଆରମ୍ଭ କରି ନକଲି ମଦ, ନକଲି ଡିଜେଲ ପର୍ଯ୍ୟନ୍ତ ସବୁ କିଛି ଏଠାରେ ନକଲି ମିଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହିସବୁ ଭେଜାଲ ବା ଅପମିଶ୍ରିତ ସାମଗ୍ରୀ ମଣିଷର ଜୀବନ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ରହୁଛି। ଅନେକ ଭେଜାଲ ସାମଗ୍ରୀ ଖାଇବା ଫଳରେ ଗୁରୁତର ରୋଗର ଶୀକାର ହେଉଛନ୍ତି। ଅସଲି ତେଲ, ଘିଅ ଏବେ ବଜାରରେ ମିଳିବା କଷ୍ଟକର ହେଲାଣି। ଚା' ପତିଠାରୁ ଆରମ୍ଭ କରି ବେସନ, ହଳଦୀ ଗୁଣ୍ଡ ପର୍ଯ୍ୟନ୍ତ ସବୁ ପ୍ରକାର ଖାଦ୍ୟ ସାମଗ୍ରୀ ଭେଜାଲ ହେଉଛି। ସବୁଜ ପନିପରିବା ବୋଲି ଯାହାକୁ ଆମେ ଆଗ୍ରହର ସହିତ କିଣି ଖାଉଛୁ, ସେଥିରେ ସବୁଜ ରଙ୍ଗ ବୋଳାଯାଉଛି। ଏସବୁ ଜୀବନ ପ୍ରତି ବିପଦର କାରଣ ହେଉଛି। ଭେଜାଲ ଖାଦ୍ୟ ସାମଗ୍ରୀ ବିକ୍ରି କରିବା ନରହତ୍ୟା ସହ ସମାନ। ଏହା ଏକ ଗର୍ହିତ ଅପରାଧ। ଏଥିପାଇଁ କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ନକଲି କାରବାର କେବଳ ଏତିକିରେ ସୀମିତ ନୁହେଁ। ନିକଟରେ ବଲାଙ୍ଗୀରରେ ଏକ ନକଲି ସାର୍ଟିଫିକେଟ ର୍ୟାକେଟ ଧରାପଡ଼ିଛି। ଏକ କମ୍ପ୍ୟୁଟର ସେଣ୍ଟର ଉପରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ନକଲି ସାର୍ଟିଫିକେଟ ଏବଂ ଏହାର ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ଏବଂ ଲକ୍ଷାଧିକ ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତ ୨୦ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହାର ଚେର ରାଜ୍ୟର ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ବ୍ୟାପିଛି। ଏହି ନକଲି ସାର୍ଟିଫିକେଟ ଏତେ ଅସଲି ଭଳି ଜଣାପଡୁଛି ଯେ, ଏହାକୁ କେହି ସହଜରେ ଜାଣିପାରିବେ ନାହିଁ। ଏହି ନକଲି ସାର୍ଟିଫିକେଟ ଦେଖାଇ ଅନେକ ସରକାରୀ ଚାକିରୀ ମଧ୍ୟ କରିଛନ୍ତି। ଫଳରେ ଅନେକ ଯୋଗ୍ୟ ଛାତ୍ରଛାତ୍ରୀ ଅନ୍ୟାୟର ଶୀକାର ହେଉଛନ୍ତି। ଜଣେ ମାସ ମାସ ଧରି କଠିନ ପରିଶ୍ରମ କରି ଯାହା ପାଇପାରୁନି, ଆଉ ଜଣେ କିଛି ଟଙ୍କା ପ୍ରତିବଦଳରେ ଆଦୌ ପରିଶ୍ରମ ନକରି ତାହା ପାଇପାରୁଛି। ଏହା ଅନ୍ୟର ଅଧିକାର ଅପହରଣ କରିବା ସହ ସମାନ। ଏଭଳି ନକଲି ସାର୍ଟିଫିକେଟ କାରବାର ସାରା ଭାରତରେ ଚାଲିଛି। ଅନେକ ବର୍ଷ ହେବ ଚାଲିଆସୁଛି। କିଛି ବ୍ୟକ୍ତି ନକଲି ସାର୍ଟିଫିକେଟ ଦ୍ୱାରା ଚାକିରୀ କରି ଅବସର ନେଇ ସାରିଲେଣି। ଅନେକ ଯୋଗ୍ୟ ବ୍ୟକ୍ତି ଏଥିରୁ ବଂଚିତ ହୋଇ ଆତ୍ମହତ୍ୟା କରୁଛନ୍ତି। ଆଉ ନକଲି ସାର୍ଟିଫିକେଟ ପ୍ରସ୍ତୁତକର୍ତ୍ତା କୋଟିପତି ହୋଇଯାଉଛନ୍ତି। କୋହଳ ଦଣ୍ଡ ବ୍ୟବସ୍ଥା ଯୋଗୁ ଏଭଳି ଅପରାଧ ବଢ଼ିଚାଲିଛି ଯାହା ସମଗ୍ର ଦେଶ ଏବଂ ସମାଜ ପାଇଁ ବିପଜ୍ଜନକ।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

**॥ ଡାକ୍ତର କାନ୍ତୀ ନାୟକ ॥**

*ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।*

ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ୟ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ୍ୟ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ୍ୟ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ୍ୟ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିଙ୍କୁ ମଧ୍ୟ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସିଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସିଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ ଏକ୍ସିଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ୍ୟ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗଙ୍କୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ୍ୟ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସିଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିଙ୍କୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

# ବର ଓ କନ୍ୟାଙ୍କର ଘର ଏକ ସରଳ ରେଖାର ଦୁଇ ମୁଣ୍ଡ

**॥ ଅଜୟ କୁମାର ବେହେରା ॥**

ସରଳ ରେଖା ଓ ବକ୍ରରେଖା ଅତିକମରେ ରେଖାର ଦୁଇଧାରା, ଦିଗଦୃଷ୍ଟେ ଚାରି ଦିଗ ପାଇଁ ଚାରି ରେଖା। କୋଣ ଦୃଷ୍ଟେ ଚାରି ରେଖା ଏମିତି ଆଠ ରେଖା। ପ୍ରତ୍ୟେକଙ୍କ ଜନ୍ମ ସ୍ଥାନର ଅକ୍ଷାଂଶ ଓ ଦ୍ରାଘିମା ସମ୍ବନ୍ଧ ରହିଛି। ରେଖା ସରଳ ହେଲେ ବି ରାସ୍ତା ଉଭୟଙ୍କୁ ଉଭୟ ସ୍ଥାନରେ ପହଞ୍ଚିବାକୁ ବକ୍ର ପଥ ନିଶ୍ଚୟ ଥିବ। ଯେଉଁମାନେ ବରକନ୍ୟାଙ୍କର ବାସସ୍ଥାନର ଅକ୍ଷାଂଶ ଦ୍ରାଘିମା ଓ ତତବିଧି ଷ୍ଟାଣ୍ଡର୍ଡ଼ ସମୟ ବା ସ୍ଥାନୀୟ ନେଇ କିଛି ସମୟ ଧାର୍ଯ୍ୟ ରଖି କୁଣ୍ଡଳୀ କରି କେବଳ ଚନ୍ଦ୍ର ଓ ନକ୍ଷତ୍ରରୁ ମେଳକ ଧାର୍ଯ୍ୟ କରି ଅଧିକ ଅଙ୍କର ମେଳକ ନେଉଛନ୍ତି ତାଙ୍କୁ ଅନେକ ବାକି କଥା ଛାଡ଼ି ଦେଉଛନ୍ତି।

କନ୍ୟାର ଜନ୍ମଦିନରେ ଚନ୍ଦ୍ରସ୍ଥିତ ରାଶି ଓ ୧ମ ରଜୋଦର୍ଶନ ଦିନର ତିଥି ବାର ନକ୍ଷତ୍ର ଯୋଗକରଣ ଲଗ୍ନଦି ବିବାହ ସୁଖ ପାଇଁ ବିଚାରକୁ ନେବା ଦରକାର ତାହା କରାଯାଉନାହିଁ। ବିଷ ପୁରୁଷ ଓ ବିଷ କନ୍ୟା ଦୁଇଟି ଗ୍ରହ ନକ୍ଷତ୍ର ସମ୍ବନ୍ଧରୁ ଧରାଯାଏ। ବିଷ ହିଁ ସାଂସାରିକ ଜୀବନରେ ଜ୍ୱଳା ଦିଏ। ଜ୍ୟୋତିଷମାନେ କେବଳ ଜାତକ ଜନ୍ମଦିନର ବିବରଣୀରୁ କରି ଦେଇ ପାଉଣା ନେଇଯାଆନ୍ତି ସିନା ଜଟିଳ ଜନ୍ମ ସମୟର କୌଣସି ବ୍ୟବସ୍ଥା କରନ୍ତି ନାହିଁ। ଯାହା ବିଷ ଦ୍ରୁମ ରୂପନେଇ ସାଂସାରିକ ଜୀବନ ଉଛନ୍ନ ପରେ କରାଏ। ବିବାହ ଦିନର ମାସ ସମ୍ବନ୍ଧ ନକ୍ଷତ୍ର ସମ୍ବନ୍ଧ ଯୋଗ ସମ୍ବନ୍ଧ କରଣ ସମ୍ବନ୍ଧ ପଞ୍ଚଶାଳକ ବିଦ୍ଧି ବି ଦେଖାଯାଇ ପାଞ୍ଜିରେ ବିବାହ ତିଥି କେବଳ ଲେଖାଯାଇଛି ଏଥର ଲଗ୍ନାଦି ୧୨ଶ ଭାବର ତତକାଳ ଜଟିଳତାକୁ କୌଣସି ଜ୍ୟୋତିଷୀ ତର୍ଜନା କରନ୍ତି ନାହିଁ ପୁରୋହିତମାନେ ଜ୍ୟୋତିଷ ଶାସ୍ତ୍ରରେ ଅଭିଜ୍ଞ ଏତେ ନୁହଁନ୍ତି ସେମାନେ ଅମୃତ, ମାହେନ୍ଦ୍ର ସମୟରେ ହିଁ ବିବାହ ଶେଷ ହାତଗଣ୍ଠି କରି ଦେଇ କାମ ଫତେ କରିଥାନ୍ତି। ପ୍ରକୃତରେ କେଉଁ ଲଗ୍ନରେ ବିବାହ କରାଯିବ ସେ ଦିନ ବିଚାରକୁ ନେବାକୁ ପଡ଼େ। ଯେଉଁ ସରଳ ରେଖାରେ ଦୁଇ ଜଣଙ୍କର ବାସ ସ୍ଥାନ ରହିଛି ବରାନୁଗମନରେ ମଙ୍ଗଳ କର୍ମ ପାଇଁ ବର ବାହାରେ ତାର ଯାତ୍ରା କଲ୍ୟାଣ ମଣ୍ଡପ ନୁହଁ କନ୍ୟା ଘର ଦିଗରେ ତିଥି ଯୋଗ୍ନୀ ବାଧା ଦେବ କି ? ଏହା ବିଚାର କରାଯାଉନାହିଁ ସେହିପରି କନ୍ୟା ବରଘରେ ପ୍ରବେଶ ବେଳକୁ ଯୋଗିନୀ ସ୍ଥିତି ସପକ୍ଷ କି ବିପକ୍ଷ ଦେଖାଯାଉନାହିଁ। ସ୍ୱାମୀ ସ୍ତ୍ରୀଙ୍କର ପ୍ରଥମ ମିଳନ ସମୟ ଉଭୟଙ୍କର ଘାତଲଗ୍ନ ୮ମ ଲଗ୍ନ ମାସଶୂନ୍ୟ ଲଗ୍ନ ତିଥି ଶୂନ୍ୟ ଲଗ୍ନ ଆଦି ବିଚାର କରାଯାଉନାହିଁ। ଏସବୁ ପ୍ରଚ୍ଛନ୍ନ ମଧ୍ୟରେ ବିଚାରକୁ ଅଣାଯିବା ସହିତ ପ୍ରତି ବିବାହ ଏବେ ପୋଲିଶ ଥାନାର ଅନୁମତି ଦରକାର ଯାହା ଜାତକ ଜାତିକାଙ୍କର ଜାତକର ମଙ୍ଗଳ ସ୍ଥିତି ଓ ତତକାଳ ଗୋଚର ମଙ୍ଗଳର ସ୍ଥିତିର ଶୁଭ ଅଛି କି ଅଶୁଭ ଅଛି ବୁଝାଯାଏନାହିଁ।

ଉଗ୍ର ଗ୍ରହମାନେ ୭ମରେ ରହିଲେ କ୍ଷତିକରେ ହେଲେ ଦିବା ବିବାହରେ ଅଭିଜିତ ମୁହୂର୍ତ୍ତ (ବୁଧବାର ବାଦ) ବ୍ରହ୍ମ ମୁହୂର୍ତ୍ତ, ଗୋଧୂଳୀ ସମୟ ପରି ମୁହୂର୍ତ୍ତରେ ଲଗ୍ନ ନମିଳିଲେ ବିବାହ ପ୍ରତିକାର ସହ କରାଯାଏ। କାମାତୁର ଯୋଡ଼ି ୧ମ ମିଳନରେ କାଳବେଶ କାଳରାତ୍ରୀ ବୋଧ କରିନଥାନ୍ତି। ପରେ କଳାମୟ ଯୌବନ ଭୋଗ ହୋଇପାରେ। ପ୍ରତି ଯୁବକ ବା ଯୁବତୀ ବିବାହ ପୂର୍ବରୁ ଗୁରୁଦୀକ୍ଷା ବା ଉପନୟନ ସଂସ୍କାର ହୋଇ ବିବାହ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ଜୀବନ ରକ୍ଷା କରିବା ବିଧି ମାତ୍ର ବର୍ତ୍ତମାନ ବେପରୁଆ ଜୀବନ ଦାମ୍ପତ୍ୟ ଜୀବନ ଦୁର୍ବିସହ କରାଉଛି। ଅଗ୍ନୀ ସାକ୍ଷୀ ବିପ୍ରବାକ୍ୟ ପ୍ରିୟଜନ ମେଳରେ ବିବାହ ମୁହୂର୍ତ୍ତ ଥାଏ। ଏହାର ଶପଥ ବରକନ୍ୟା ଭୁଲିଯାଇ ପରସ୍ପର ଆରୋପରେ ଆସୁଛନ୍ତି। ଏହା ଧର୍ମଜ୍ଞାନ ହରାସ୍ଥିତି। ପୂର୍ବେ ଡାକଘରେ ଡାକ ପିଅନ ବେରିଂ ଚିଠି ନେଇ ଆସୁଥିଲେ। ପୋଷ୍ଟକାର୍ଡ଼ ଅର୍ନ୍ତଦେଶୀୟ ଚିଠି, ବରାମ ଚିଠି ନେଇ ଆସୁଥିଲେ। କୌଣସି ଅଘଟଣ ଝିଅଟିକୁ ଶାଶୁଘରେ ହେଲେ ଚିଠି ଟିଏ ପକାଇଲେ କିଛି ଦିନ ପରେ ମାଆ ବାପାଙ୍କୁ ମିଳୁଥିଲା। ବର୍ତ୍ତମାନ ଯୋଗାଯୋଗ ବିଦ୍ୟା ଏତେ ସମୃଦ୍ଧ ଯହିଁରେ କୌଣସି ଶାଶୁଘରରେ ବୋହୁ ଉପରେ କିଛି ଚାପ କଳିତର୍କ ହେଲେ ସାଥି ସାଥି ଟେଲିକାଷ୍ଟ ହୋଇ ଦୁଇ ପରିବାର ମଧ୍ୟରେ ଆଇନ ଆଶ୍ରା ହେଉଛି। ଯହିଁରେ ଉଭୟ ମିଥ୍ୟାରୋପ ଲଗାଉଛନ୍ତି। ଦମ୍ପତି କଳହ କିଛି ସମୟ ବ୍ୟବଧାନରେ ମିଟେ ହେଲେ ସମୟ କେହି କାହାକୁ ଦେଉନାହାଁନ୍ତି। ପୁରୁଷଙ୍କ ଧନ ଅର୍ଜନ ଓ ନାରୀର ବୟସ ଲୁଚାଯାଏ। ଏବେ ଅନେକ କ୍ୱାକ ଜ୍ୟୋତିଷ କମ୍ପ୍ୟୁଟରରେ କନ୍ୟାର ବୟସ ରାଶି ଆଦି ବଦଳାଯାଇ ମେଳକ ଯୋଗ୍ୟ କରୁଛନ୍ତି ଏହା ବି ଏକ ସମସ୍ୟା। ପୂର୍ବେ ବନ୍ଧୁବାନ୍ଧବ ପରିଜନ ସ୍ଥାନରେ କନ୍ୟାର ବିବାହ ଦିଆଯାଉଥିଲା ଏବେ ପରିଚିତରେ କଲେ ବରପକ୍ଷଙ୍କୁ କାଳେ ଯୌତୁକ ଧନ ନମିଳିବ ଏ ପାଇଁ ଅପରିଚିତ ସ୍ଥାନରେ ବିବାହ ସମ୍ବନ୍ଧ କରାଯାଉଛି ଏହାପରେ ମନ ମାଳିନ୍ୟର କାରଣ ହେଉଛି। ପାଠପଢ଼ିଲେ ବୁଦ୍ଧିଜ୍ଞାନ ବଢ଼େ ମାତ୍ର ପର ହେଉ ବା କନ୍ୟା ପାଠପଢ଼ି ଭୁଲ ପଥରେ ଯାଇ ସ୍ୱ ଜୀବନ ଯୌବନ ଉପଭୋଗ ସମୟ ନଷ୍ଟ କରୁଛନ୍ତି। ସବୁ ପ୍ରକାର ଜ୍ଞାନରେ ବିବାହ ସମ୍ବନ୍ଧ ଭଲ କରି ବିଚାର କରି ବରପକ୍ଷ କନ୍ୟାପକ୍ଷ ଆଗେଇଲେ ସର୍ବମଙ୍ଗଳ ହୋଇପାରେ। କର୍ମକାଣ୍ଡରେ ସବୁ ପ୍ରକାର ପ୍ରତିକାର ପ୍ରାୟଶ୍ଚିତ ଅଛି ଭଲ କର୍ମକାଣ୍ଡ ବ୍ରାହ୍ମଣର ପରାମର୍ଶ ନିର୍ଦ୍ଦିଷ୍ଟ ସମୟ ପାଇଁ ନେଇ ଶାନ୍ତ କରିପାରିବେ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# କାଗଜ କଲମରେ ନାଟକର ବିକାଶ

**॥ ଅଭୟ କୁମାର ଦାସ ॥**

ଆନ୍ତର୍ଜାତୀୟ ରଙ୍ଗମଞ୍ଚ ସଂସ୍ଥା ଆନୁକୂଲ୍ୟରେ ୧୯୬୧ରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ପାଳନ କରାଯାଉଛି ବିଶ୍ୱ ନାଟ୍ୟ ଦିବସ। ପ୍ରଥମ ନାଟ୍ୟ ଦିବସ ହେଲସିଙ୍କିରେ ଏବଂ ପରବର୍ତ୍ତୀ ଦିବସ ଭିଏନାରେ ଅନୁଷ୍ଠିତ ହେବା ପରେ ଏହି ଦିବସ ପାଳନର ଲୋକପ୍ରିୟତା ବଢ଼ିଥିଲା। ସଂପ୍ରତି ବିଶ୍ୱର ବିଭିନ୍ନ ଅଞ୍ଚଳରେ ଥିବା ଅନ୍ତର୍ଜାତୀୟ ରଙ୍ଗମଙ୍ଗ ସଂସ୍ଥାର ଶାଖା କେନ୍ଦ୍ରଗୁଡ଼ିକରେ ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ସ୍ୱାଭାବିକ ଭାବେ ଅନ୍ତର୍ଜାତୀୟ ସାଂସ୍କୃତିକ ଶାନ୍ତି ସଂହତି ପାଇଁ ମଞ୍ଚ ନାଟକ ପରିବେଷିତ ହେଉଛି। ରଙ୍ଗମଞ୍ଚ ବା ମଞ୍ଚନାଟକର ଇତିହାସ ୨୫୦୦ ବର୍ଷ ପ୍ରାଚୀନ। ପାଶ୍ଚାତ୍ୟ ମଞ୍ଚନାଟକର ସୃଷ୍ଟି ଗ୍ରୀସରେ ହୋଇଥିଲା। ରୋମାନ୍‌ମାନେ ପ୍ରାଚୀନ ମଞ୍ଚନାଟକକୁ ନବ ରୂପ ଦେଇଥିଲେ।

କଥାରେ ଅଛି, ଜୀବନ ଏକ ରଙ୍ଗମଞ୍ଚ। ଏହି ରଙ୍ଗମଞ୍ଚରେ ଆମେ ସମସ୍ତେ ଜଣେ ଜଣେ କଳାକାର। ଥିଏଟର (ରଙ୍ଗମଞ୍ଚ) ଏଭଳି ଏକ ସ୍ଥାନ, ଯେଉଁଠାରୁ ବ୍ୟକ୍ତି ଅନେକ ଘଟଣାକୁ ନିଜ କଳା ମାଧ୍ୟମରେ ଦୁନିଆ ସାମ୍ନାକୁ ଆଣିବାରେ ସକ୍ଷମ ହୋଇଥାଏ। ରଙ୍ଗମଞ୍ଚ ଏଭଳି ଏକ ଶକ୍ତି, ଯେଉଁଠାରୁ କଳାର ଗାରିମା ପ୍ରସ୍ଫୁଟିତ ହୋଇଥାଏ। ଯେଉଁଠାରେ କଳାକାର ନିଜ ଅଭିନୟ ମାଧ୍ୟମରେ ଏକ ଅଭୁଲା ଛାପ ଛାଡ଼ିଥାଏ। ୧୯୧୩ରେ ଦାଦା ସାହେବ ଫାଲ୍‌କେଙ୍କ ଦ୍ୱାରା ନିର୍ମିତ ଫିଲ୍ମ ରାଜା ହରିଶ୍ଚନ୍ଦ୍ରରେ ମଣିଷ ଭିତରେ ଲୁଚିଥିବା ପ୍ରକୃତ କଳାର ଚିହ୍ନଟ କରାଯାଇଥିଲା। ଏହା ଏକ ସାଇଲେଣ୍ଟ ଫିଲ୍ମ ଥିଲା। କିନ୍ତୁ ଆଜି ବି ତାହା ପ୍ରତ୍ୟେକ ମଣିଷ ମନରେ ଏକ ସ୍ୱତନ୍ତ୍ର ଛବି ପାଲଟି ରହିଛି। ଏଭଳି କଳା ଓ କଳାକାରଙ୍କୁ ବାଛିବାରେ ସକ୍ଷମ କରିଥାଏ ରଙ୍ଗମଙ୍ଗ। ଏଣୁ ଏହି ରଙ୍ଗମଞ୍ଚ ପ୍ରତି ଏବେ ଦୂରେଇ ଯାଉଥିବା ମଣିଷକୁ ନିକଟତର କରିବାକୁ ପାଳନ ହୁଏ ବିଶ୍ୱ ରଙ୍ଗମଞ୍ଚ ଦିବସ। ୧୯୬୧ରେ ନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ଅନ୍ତରାଷ୍ଟ୍ରୀୟ ରଙ୍ଗମଞ୍ଚ ଦିବସର ସ୍ଥାପନା କରାଯାଇଥିଲା। ସେବେ ଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଏହି ଦିବସକୁ। ଏହି ଦିବସର ଏକ ମହତ୍ତ୍ୱପୂର୍ଣ୍ଣ ଆୟୋଜନ ସମୟରେ ପ୍ରତିବର୍ଷ ବିଶ୍ୱର ଯେକୌଣସି ଜଣାଶୁଣା ରଙ୍ଗମଞ୍ଚ କର୍ମୀ ଶାନ୍ତି ଓ ସଂସ୍କୃତି ବିଷୟ ଉପରେ ନିଜର ବିଚାର ବ୍ୟକ୍ତ କରିଥାନ୍ତି। ୧୯୬୨ରେ ପ୍ରଥମ ଅନ୍ତରାଷ୍ଟ୍ରୀୟ ରଙ୍ଗମଞ୍ଚ ସନ୍ଦେଶ ଫ୍ରାନ୍ସର ଜିନ୍ କାକ୍‌ଟେ ଦେଇଥିଲେ। ଏହାପରେ ୨୦୦୨ରେ ଭାରତର ପ୍ରସିଦ୍ଧ ରଙ୍ଗମଞ୍ଚ କର୍ମୀ ଗିରିଶ କର୍ଣ୍ଣାଡ୍ ଏକ ସନ୍ଦେଶ ପ୍ରଦାନ କରିଥିଲେ।

କଳା, ସଂସ୍କୃତି, ବିକାଶ ତଥା ପ୍ରଚାର ପ୍ରସାର କ୍ଷେତ୍ରରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନାଟକକୁ ଏକ ବିକାଶର ପଥରେ ଆଗେଇ ନେବା ସହ ନାଟକର ଉନ୍ନତି ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୭ ତାରିଖରେ ପାଳନ ହୋଇଥାଏ ବିଶ୍ୱ ଥିଏଟର୍ ଦିବସ ବା ବିଶ୍ୱ ନାଟକ ଦିବସ । ୧୯୬୧ ମସିହାରେ ଇଣ୍ଟରନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା । ସାରା ବିଶ୍ୱରେ ଏହି ଦିନ ବିଭିନ୍ନ ପ୍ରକାରର ନାଟ୍ୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ । ଏ ଅବସରରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ରଙ୍ଗମଞ୍ଚ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନ୍ତର୍ଜାତୀୟ ରଙ୍ଗମଞ୍ଚ ଅନୁଷ୍ଠାନର ନିମନ୍ତ୍ରଣରେ, ଅର୍ଥାତ୍ ଯାହା ମାଧ୍ୟମରେ ବିଶ୍ୱ ରଙ୍ଗମଞ୍ଚ ଦିବସ ସନ୍ଦେଶ ପ୍ରେରଣ କରାଯାଏ, ବିଶ୍ୱର ମହାନତାର ଛବି ରଙ୍ଗମଞ୍ଚର ବିଷୟ ଓ ଶାନ୍ତିର ସଂସ୍କୃତି ଉପରେ ପ୍ରତିଫଳିତ ହୋଇଥାଏ। ପ୍ରଥମ ବିଶ୍ୱ ରଙ୍ଗମଞ୍ଚ ଦିବସର ସନ୍ଦେଶ ଜିନ୍ କକ୍‌ଟିଓ ୧୯୬୨ରେ ଲେଖିଥିଲେ। ମଞ୍ଚ ନାଟକ ଏକ ପ୍ରଭାବଶାଳୀ ମାଧ୍ୟମ ହୋଇଥିବା ବେଳେ ଏହା ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇବା ସହ ସମାଜ ସୁଧାର ଦିଗରେ ଉଚିତ ବାର୍ତ୍ତା ଦେଇଥାଏ । କିନ୍ତୁ ପ୍ରକୃତ ପକ୍ଷେ ଦେଖାଗଲେ ଆଜିକା ସମୟରେ ଏହି ଦିବସଟି କେବଳ ବାହ୍ୟ ଦୃଷ୍ଟିରୁ ଲୋକଦେଖାଣିଆ ଭାବରେ ପାଳିତ ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଦିନ ଥିଲା ଓଡ଼ିଶାରେ ମଞ୍ଚ ନାଟକର ଚାହିଦା, ଲୋକାଦୃତି ଥିଲା ସର୍ବାଧିକ । ପ୍ରଥମେ ପୌରାଣିକ ନାଟକ ଓ ପରେ ପରେ ସାମାଜିକ ଚେତନାଧର୍ମୀ ନାଟକ ଗାଁ ଗାଁରେ ପରିବେଷଣ କରାଯାଇ ଏହା ବେଶ୍ ଦର୍ଶକୀୟ ଆଦୃତି ପାଇପାରୁଥିଲା । ବର୍ତ୍ତମାନ ଯୁଗ ପରିବର୍ତ୍ତନ ହୋଇଛି ସତ ହେଲେ ସର୍ବାଧିକ ମଞ୍ଚରେ କେତେକ କେତେକ ସ୍ଥାନରେ ଯାହା ସାମାଜିକ ନାଟକ ପରିବେଷଣ ହେଉଛି । ସବୁଠାରୁ ଦୁଃଖଦ ପ୍ରସଙ୍ଗ ହେଉଛି ନାଟକର ପ୍ରଚାର ପ୍ରସାର ପାଇଁ ଯେଉଁ କିଛି ନାଟ୍ୟ ଅନୁଷ୍ଠାନ ଗୁଡ଼ିକ ଉଦ୍ୟମ କରୁଛନ୍ତି ସେମାନଙ୍କୁ ସେପରି ପ୍ରୋତ୍ସାହନ, ସହଯୋଗ ଏପରିକି ସମର୍ଥନ ମିଳୁନାହିଁ । ଯାହାଦ୍ୱାରା ବିଗତ ପାଞ୍ଚ ବର୍ଷ ଭିତରେ ଦେଖାଯାଉଛି ଅନେକ ନାଟ୍ୟ ଅନୁଷ୍ଠାନ ନିଜ ସଂସ୍ଥା ବନ୍ଦ କରିବାକୁ ବାଧ ହୋଇଛନ୍ତି । ସିନେମା ହଲ୍‌ରେ ପଚାଶ ଟଙ୍କାରୁ ଶହେ ଟଙ୍କା ପର୍ଯ୍ୟନ୍ତ ଟିକେଟ୍ ଦେଇ ବା ଘରେ ଘରେ ଡିଭିଡ଼ି କିଣି ସିଡି ମାଧ୍ୟମରେ ଚଳଚ୍ଚିତ୍ର ଦେଖୁଥିବା ଲୋକମାନେ ନିଜ ଜାତି ଓ ଉତ୍କୃଷ୍ଟ କଳାର ରାଜ୍ୟ ଉତ୍କଳର ଗରିମାମୟ ଜନଜୀବନର ଘଟଣା କାହାଣୀ ମଞ୍ଚ ନାଟକକୁ ଦେଖିବା ପାଇଁ ଯଦି ଶ୍ରଦ୍ଧା ନରଖିବେ ତାହେଲେ ନାଟ୍ୟକାରଟି ହୁଅନ୍ତୁ ନାଟକ ଆୟୋଜନ କରୁଥିବା ନାଟ୍ୟ ସଂସ୍ଥା ସେମାନେ କରିବେ ବା କ'ଣ ? ତେଣୁ ମଞ୍ଚ ନାଟକକୁ ଭଲ ପାଇବା ଏବଂ ଏହାପ୍ରତି ସହଯୋଗ ପୃଷ୍ଟପୋଷକତାର ହାତ ବଢ଼ାଇବା ଦାୟିତ୍ୱ ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କର ।

**ଗୋତରା, ମାହାଙ୍ଗା, କଟକ**
**ଦୂରଭାଷ : ୯୪୩୭୧୪୨୭୧୭**



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ରବିବାର, ୧ ଜୁନ୍, ୨୦୨୫



## ପାରାଦୀପ କଲ୍ୟାଣ ଅଧିକାରୀ ନିରୋଜ ପଟ୍ଟନାୟକଙ୍କ ଅବସର

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ର ବରିଷ୍ଠ କଲ୍ୟାଣ ଅଧିକାରୀ ନିରୋଜ ପଟ୍ଟନାୟକ ମଇ ୩୧ ତାରିଖ ଦିନ ବନ୍ଦର ସେବାରୁ ଅବସର ଗ୍ରହଣ କରିଛନ୍ତି।




ଶ୍ରୀ ପଟ୍ଟନାୟକ ନିଜର ସ୍କୁଲ ତଥା କଲେଜ ଶିକ୍ଷା ପାରାଦୀପରେ ସମାପ୍ତ କରି ୧୯୯୨ ମସିହାରେ ପାରାଦୀପ ବନ୍ଦରରେ କନିଷ୍ଠ ହିନ୍ଦୀ ଅନୁବାଦକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ । ୨୦୦୫ ମସିହାରେ ସେ ପଦୋନ୍ନତି ପାଇ ବନ୍ଦରରେ ହିନ୍ଦୀ ଅଧିକାରୀ ହୋଇଥିଲେ ଓ ରାଜଭାଷା ହିନ୍ଦୀର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟ କରିଥିଲେ ଯାହା ଫଳରେ ପାରାଦୀପ ବନ୍ଦର ବିଭିନ୍ନ ମଞ୍ଚରେ ରାଜଭାଷା ହିନ୍ଦୀରେ ପ୍ରଚାର ପ୍ରସାରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ସମ୍ମାନିତ ହୋଇଥିଲା। ହିନ୍ଦୀ ଅଧିକାରୀ ଭାବରେ ସେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପରିଚିତ ଥିଲେ ଏବଂ ଏକ ନିଆରା ପରିଚୟ ସୃଷ୍ଟି କରିପାରିଥିଲେ । ପରେ ପରେ ଶ୍ରୀ ପଟ୍ଟନାୟକ ୨୦୧୯ ମସିହାରେ ବରିଷ୍ଠ କଲ୍ୟାଣ ଅଧିକାରୀ ଭାବେ ପଦୋନ୍ନତି ପାଇଥିଲେ । ନିଜ ଚାକିରି ଜୀବନ ମଧ୍ୟରେ ଶ୍ରୀ ପଟ୍ଟନାୟକ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ, ଜଗନ୍ନାଥ ଲଳିତ କଳା ସଂସଦ, ସାଗରିକା କଳା ନିକେତନ, କାନ୍ଭାସ, ଜଗନ୍ନାଥ ସମାଜ, ଭେଟରାନ ଫୁଟବଲ କ୍ଲବ ଆଦି ଅନୁଷ୍ଠାନ ସହିତ ସଂଶ୍ଲିଷ୍ଟ ଥିଲେ । ଜଣେ ଫୁଟବଲ ଖେଳାଳି ଭାବରେ ବନ୍ଦରର କର୍ମଚାରୀ ଓ ଅନ୍ୟ ମାନଙ୍କୁ ନେଇ ସବୁଦିନ ସକାଳେ ଫୁଟବଲ ଖେଳିବା ସଙ୍ଗେ ସଙ୍ଗେ ଅନ୍ୟ ମାନଙ୍କୁ ଉତ୍ସାହିତ କରୁଥିଲେ । ବନ୍ଦରର ଜଣେ ଅଧିକାରୀ ଭାବରେ ତାଙ୍କର ବେଶ ସୁନାମ ରହିଥିଲା ଏବଂ ଅନେକ ସମୟରେ ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ମିଡ଼ିଆ ସଂଯୋଜକ ଭାବରେ କାର୍ଯ୍ୟ କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା । ଶ୍ରୀ ପଟ୍ଟନାୟକ ପାରାଦୀପ ବନ୍ଦରରେ ଜଣେ ସରଳ, ମିଷ୍ଟଭାଷୀ, ସ୍ୱଷ୍ଟବାଦୀ, କର୍ତବ୍ୟନିଷ୍ଠ, ନିଷ୍ଠାପର, ଶୃଙ୍ଖଳିତ, ପରୋପକାରୀ ଅଧିକାରୀ ଭାବରେ ପରିଚିତ ଥିଲେ । ତାଙ୍କର ଅବସର ଦିନଟି ଛୁଟି ପଡୁଥିବାରୁ ୩୦ ତାରିଖ ଦିନ ପୂର୍ବାହ୍ନରେ ଅଫିସର୍ସ ଆସୋସିଏସନ ତରଫରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶାସନିକ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ନିଜ ନିଜର ଅନୁଭୂତି ରଖିବା ସଙ୍ଗେ ସଙ୍ଗେ ଶ୍ରୀ ପଟ୍ଟନାୟକଙ୍କର ସରସ ଓ ନିରାମୟ ଜୀବନ କାମନା କରି ତାଙ୍କୁ ବିଦାୟ ଦେଇଥିଲେ । ବିଦାୟ କାଳୀନ କାର୍ଯ୍ୟକ୍ରମରେ ଶ୍ରୀ ପଟ୍ଟନାୟକ ସମସ୍ତ କର୍ମଚାରୀ ଭାଇ ଭଉଣୀ ମାନଙ୍କୁ ନିଷ୍ଠାପର ଭାବରେ ବନ୍ଦର ପାଇଁ କାର୍ଯ୍ୟ କରି ବନ୍ଦରକୁ ୧ ନମ୍ବର ସ୍ଥାନରେ ବଜାଇ ରଖିବାକୁ ନିବେଦନ କରିଥିଲେ ଏବଂ ପାରାଦୀପ ବନ୍ଦର ତଥା ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କ ଠାରୁ ପାଇଥିବା ସ୍ନେହ ଓ ଆଦରକୁ ସେ କେବେ ବି ଭୁଲି ପାରିବେ ନାହିଁ ବୋଲି କହିଥିଲେ ।

## ଶୀତଳଷଷ୍ଠୀ ଉପଲକ୍ଷେ ଉତ୍ସବ ମୁଖର ଶୈବ ପୀଠ

ଆସିକା, (ମହାଭାରତ) : ଆସିକା ଅଞ୍ଚଳ ର ବିଭିନ୍ନ ଶିବ ମନ୍ଦିରରେ ଆନନ୍ଦ ଉଲ୍ଲାସ ରେ ଶୀତଳ ଷଷ୍ଠୀ ଉପଲକ୍ଷେ ଶିବ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶୀତଳ ଷଷ୍ଠୀ ଅବସରରେ ବିଭିନ୍ନ ଶିବାଳୟ ରେ ଭଗବାନ ଶଙ୍କର ଏବଂ ମାତା ପାର୍ବତୀ ଙ୍କ ନିର୍ବନ୍ଧ, ବିବାହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।କ୍ଷ ଆସିକା ପୁଡୁଗେଶ୍ୱର ପଲ୍ଲୀ ରେ ବିଜେ ଶ୍ରୀ ଶ୍ରୀ ପୁଡୁଗେଶ୍ୱର ମହାଦେବ ଙ୍କ ପୀଠ ରେ ଗାଁ ସଭାପତି ସୂର୍ଯ୍ୟ ନାରାୟଣ ନାହାକଙ୍କ ସଂଯୋଜନା ରେ ପଣ୍ଡିତ ସୁନୀଲ ଦାଶଙ୍କ ପୌରହିତ୍ୟ ରେ ମାତା ପାର୍ବତୀଙ୍କ ପକ୍ଷରୁ କନ୍ୟା ପିତା ରୂପେ ଆଧ୍ୟାତ୍ମିକ ପ୍ରେମୀ ଗଣେଶ ମହାନ୍ତି ଓ ଭଗବାନ ଶଙ୍କର ପକ୍ଷରୁ ବର ପିତା ରୂପେ ବାପି ବିଶ୍ୱାଳ ଙ୍କ ଉପସ୍ଥିତ ରେ ପ୍ରଥମେ ବର କନ୍ୟା ପରିବାର ପକ୍ଷରୁ ନିର୍ବନ୍ଧ, ପରେ ହର ପାର୍ବତୀ ଙ୍କ ନଗର ପରିକ୍ରମା, ବାଟ ବରଣ ଠାରୁ ଆରମ୍ଭ କରି ହସ୍ତ ଗ୍ରନ୍ଥି, କଉଡ଼ି ଖେଳ, ବନ୍ଧାପନା, ହୋମ, ପୂଜା ଆଦି ଅନୁଷ୍ଠିତ ହୋଇଥିଲା । ସେହିଭଳି ବଜାର ସାହିରେ ବିଜେ ଶ୍ରୀ ଶ୍ରୀ ତ୍ରିବିଧେଶ୍ୱର ପୀଠ ରେ ସଭାପତି ଜିତେନ୍ଦ୍ର ମହାରଣା ଙ୍କ ସଂଯୋଜନାରେ ପଣ୍ଡିତ ଗଙ୍ଗାଧର ଶତପଥି ଙ୍କ ପୌରହିତ୍ୟ ରେ କନ୍ୟା ଘର ପକ୍ଷରୁ କନ୍ୟା ପିତା ରୂପେ ବାବୁଲି ମହାରଣା ଓ ବରଙ୍କ ପକ୍ଷରୁ ବର ପିତା ରୂପେ ସୁବାସ ମୁନି ଭଗବାନ ଶିବ ଓ ପାର୍ବତୀ ଙ୍କ ବିବାହ କାର୍ଯ୍ୟ ବୈଦିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥିଲା । ବିବାହ ଶେଷରେ ସୁସଜିତ ବିମାନ ରେ ନଗର ପରିକ୍ରମା ଏବଂ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଶେଷରେ ସିଂହାସନ ବିଜେ ହେବା କାର୍ଯ୍ୟକ୍ରମ ରହିଛି। ତାଲୁକା ଛକ ଠାରେ ବିଜେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ପୀଠ ରେ ମଧ୍ୟ ଆଜି ଭଗବାନ ଶଙ୍କର ଏବଂ ମାତା ପାର୍ବତୀ ଙ୍କ ବିବାହ ଉତ୍ସବ ଧୁମ ଧାମରେ ଅନୁଷ୍ଠିତ ହୋଇଛି। ମନ୍ଦିର ପରିଚାଳନା କମିଟିର ସଭାପତି ପ୍ରସନ୍ନ ତ୍ରିପାଠୀ ଙ୍କ ସଂଯୋଜନା ରେ କନ୍ୟା ପିତା ରୂପେ ବିପିନ ବିହାରୀ ଦାଶ ଏବଂ ବର ପିତା ରୂପେ ଭିକାରି ପାତ୍ର କର୍ତା ହୋଇ ପଣ୍ଡିତ ଉପେନ୍ଦ୍ର ନାଥ ମିଶ୍ର, ବଦ୍ରି ନାରାୟଣ କର, ଦେବୀ ପ୍ରସାଦ ଶତପଥି ଙ୍କ ପୌରହିତ୍ୟ ରେ ବୈଦିକ ରୀତିନୀତି ଅନୁସାରେ ବିବାହ କାର୍ଯ୍ୟ ସମାପନ ହୋଇଛି। ବାଜା, ବାଣ ପଟୁଆର ରେ ବରଯାତ୍ରୀ ଙ୍କୁ ଆମନ୍ତ୍ରଣ, ବର ଯାତ୍ରୀ ଙ୍କୁ ପ୍ରସାଦ ସେବନ କରିବା,କନ୍ୟା ଘର ପକ୍ଷରୁ ଯାନୀ ଯୌତୁକ ଦେଇ ସଂମ୍ମାନ ସହ ବିବାହ କାର୍ଯ୍ୟ ସମାପନ ହୋଇଥିଲା କ୍ଷ ପ୍ରାତଃ ସମୟ ରୁ ପୂଜକ ମାନଙ୍କ ଦ୍ୱାରା ମନ୍ଦିରର ଦ୍ୱାର ଫିଠା, ମଙ୍ଗଳ ଆରତୀ, ଅବକାଶ, ମଇଲମ, ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହୋଇଥିଲା । ଦିନ ତମାମ ମହାଦେବଙ୍କ ପୀଠ ରେ ଅଭିଷେକ ନୀତି ଅନୁଷ୍ଠିତ ହୋଇ ଥିଲା। ବିଭିନ୍ନ ମନ୍ଦିର ମାନଙ୍କ ରେ ସୁନ୍ଦର ଆଲୋକ ସଜ୍ଜା ଅନୁଷ୍ଠିତ ହୋଇଥିଲା ।

## ପୁଣି ଦନ୍ତା ହାତୀ ଆକ୍ରମଣରେ ଜଣେ ମୃତ, ବନ କର୍ମଚାରୀଙ୍କୁ ମାରିଲେ ମାଡ

ଯୋଡା, (ମହାଭାରତ) : କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ବାମେ ବାରି ସେକ୍ସନ ତଥା ବାମେବାରୀ ଥାନା ଅଧିନସ୍ଥ ଜଲ୍ଲ।ପୋଷି ଗ୍ରାମ ର ରବି ମହାନ୍ତ (୬୦) ଶୁକ୍ରବାର ରାତି ପ୍ରାୟ ୮ ଟା ବେଳେ ଗାଆଁ ରୁ ଫେରୁ ଥିବା ବେଳେ ଦନ୍ତା ହାତୀ ଆକ୍ରମଣ ରେ ତାଙ୍କ ମୃତ୍ୟୁ ଘଟିଛି । ଖବର ନେବାରୁ ଜଣାପଡିଛି ଯେ,ଶୁକ୍ରବାର ରାତି ପ୍ରାୟ ୮ ଟା ବେଳେ ରବି ମହାନ୍ତ ନିକଟସ୍ତ ଗ୍ରାମ ନେକଳ। ପାଲି ଗାଆଁ ରୁ ଫେରୁଥିବା ବେଳେ ଅନ୍ଧାର ରେ ଲୁଚି ଥିବା ଦନ୍ତା ହାତୀଟି ଅତର୍କିତ ଭାବେ ତାଙ୍କୁ ଟେକି ନେଇ କଚାଡି ଆକ୍ରମଣ କରିଥିଲା । ଫଳରେ ରବି ମହାନ୍ତ ଙ୍କ ମୃତ୍ୟୁ ଘଟିଥିଲା ଏହି ଘଟଣା ପରେ ଅଞ୍ଚଳରେ ଲୋକମାନେ ଉତ୍ୟକ୍ତ ହୋଇ ଯାଇଥିଲେ ।ଘଟଣାସ୍ଥଳ କୁ ବ।ମେ ବାରି ବନ ପାଳ ସ୍କ୍ୱାର୍ଡ ସହ ସେଠାକୁ ଯାଇଥିବା ବେଳେ ଉତ୍ୟକ୍ତ ଲୋକେ ସେମାନଙ୍କୁ ଆକ୍ରମଣ କରିଥିଲେ ।ଲୋକଙ୍କ ଆକ୍ରମଣ ରେ ବନ ପାଳ ରାଜେନ୍ଦ୍ର ଜେନା ଓ ସ୍କ୍ୱାର୍ଡ ସଞ୍ଜୟ ମୁଣ୍ଡା ଆହତ ହୋଇ କେନ୍ଦୁଝର ରେ ଚିକିତ୍ସିତ ହୋଇ ଥିବା ଗଣ ମାଧ୍ୟମ କୁ ଜଣାଇବା ସହିତ ଏ ନେଇ ସେ ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି । ବାମେବ।ରି ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବାମେବାରି ଆଇ ଆଇ ସି ଜୋସକେତନ ଭୋଇ କହିଛନ୍ତି ।

## ଲାଞ୍ଜିଗଡରେ ବିଜୁଳି କଟିଲେ ଜିଓ ସେବା ବାଧାପ୍ରାପ୍ତ

ଲାଞ୍ଜିଗଡ, (ମହାଭାରତ) : କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ ଅଞ୍ଚଳ ଏକ ଶିଳ୍ପାଞ୍ଚଳ ହୋଇଥିବା ବେଳେ ଅନେକ ଲୋକ ବିଭିନ୍ନ ପ୍ରକାର ସିମ୍ ବ୍ୟବହାର କରିଥାନ୍ତି ସେ ମଧ୍ୟରୁ ଜିଓ କମ୍ପାନୀ ସିମ୍ ଅନ୍ୟତମ। ଅନ୍ୟ ନେଟୱର୍କ ସିମ୍ ତୁଳନାରେ ଜିଓ ସୀମ୍ ର ଗ୍ରାହକ ଅଧିକା ଥିବାବେଳେ ବର୍ତ୍ତମାନ ଏହି ଜିଓ ସିମ୍ ପ୍ରତି ଗ୍ରାହକ ମାନଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି ଓ କାରଣ ଲାଞ୍ଜିଗଡରେ ବିଜୁଳି ଚାଲିଗଲେ ଜିଓର ଇଣ୍ଟରନେଟ କାମ କରୁନଥିବା ବେଳେ ଫୋନ୍ କଲ ମଧ୍ୟ ସୁଭାଯାଉନାହିଁ।ବର୍ତ୍ତମାନ ସୋସିଆଲ ମିଡିଆ ଯୁଗରେ ବିନା ଇଣ୍ଟରନେଟରେ କୌଣସି କାମ




ହୋଇପାରେନାହିଁ ଓ ଲାଞ୍ଜିଗଡ ସହରରେ ଲୋକେ ଅଧିକ ମାତ୍ରାରେ ଏହି ସିମ୍ କାର୍ଡ ବ୍ୟବହାର କରୁଛନ୍ତି କିନ୍ତୁ ଦୁଇମାସ ହେଲା ଇଣ୍ଟରନେଟ୍ ସେବା ଠିକରେ ନମିଳିବାରୁ ଶେଷରେ ସିମ୍ ବଦଳେଇବାକୁ ବାଧ ହେଉଛନ୍ତି ଗ୍ରାହକ ଓ ଡିଜିଟାଲ ଯୁଗରେ ବିନା ଇଣ୍ଟରନେଟରେ ବହୁତ ଅସୁବିଧା ଭୋଗୁଛନ୍ତି ଉପଭୋକ୍ତା ଓ ବିଜୁଳି ଗଲେ ଇଣ୍ଟରନେଟ୍ ଓ ଫୋନ୍ କଲ କାମ କରୁନାହିଁ। ତେଣୁ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ଦେଖାଦେଇଛି । ଏ ବିଷୟରେ ନେଟୱର୍କ ବିଭାଗର ଅକ୍ଷୟ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ ରାଜବାଟୀ ଭିତରେ ଗୋଟିଏ ଜେନେରେଟର ଲାଗିଥିଲା ତାହା ଖରାପ ହୋଇଯାଇଛି ତେଣୁକରି ବିଜୁଳି କଟିଲେ ତାର ବେକପ ନେଉନଥିବା ଯୋଗୁଁ ଇଣ୍ଟରନେଟ ଓ ଫୋନ୍ କଲ ବାଧାପ୍ରାପ୍ତ ହେଉଛି ଓ ନୂଆଁ ଜେନେରେଟର ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଦିଆଯାଇଛି ତାହା ଅନୁମୋଦନ ହେଲେ ଲାଗିବ।ଏପଟେ ଲାଞ୍ଜିଗଡ ଅଞ୍ଚଳବାସୀ ଏହାକୁ ନେଇ ଆନ୍ଦୋଳନ ପାଇଁ ସଜବାଜ ହେବାକୁ ବସିଲେଣି । ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନକୁ ଏଡାଇ ଦିଆ ଯାଇ ନପାରେ ।ଏଣୁ ଏଥିପ୍ରତି ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ।

## ଘୁମେରଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା

ଜୁନାଗଡ଼, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଗୋଷ୍ଠି ଶିକ୍ଷା ଅଧୀନ ଚାରବାହାଲ କ୍ଲଷ୍ଟର ଅନ୍ତର୍ଗତ ଘୁମେରଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅବସପ୍ରାପ୍ତ ଦୁଇ ଜଣ ଶିକ୍ଷକଙ୍କୁ ନେଇ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ମହା ଆଡ଼ମ୍ବରରେ ଶନିବାର ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବିଭୁ ରଞ୍ଜନ ମାଝୀ ଘୁମେରଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟରତ ଥାଇ ଆଜି ଅବସର ନେଇଛନ୍ତି ଓ ପ୍ରମିଳ କୁମାର ମାଝୀ ରାଧାକୃଷ୍ଣ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ସହ ଶିକ୍ଷକ ଗତ ମାର୍ଚ୍ଚ ମାସ ୩୦ ତାରିଖ ୨୦୨୫ ମସିହାରେ ଅବସର ନେଇଥିଲେ । ସଂପୃକ୍ତ ଅବସପ୍ରାପ୍ତ ଶିକ୍ଷକ ମାନଙ୍କୁ ନେଇ ପୂର୍ବତନ ଛାତ୍ର ମାନଙ୍କ ମଧ୍ୟରେ ଆଖିରେ ଲୁହ ଦେଖିବାକୁ ମିଳିଥିଲା।ଦୁଇ ଜଣ ଶିକ୍ଷକଙ୍କୁ ନେଇ ପୂର୍ବତନ ଛାତ୍ର ତଥା ଜୀପି ଯୁଥ୍ କ୍ଲବର କର୍ମକର୍ତା ମାନେ ଆଜି ଏହି କାର୍ଯ୍ୟକ୍ରମ କରିଥଲେ। ଆୟୋଜିତ କାର୍ଯ୍ୟକ୍ରମରେ ସଂପୃକ୍ତ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଅରେବେଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷକ ଜଗନ୍ନାଥ ଦୂର୍ଗା ସଭା ପରିଚାଳନା କରିଥିବା ବେଳେ, ମୂଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ଭୂର୍ସିଗୁଡା ଶ୍ରୀଯୁକ୍ତ ଉପେନ୍ଦ୍ର ସାହୁ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅତୁଲ୍ୟ ପଟ୍ଟନାୟକଙ୍କ ବକ୍ତା




ଶୁଣି ମଞ୍ଚାଶୀନ ଥିବା ସମସ୍ତ ଛାତ୍ର ଛାତ୍ରୀ ଗଣ ଙ୍କ ମନ ତରଳି ଯାଇଥିଲା। ସମ୍ମାନୀୟ ଅତିଥି ରୂପେ ସଂପୃକ୍ତ ବିଦ୍ୟାଳୟର ସହ ଶିକ୍ଷୟିତ୍ରି ତୁଳସୀ ମଞ୍ଜରୀ ଖୁଣ୍ଟିଆ, ସହ ଶିକ୍ଷକ ରସାନନ୍ଦ ପଣ୍ଡା,ଧନେର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ସାହୁ , ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ଅମିତା ସାହୁ, ଅବସରପ୍ରାପ୍ତ ଶିକ୍ଷକ ଚକ୍ରଧର ପାନ, ଶାଗର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ଶବର ,ପ୍ରମୁଖ ମଞ୍ଚାସିନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯିପି ଯୁଥ୍ କମିଟି ସଭାପତି ଧର୍ମେନ୍ଦ୍ର ଦୂର୍ଗା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ସହ ସମସ୍ତଙ୍କ ପାଇଁ ଖାଇବା ବ୍ୟବସ୍ଥା କରାଯାଇଥିଲା। କମିଟିର କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବାଗ, ସହ କୋଷାଧକ୍ଷ ଛୁମକୁଲାଲ ଧଙ୍ଗଡାମାଝୀ, ବିଶେଶ ସହୋଜୋଗ ନେତ୍ରାନନ୍ଦ ଧଙ୍ଗଡାମାଝୀ, ଭକ୍ତ ଧଙ୍ଗଡାମାଝୀ ଓ ଅନ୍ୟାନୟ, ପ୍ରଶାନ୍ତ ବେମାଲ, ଭାରତ ଧଙ୍ଗଡାମାଝୀ , ମଣ୍ଟୁ ସିଂହ, ସମୀର ଧଙ୍ଗଡାମାଝୀ, ରୀଙ୍କୁ ସିଂହ, ଦିଲ୍ଲୀପ ବାଗ ସମେତ ସମସ୍ତ କର୍ମକର୍ତା ଉପସ୍ଥିତିରେ କାର୍ଯ୍ୟକ୍ରମ ସଫଳ ହୋଇପାରିଥିଲା। ଜିପୀ ଯୁଥ୍ କମିଟିର ଏହି ଭଳି କାର୍ଯ୍ୟକୁ ଶିକ୍ଷକ ମାନେ ଏକ ପ୍ରକାର ସମସ୍ତଙ୍କ ପାଇଁ ଉଦାହରଣ ଆଣିବ ବୋଲି ମନ୍ତ୍ୱ୍ୟ ଦେଇଥିଲେ ।ଏହି ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମରେ ଗ୍ରାମର ତଥା ଆଖ ପାଖ ଅଞ୍ଚଳରୁ ଅଭିଭାବକ ଓ ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

## ପାରାଦୀପ ବନ୍ଦର ଆନୁକୂଲ୍ୟରେ ବନ୍ଦର ବ୍ୟବହାରକାରୀ ସମ୍ମିଳନୀ ଆୟୋଜିତ

ପାରାଦୀପ, (ମହାଭାରତ) :ପାରାଦୀପ ବନ୍ଦର ପକ୍ଷରୁ ସ୍ଥାନୀୟ ବିଜୁ ସମ୍ମିଳନୀ ଗୃହ ରେ ଶୁକ୍ରବାର ସନ୍ଧ୍ୟାରେ ବନ୍ଦର ବ୍ୟବହାରକାରୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ସମ୍ମିଳନୀ ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଚଳିତ ଆର୍ଥିକ ବର୍ଷରେ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ନିମନ୍ତେ ରଣନୀତି ପ୍ରସ୍ତୁତ କରିବା ପାଇଁ ପ୍ରମୁଖ ଅଂଶୀଦାର ମାନଙ୍କୁ ଏକତ୍ରିତ କରିବା । ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି ଦେଶର ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଥିବା ସମ୍ମାନଜନକ ସ୍ଥିତି ଉପରେ ଆଲୋଚନା କରି କହିଥିଲେ ଯେ ପାରାଦୀପ ବନ୍ଦର ଦେଶର ବୃହତ ବନ୍ଦର ମଧ୍ୟରେ ନୁହେଁ, ଅପରନ୍ତୁ ରେଳ ପରିବହନ କ୍ଷେତ୍ରରେ ଦେଶର ସମସ୍ତ ବନ୍ଦର ମଧ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି । ବନ୍ଦରର ଆଧୁନିକରଣ ନିମନ୍ତେ ପ୍ରତିବଦ୍ଧତାକୁ ଦୋହରାଇ




ଅଧ୍ୟକ୍ଷ କହିଥିଲେ ଯେ ୨କ୍ୟୁମକୁ ସୁଦ୍ଧା ସମଗ୍ର ବର୍ଥ ବା ପୋତାଶ୍ରୟ ଗୁଡିକର ଯାନ୍ତ୍ରିକରଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ମହତ୍ୱାକାଂକ୍ଷିକ ୧୬୧ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର ଲକ୍ଷ୍ୟ ହାସଲ ପାଇଁ ବନ୍ଦର ଅଂଶୀଦାର ମାନଙ୍କର ପୂର୍ଣ୍ଣ ସହଯୋଗ ଓ ଉତ୍ସର୍ଗୀକୃତ ସହଯୋଗ ଲୋଡ଼ିଥିଲେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ । ଏହି ଅବସରରେ ବନ୍ଦର ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତା ମଧ୍ୟ ବନ୍ଦର ପଣ୍ୟ କାରବାରକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ସମସ୍ତଙ୍କୁ ପ୍ରୟାସ ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମ କୁ ବନ୍ଦର ଟ୍ରାଫିକ ମ୍ୟାନେଜର ଜି.ଏଡିସନ ପରିଚାଳନା କରିଥିଲେ।

### ମହାଭାରତର ମହାପ୍ରଭାବ

## ବଜାର ଜବର ଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ

ଅସ୍ତରଙ୍ଗ, (ମହାଭାରତ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମୁଖ୍ୟ ବଜାର ଷ୍ଟେଟ ବ୍ୟାଙ୍କ ନିକଟରୁ ସମ୍ପୂର୍ଣ୍ଣ ମେଡିକାଲ ଛକ ପର୍ଯ୍ୟନ୍ତ ଉଠା ବ୍ୟବସାୟୀ ମାନେ ମନଇଚ୍ଛା ଜବରଦଖଲ କରି ବର୍ତ୍ତମାନ ନାହିଁ ନଥିବା ସମସ୍ୟା ସୃଷ୍ଟି କରୁଛନ୍ତି। ଟ୍ରାଫିକ ସମସ୍ୟା, ଜୈବବିବିଧତା ନଷ୍ଟ, ପରିବେଶ ପ୍ରଦୂଷଣ ଏହିଭଳି ସମସ୍ୟା ଏହି ବ୍ୟବସାୟୀ ମାନଙ୍କ ପାଇଁ ଦ୍ରୁତଗତି ରେ ବୃଦ୍ଧି ପାଇବାରେ ଲାଗିଛି। ଅନେକ କେନାଲ ମଧ୍ୟ ଏହି ମାନଙ୍କ ଦ୍ୱାରା ବ୍ୟବହୃତ ଅଦରକାରୀ ବସ୍ତୁ ପାଇଁ ଏବେ ପୋତାଶୟ ରେ ପରିବର୍ତ୍ତନ ହେବାକୁ ଲାଗିଛି। ଯାହାକୁ ନେଇ ସ୍ଥାନୀୟ ରାଜସ୍ୱ ବିଭାଗ କୁ ବାରମ୍ବାର ଅବଗତ କରିବା ପରେ ସ୍ଥାନୀୟ ଅଧିକାରୀ କୌଣସି ପ୍ରକାର ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଉନାହାନ୍ତି। ଦିନକୁ ଦିନ ବର୍ଷା ପାଣି ନିଷ୍କାସନ ବନ୍ଦ ହେଉଛି। ଦୁର୍ଘଟଣା ର ଶିକାର ହେଉଛନ୍ତି ଅଞ୍ଚଳବାସି। ଷ୍ଟେଟବ୍ୟାଙ୍କ ନିକଟରେ ଗାଡି ପାର୍କିଂ ପାଇଁ ବି କୌଣସି ବ୍ୟବସ୍ଥା ନାହିଁ କେବଳ ଏହି ଜବରଦଖଲ ପାଇଁ। ଏହି ବାବଦରେ ଆମେ ଖବର ପ୍ରସାରଣ କରିବା ପରେ ଅସ୍ତରଙ୍ଗ ର ଜଣେ ସମାଜସେବୀ ଅମୀୟ ରଞ୍ଜନ ବାରିକ ରାଜ୍ୟ ସଚିବାଳୟ କୁ ଟ୍ୱିଟ କରି ଅବଗତ କରିବା ପରେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ପୁରୀ ଜିଲ୍ଲାପାଳ ଓ ଅସ୍ତରଙ୍ଗ ତହସିଲଦାରଙ୍କୁ ଆସିଛି ନିର୍ଦ୍ଦେଶ। ତୁରନ୍ତ ଉକ୍ତ ଜବରଦଖଲ କାରୀଙ୍କୁ ଚିହ୍ନଟ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜାରୀ ହୋଇଛି ନୋଟିସ। ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳର ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ଓ ଅସ୍ତରଙ୍ଗ ରାଜସ୍ୱ ବିଭାଗ କେବେ ସଚିବାଳୟର ସ୍ୱତନ୍ତ୍ର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

## କନ୍ୟା ଅନମୋଲ ହେ’ ରଥକୁ ସ୍ୱାଗତ ଏବଂ ୪ ଅଙ୍ଗଦାତ୍ରୀଙ୍କୁ ସମ୍ବର୍ଦ୍ଧିତ

ରାଇରଙ୍ଗପୁର, (ମହାଭାରତ) : ରାଜ୍ୟ ସରକାର ସମାଜର ଆର୍ଥିକ ଅନଗ୍ରସର ବାପା ମା ’ ଙ୍କ କନ୍ୟାକୁ କିପରି ସୁରକ୍ଷିତ ଏବଂ ଚାପମୁକ୍ତ ହୋଇ ବିବାହ କରି ପାରିବେ ସେଥିପାଇଁ’ କନ୍ୟା ଅନମୋଲ ହେ’ ନୂତନ ଯୁଗାନ୍ତକାରୀ ଯୋଜନା କରିଛନ୍ତି । ଏହି ଯୋଜନା ମାଧ୍ୟମରେ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯିବ । ଏହି କ୍ରମେ କନ୍ୟାଙ୍କ ସୁରକ୍ଷା, ସମ୍ମାନ ଓ ସ୍ୱାଭିମାନ ମାନ ପାଇଁ କାର୍ଯ୍ୟ କରୁଥିବା ବିଶ୍ୱର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ରୋଟାରୀ କ୍ଲବ୍ ତରଫରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଓଡିଶା ରୋଟାରୀ କ୍ଲବ୍ ତରଫରୁ ଏକ ସୁସଜ୍ଜିତ ସଚେତନତାରଥ ’ କନ୍ୟା ଅନମୋଲ ହେ’ ରାଇରଙ୍ଗପୁର ସହରକୁ ଆସିଥିଲା । ରାଇରଙ୍ଗପୁର ରୋଟାରୀ କ୍ଲବ୍ ଏବଂ ସହରର ମାନ୍ୟଗଣ୍ୟ ବ୍ୟକ୍ତି ସେହି ରଥକୁ ସ୍ୱାଗତ କରିଥିଲେ । ପରେ ରୋଟାରୀ ରୟାଲ କ୍ଲବ ତରଫରୁ ସ୍ଥାନୀୟ ହୋଟେଲ୍ ହିନ୍ଦୁସ୍ତାନ ଇନ୍ ସମ୍ମିଳନୀ କକ୍ଷରେ ଏକ ସଭା ରୋଟାରୀ କ୍ଲବ୍ ସଭାପତି ବାସୁଦେବ ପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଡିଜି ରୋଟାରୀଆନ ଯଜ୍ଞାଶିସ୍ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭବେ ରାଇରଙ୍ଗପୁର ଏସଡିପିଓ ଗୋକୁଳାନନ୍ଦ ସାହୁ ଯୋଗ ଦେଇଥିଲେ । ରୋଟାରୀ କ୍ଲବ୍ ସାମାଜିକ କ୍ଷେତ୍ରରେ ବିକାଶ ପାଇଁ ସବୁବେଳେ ସହଯୋଗର ହାତ ବଢ଼ାଇଛି । ମାନବ ସେବା ହିଁ ମାଧବ ସେବାକୁ ବିଶ୍ୱାସ କରେ । ରକ୍ତଦାନ,ବୃକ୍ଷରୋପଣ, ଚକ୍ଷୁ ପରୀକ୍ଷା, ସ୍ୱାସ୍ଥ୍ୟ ପରୀକ୍ଷା, ଅସହାୟ ଙ୍କୁ କମ୍ବଳ ବଣ୍ଟନ, ବେକାର ଯୁବକ, ଯୁବତୀଙ୍କୁ ସ୍ୱାବଲମ୍ବୀ ଶୀତଳ କରାଇବା, ନିରକ୍ଷରତା ଦୂର ଅଭିଯାନ,ପାନୀୟ ଶୀତଳ ବାଙ୍କୀ ପ୍ରତିଷ୍ଠା , ଶିକ୍ଷା, ସ୍ୱାସ୍ଥ୍ୟ ଭଳି ବହୁ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଛି ।ରୋଟାରୀ କ୍ଲବ୍ ସଦସ୍ୟଙ୍କ ତ୍ୟାଗ,ଦାନ, ଦାୟିତ୍ୱ ବୋଧତା,ସମାଜସେବା ପାଇଁ ଏହା କେବଳ ସମ୍ଭବ ହୋଇ ପାରିଛି । ରାଇରଙ୍ଗପୁର ସହରର ୪ ଜଣ ସମାଜସେବୀ ଶିକ୍ଷୟିତ୍ରୀ ଜୟଶ୍ରୀ ଦାସ, ଅବସରପ୍ରାପ୍ତ ଅଧ୍ୟାପିକା ସସ୍ମିତା ମହାନ୍ତି, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବିଶ୍ୱ ରଞ୍ଜନ ମାଝୀ ଏବଂ ତାଙ୍କ ସହଧର୍ମିଣୀ ମଞ୍ଜୁ ସୋରେନ ନିଜର ଅଙ୍ଗ ଦାନ ରୋଟାରୀ କ୍ଲବ୍ ଜରିଆରେ ପଂଜିକୃତ କରିଥିବାରୁ ସେମାନଙ୍କୁ ଅତିଥିଗଣ ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରୋଟାରୀଆନ ପ୍ରତ୍ୟୁଷ ପରିଡ଼ା, ଅରବିନ୍ଦ ବାଗାଡିଆ ,ବିକାଶ ଭୁତ, ବିମଳ କ୍ରିଷ୍ଣ ମହାନ୍ତି,ସରୋଜ ଦାସ, ଅନ୍ତର୍ଯ୍ୟାମୀ ମହାକୁଡ଼,ବିଘ୍ନେଶ୍ୱର ବ୍ୱେହେରା, କୁଞ୍ଜ୍ୱିହାରୀ ଯେନା, ସୌମ୍ୟରଞ୍ଜନ ବେହେରା, ସୁଜିତ ଯେନା,ବିବେକ ପାହାଡି, ହରିହର ସାହୁ,ଏବଂ ଅନ୍ୟମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।



## ସଂସ୍କୃତ ଶିକ୍ଷକଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା

କୋକସରା,(ମହାଭାରତ): କୋକସରା ବ୍ଲକ ରେଙ୍ଗାଲପାଳି ପଞ୍ଚାୟତ ଡଙ୍ଗରୀଗୁଡା ଇନ୍ଦ୍ରାବତୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ତଥା ଜାତୀୟ ସ୍ତରୀୟ ସ୍କାଉଟ ଗାଇଡ଼ ଶିକ୍ଷକ ଧୀରେନ୍ଦ୍ର କୁମାର ପଣ୍ଡାଙ୍କ ଉଦ୍ଦେଶ୍ୟରେ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିପିନ ବିହାରୀ ମୁଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ।ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ପଣ୍ଡା,ଅବସର ପ୍ରାପ୍ତ କ୍ରୀଡା ଶିକ୍ଷକ କୃପାସିନ୍ଧୁ ପାତ୍ର, ଅବସର ପ୍ରାପ୍ତ ଶିକ୍ଷକ ତଥା ବିଦ୍ୟାଳୟ କମିଟି ସଭାପତି ଅନିରୁଦ୍ଧ ପାତ୍ର,ରେଙ୍ଗାଲପାଳି ସରପ□ ପଦ୍ମିନୀ ପାତ୍ର, ନାଏବ ସରପଞ୍ଚ ଅଶୋକ ଭୋଇ, କେତନ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ରହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅବସର ପ୍ରାପ୍ତ କିରାଣୀ ଆଦିତ୍ୟ ବେହେରା, ପରମେଶ୍ୱର ବାଗ,ହୀରାଲାଲ ସରାଫ,ଚତୁର୍ଭୁଜ ମାଝୀ,ସାମ୍ବାଦିକ ହିରଣ୍ୟ ବେହେରା, ଅବସରପ୍ରାପ୍ତ ସେବକ ବନମାଳୀ ବାଗ, ବଣକୁ ଭୋଇ ଅତିଥି ଭାବେ ଯୋଗଦେଇଥିଲେ । ଅତିଥି ମାନେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀପଣ୍ଡାଙ୍କ ଏହି ବିଦ୍ୟାଳୟ ପାଇଁ ରହିଥିବା ଅବଦାନ ସବୁବେଳେ ସ୍ମରଣୀୟ ହୋଇ ରହିବ, ଏବଂ ତାଙ୍କ ଠାରୁ ଶିକ୍ଷା ଗ୍ରହଣ କରି ଏହି ବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ଆଜି ସମାଜରେ ପ୍ରତିଷ୍ଠିତ ବ୍ୟକ୍ତି ଓ ପ୍ରଶାସନିକ ସ୍ତରରେ ସୁନାମ ଅର୍ଜନ କରିଥିବା ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକଙ୍କୁ ଉପଢ୍ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏବଂ ତାଙ୍କର ଅବସର ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି କାମନା କରିଥିଲେ । ମଞ୍ଚକୁ ଶିକ୍ଷକ ହରେଶ କୁମାର ପାନ ପରିଚାଳନା କରିଥିଲେ । ଶିକ୍ଷକ ଗୋକୁଳାନନ୍ଦ କଲାରୀ, ଗୁଣନିଧି ବାଗ, ଋତୁରାଜ ଶବର, କୁଳମଣି ରୋତି, ରଞ୍ଜନ ଛତ୍ରିଆ, ଅଜୟ ସରାଫ, ଯତୀନ କୁମାର ସାହୁ,ଶିକ୍ଷୟତ୍ରୀ ରିଙ୍କୀ ପ୍ରଧାନ, ଭାଗ୍ୟସେନୀ ପଟେଲ,ପ୍ଲାବିନୀ ନାଏକ, ସେବକ ଜଗଦୀଶ ଦାସ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା ଓ ଛାତ୍ରଛାତୀ ମାନେ ଉପସ୍ଥିତ ରହିଥିଲେ ।

## ନୟାଗଡ଼ରେ ଚାଞ୍ଚଲ୍ୟ : ପରକିୟା ପ୍ରିତି ପାଇଁ ଫରେଷ୍ଟର ଙ୍କୁ ମାରିଲେ ସ୍ତ୍ରୀ ଓ ପୁଅ

# ଘର ଭିତରୁ ଫରେଷ୍ଟରଙ୍କ ଅର୍ଦ୍ଧଦଗ୍ଧ ପୋଡା ମୃତ ଦେହ ଉଦ୍ଧାର





ନୟାଗଡ଼, ( ମହାଭାରତ ) : ନୟାଗଡ଼ରେ ଚାଞ୍ଚଲ୍ୟ ଖେଳି ଯାଇଛି । ଘର ଭିତରୁ ଫରେଷ୍ଟରଙ୍କ ଅର୍ଦ୍ଧଦଗ୍ଧ ପୋଡା ମୃତ ଦେହ ଉଦ୍ଧାର ହୋଇଛି । ପଞ୍ଚରିଡା ବନ୍ୟାଞ୍ଚଳ ରେ ଫରେଷ୍ଟର ଭାବେ କାର୍ଯ୍ୟ କରି ଆସୁଥିଲେ । ବିଳମ୍ବିତ ରାତିରେ ଶିଶିର ସାହୁଙ୍କ ମୃତ ଦେହକୁ ଟାଉନ ଥାନା ପୁଲିସ ଜବତ କରିଛି ।ନୟାଗଡ଼ ବାରମାସି ଦଣ୍ଡା ସ୍ଥିତ ଶିଶିରଙ୍କ ଘରେ ଏହି ଲୋମ ଟାଙ୍କୁରା ଘଟଣା ଘଟିଛି । ଗତ କାଲି ବିଳମ୍ବିତ ରାତିରେ ଘଟିଛି ଏହି ଘଟଣା । ଶିଶିର ଏବଂ ତାଙ୍କ ସ୍ତ୍ରୀ ନମିତା ମହାନ୍ତି ଓ ପୁଅ ଅଭିଷେକ ରଣସିଂହ ଘରେ ଥିବା ବେଳେ ହଠାତ ଘରୁ ନିଆଁ ବାହାରିଥିଲା । ଶିଶିରଙ୍କ ସ୍ତ୍ରୀ ନମିତା ଘରୁ ବାହାରି ଚିତ୍କାର କରି ଡାକିଥିଲେ ଘରେ ନିଆଁ ଲାଗିଯାଇଛି । ଆଉ ସେହି ନିଆଁରେ ଶିଶିର ମଧ୍ୟ ପୋଡ଼ି ଯାଇଛନ୍ତି । ଘର ଭିତରେ ତାଙ୍କ ମୃତ ଦେହ ରହିଛି । ଉଦ୍ଧାର କରିବା ପାଇଁ ଯାଇ ଶିଶିରଙ୍କ ସ୍ତ୍ରୀ ସାମାନ୍ୟ ଆହତ ହୋଇଥିବାରୁ ତାଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ପୁଅର କୌଣସି କ୍ଷତି ହୋଇ ନାହିଁ । ନୟାଗଡ଼ ପୁଲିସ ଶିଶିର ଙ୍କ ପୁଅ ଅଭିଷେକ ଙ୍କୁ ଥାନା ରେ ଅଟକ ରଖି ପଚରାଉଚରା କରିବା ସହ ତଦନ୍ତ ଆରମ୍ଭ କରିଛି । ମୃତ ଶିଶିର ଙ୍କ ବଡ ଭାଇ ଶରତ ଚନ୍ଦ୍ର ସାହୁ ହତ୍ୟା ଅଭିଯୋଗ କରିବା ପାରେ ଟାଉନ ଥାନା ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଘଟଣା ସ୍ଥଳରେ ନୟାଗଡ଼ ଏସ୍.ଡି.ପି.ଓ ଟାଉନ ଥାନା ଆଇଆଇସି ଏବଂ ଫରେନ୍ସିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସେପଟେ ଶିଶିରଙ୍କ ସ୍ତ୍ରୀ ନମିତା ଓ ପୁଅ ଅଭିଷେକ କୁ ଟାଉନ ଥାନାରେ ଅଟକ ରଖି ଘଟଣା ସମ୍ପର୍କରେ ଅଧିକ ପଚରାଉଚରା କରୁଛି ପୁଲିସ । ପାରିବାରିକ ସମସ୍ୟା କାରଣ ରୁ ଶିଶିରଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତ ରିପୋର୍ଟ ରୁ ଜଣା ପଡିଥିବା ନୟାଗଡ଼ ଅତିରିକ୍ତ ଏସପି ସୁବାସ ପଣ୍ଡା କହିଛନ୍ତି । ଘଟଣା ର ଅଧିକ ତଥ୍ୟ ଯୋଗାଡ଼ ପାଇଁ ନୟାଗଡ଼ ଟାଉନ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଛନ୍ନଭିନ୍ନ ଚଳାଇଥିଲା । ଫରେଷ୍ଟ ଅଧିକାରୀ ଶିଶିର ସାହୁ ଙ୍କ ମୃତ୍ୟୁ ର ରହସ୍ୟ ଧିରେ ଧିରେ ଖୋଲୁଛି ନୟାଗଡ଼ ପୁଲିସ । ଶିଶିର ଆତ୍ମହତ୍ୟା ନୁହେଁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ପୁଲିସ ପକ୍ଷରୁ ସୂଚନା ମିଳିଛି । ନୟାଗଡ଼ ପୁଲିସ କୁ ମିଳିଲା ହତ୍ୟା କାଣ୍ଡର ସୁରାକ । ଶିଶିରକୁ ପ୍ରଥମେ ଲୁହାଛଡରେ ବାଡେଇ ହତ୍ୟା କରିବା ପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ପୁଲିସ ତଦନ୍ତ ବେଳେ ଜାଣିପାରିଛି । ଶିଶିରଙ୍କ ପୁଅ ଅଭିଷେକ ଏହି ଘଟଣା କରିଥିବା ବେଳେ, ମାଆ ନମିତା ଓ ପୁଅ ଅଭିଷେକ କୁ ପୁଲିସ ହେପାଜତ ରେ ରଖିଛି । ଘଟଣା ସ୍ଥଳରୁ ଜବ୍ ହୋଉଛି ଦୁଇ ଟି ଲୁହା ରଡ୍ । ପରକିୟା ପ୍ରିତି ପାଇଁ ଶିଶିର ଙ୍କ ସ୍ତ୍ରୀ ଓ ପୁଅ କଲେ ଏଭଳି ଜଘନ୍ୟ ହତ୍ୟାକାଣ୍ଡ । ଶିଶିରଙ୍କ ରହିଥିଲା ଅନ୍ୟ ଜଣେ ମହିଳାଙ୍କ ଖରାପ ସମ୍ପର୍କ । ଏହାକୁ ନେଇ ପରିବାର ବିବାଦ ଲାଗି ରହିଥିଲା । ଗତକାଲି ରାତିରେ ଶିଶିରଙ୍କ ମୋବାଇଲ୍ ଫୋନ୍ ରୁ ପରକିୟା ପ୍ରିତି ରଖିଥିବା ମହିଳାଙ୍କ ଫଟୋ ଡିଲିଟ୍ କରିବା କୁ ନେଇ ପ୍ରଥମେ ଶିଶିର ଙ୍କ ସହ ସ୍ତ୍ରୀ ଓ ପୁଅଙ୍କ ପାଟି ତୁଣ୍ଡ ହୋଇଥିଲା । ପରେ ପାଟିତୁଣ୍ଡ ନେଇଥିଲା ଉଗ୍ର ରୂପ । ଶିଶିର ଓ ତାଙ୍କ ସ୍ତ୍ରୀ ଙ୍କ ମଧ୍ୟରେ ପାଟିତୁଣ୍ଡ ବେଳେ ପୁଅ ଅଭିଷେକ ଏକ ଲୁହା ପାଇପ୍ ନେଇ ଶିଶିର ଙ୍କୁ ଆକ୍ରମଣ କରିଥିଲେ । ଶିଶିର ଆକ୍ରମଣ ଶିକାର ହୋଇ ତଳେ ପଡିଯିବା ପରେ ସ୍ତ୍ରୀ ନମିତା ଓ ପୁଅ ଅଭିଷେକ ଶିଶିର ଙ୍କୁ ଘର ଭିତରକୁ ନେଇ ଖଟରେ ସୁଆଇ ଘରେ ଥିବା ସ୍କୁଟି ଗାଡିରୁ ପେଟ୍ରୋଲ କାଢି ଶିଶିର ଙ୍କ ଉପରେ ଢାଳି ନିଆଁ ଲଗାଇ ଦେଇଥିଲେ । ଶିଶିର ଙ୍କ ଦେହରେ ନିଆଁ ଲାଗିଯିବା ପରେ ଘରେ ଥିବା ସ୍କୁଟି ଓ କିଛି ଆସବା ପତ୍ର କୁ ନିଆଁ ଲଗାଇ ଦେଇ ଘଟଣା କୁ ଭିନ୍ନ ରୂପ ଦେବାପାଇଁ ଶିଶିର ଙ୍କ ସ୍ତ୍ରୀ ନମିତା ଘର ବାହାରକୁ ଆସି ଚିତ୍କାର କରିଥିଲେ କି ଆମ ଘରେ ନିଆଁ ଲାଗିଯାଇଛି । ମୋ ସ୍ୱାମୀ ନିଆଁ ରେ ଜଳି ଯାଇଛନ୍ତି ବୋଲି । କିନ୍ତୁ ପୁଲିସ ଘଟଣା ସତ୍ୟାସତ ଜାଣିବା ପାଇଁ କରିଥିଲା ତଦନ୍ତ । ଆଉ ତଦନ୍ତ ବେଳେ ଜଣିବାକୁ ପାଇଥିଲା କି ପରକୀୟା ପ୍ରୀତିକୁ ନେଇ ହତ୍ୟା କାଣ୍ଡ ହୋଇଛି । ସ୍ତ୍ରୀ ନମିତା ମହାନ୍ତି, ପୁଅ ଅଭିଷେକ ରଣସିଂହ ଙ୍କୁ ଖୁବଶୀଘ୍ର ଗିରଫ କରିବ ବୋଲି ଟାଉନ ଥାନା ପୁଲିସ ପକ୍ଷରୁ ସୂଚନା ମିଳିଛି । ନିଆଁ ରେ ଘରେ ଥିବା ସ୍କୁଟି ଟି ପୋଡ଼ି ଯାଇଥିବା ବେଳେ ଅନେକ ଆସବା ପାତ୍ର ମଧ୍ୟ ପୋଡ଼ି ଯାଇଛି । ଖବର ପାଇଁ ଫାୟର ଟିମ୍ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଛନ୍ତି । ଶିଶିର ଘର ଭିତର ଖଟରେ ଶୋଇବା ଅବସ୍ଥାରେ ନିଆଁରେ ପୋଡ଼ି ହୋଇ ମୃତ୍ୟୁ ହୋଇଥିବା ଜଣା ପଡ଼ିଛି । ପୂର୍ବରୁ ଶିଶିର ଗଣିଆ ବନାଞ୍ଚଳରେ କାର୍ଯ୍ୟ କରିଥିବା ବେଳେ ଦୁଇ ମାସ ତଳେ ସେ ଶରଣକୁଳ ପଞ୍ଚରିଡ଼ା ରେଞ୍ଜରେ ଫରେଷ୍ଟର ଭାବେ କାର୍ଯ୍ୟ କରୁଥିଲେ । ସୂଚନା ଅନୁଯାୟୀ ପଞ୍ଚରିଡ଼ା ବନାଞ୍ଚଳର ଫରେଷ୍ଟର ଶିଶିର ସାହୁ ଘର ନୟାଗଡ଼ ମାନପୁର ହୋଇଥିବା ବେଳେ ସେ ନୟାଗଡ଼ ଟାଉନ ଥାନାର ବାରମାସୀ ଦଣ୍ଡା ସ୍ଥିତ ଅଞ୍ଚଳରେ ଘର କରି ସ୍ତ୍ରୀ ନମିତା ମହାନ୍ତି ଏବଂ ପୁଅ ଅଭିଷେକ ରଣସିଂହ ଙ୍କ ସହ ରହୁଥିଲେ ।

## ନିଆଳି ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ଚାଷୀଙ୍କ ସବସିଡି ଟଙ୍କା ଠକେଇ ଅଭିଯୋଗ

ନିଆଳି; ( ମହାଭାରତ ) କଥାରେ ଅଛି ଚାଷୀଙ୍କ ଉନ୍ନତିରେ ଦେଶର ପ୍ରଗତି । ଚାଷୀଙ୍କ ଉନ୍ନତି ପାଇଁ ସରକାର ଙ୍କର କାହିଁ କେତେ କ'ଣ ଯୋଜନା କିନ୍ତୁ ସେ ଯୋଜନା ସବୁ କିଛି ଦୁର୍ନୀତି ଖୋର ସରକାରୀ ଅଧିକାରୀଙ୍କ ପାଇଁ ହେଉଛି ବାଟବଣା ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କଟକ ଜିଲ୍ଲା ନିଆଳି ବ୍ଲକ ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ । ନିଆଳି ବ୍ଲକ ଉଦ୍ୟାନ ବିଭାଗ ଅଧିକାରିଣୀ ପୂର୍ଣ୍ୟତୋୟା ପ୍ରିୟମ୍ବଦା ଦିନ ଦିନ ଧରି କାର୍ଯ୍ୟାଳୟକୁ ଆସୁନଥିବା ବେଳେ ଚାଷୀମାନେ ନିଜର ଆପତ୍ତି ଅଭିଯୋଗ କରିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ କୃଷି ଏବଂ କୃଷକଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ପରାମର୍ଶ ସହିତ ଚାଷୀଙ୍କୁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରତି ପଞ୍ଚାୟତରେ କୃଷକ ସାଥୀ ନିଯୁକ୍ତ ହୋଇଥିବା ବେଳେ ସେମାନଙ୍କୁ ଅଣଦେଖା କରି କିଛି ମୁଷ୍ଟିମେୟ ଦଲାଲଙ୍କୁ ନିଜ ଅକ୍ତିଆରରେ ରଖି ଚାଷୀଙ୍କ ସବସିଡି ଟଙ୍କାକୁ ହରିଲୁଟ କରିଥିବା ଅଭିଯୋଗ ହୋଇଛି । ସେପଟେ ନିଆଳି ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ଯେଉଁ କିଛି ହାତଗଣତି କର୍ମଚାରୀ ଅଛନ୍ତି ସେମାନେ ମଧ୍ୟ କାର୍ଯ୍ୟାଳୟକୁ ସବୁଦିନ ଆସୁନାହାନ୍ତି । ଏତିକିରେ ସରିନାହିଁ ମ୍ୟାଡମ ଙ୍କ କଳା କାରନାମା ମ୍ୟାଡମ ପୂର୍ଣ୍ୟତୋୟା ପ୍ରିୟମ୍ବଦା ନିଆଳି ବ୍ଲକ ସିଠାଲୋ ପଞ୍ଚାୟତର କିଛି ଚାଷୀ ମାନଙ୍କୁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହିତ ସବସିଡି ଟଙ୍କା ଦେବାକୁ ଲୋଭ ଦେଖାଇ ପାଖାପାଖି ୩ଲକ୍ଷ ୧୭ହଜାର ୫ଶହ ଟଙ୍କା ଠକେଇ କରିଥିବା ଅଭିଯୋଗ କରିଛନ୍ତି ନିମାଇଁ ଚରଣ ସ୍ୱାଇଁ । ଅପରପକ୍ଷରେ ଠକେଇ ର ଶିକାର ହୋଇଥିବା ଚାଷୀ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ□ କୌଣସି ସୁଫଳ ମିଳୁନାହିଁ ବୋଲି କହିଛନ୍ତି । ତେବେ ଏହି ଘଟଣା ସମ୍ପର୍କରେ ନିଆଳି ଉଦ୍ୟାନ ବିଭାଗ ଅଧିକାରିଣୀ ପୂର୍ଣ୍ୟତୋୟା ପ୍ରିୟମ୍ବଦା ଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ କୋଣସି ପ୍ରତିକ୍ରିୟା ମିଳିପାରିନାହିଁ । ତେବେ ଦେଖିବାକୁ ବାକି ରହିଲା ଉଦ୍ୟାନ ବିଭାଗରେ ହୋଇଥିବା ବ୍ୟାପକ ଦୁର୍ନୀତି ବିରୋଧରେ ସରକାର କେବେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ଏବଂ ଚାଷୀଙ୍କୁ କେବେ ନ୍ୟାୟ ମିଳୁଛି ।

## ମରଣଯନ୍ତା ପାଲଟିଛି ଏମଭି ୭୯ ରୁ ମୋଟୁ ଜାତୀୟ ରାଜପଥ
## ରକ୍ଷଣା ବେକ୍ଷଣ ଅଭାବ ଯୋଗୁ ଜନ ଅସନ୍ତୋଷ



ମାଲକାନଗିରି ଜିଲ୍ଲା ଦେଇ ଯାଉଥିବା ରାଞ୍ଚି - ବିଜୟୱାଡା ୩୨୬ ନଂ ଜାତୀୟ ରାଜପଥର ଏମଭି ୭୯ ରୁ ମୋଟୁ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି । ସମ୍ପୂର୍ଣ୍ଣ ରାସ୍ତା ଉପରୁ ପିଚୁ ଉଠିଯାଇ ନଷ୍ଟ ହେବା ସହ ରାସ୍ତା ପାର୍ଶ୍ୱରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟିହୋଇଛି । ବାରମ୍ବାର ଗୁହାରି ସତ୍ତ୍ୱେ ମଧ୍ୟ ସମ୍ପୃକ୍ତ ବିଭାଗ ରାସ୍ତା ମରାମତି ଦିଗରେ ଗୁରୁ ଦେଉନଥିବା ଅଭିଯୋଗ ହୋଇଥିବା ବେଳେ ବର୍ତ୍ତମାନ ରକ୍ଷଣା ବେକ୍ଷଣ ଅଭାବ ଯୋଗୁ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଲାଣି । ଏହାକୁ ନେଇ ଦିନକୁ ଦିନ ଜନ ଅସନ୍ତୋଷ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ରାସ୍ତାରେ ଯାତାୟାତ କରିବା ବିପଦଜନକ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ରାସ୍ତା ଖରାପ ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ମଧ୍ୟ ଦେଖିବାକୁ ମିଳିଛି । ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଏବଂ ଯାନବାହାନ ଚଳାଚଳ କରୁଛନ୍ତି । ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ଜନସାଧାରଣଙ୍କୁ ଅକଥନୀୟ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି । ଏହାସହ ଏହି ରାସ୍ତା ଦେଇ ଏମ ଭି ୭୯ ରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଅଟୋରିକ୍ସା ମଟରସାଇକେ, କାର, ଟ୍ରକ, ବସ୍ ସମେତ ବିଭିନ୍ନ ଭାରୀ ଯାନ ଚଳାଚଳ ହେଉଥିବା ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ରାସ୍ତା ଖରାପ ଯୋଗୁଁ ଦୁର୍ଘଟଣା ଘଟୁଥିବା ମଧ୍ୟ ଦେଖିବାକୁ ମିଳିଛି । ଗତ ଦିନରେ ଖାଲଖମା ଭରା ଏହି ରାସ୍ତାରେ ପଡି ଅନେକ ଲୋକଙ୍କ ପ୍ରାଣ ହାନି ହୋଇଥିବା ନର୍ଜି ରହିଛି । ଏହି ରାସ୍ତାରେ ଦିନକୁ ଦିନ ଦୁର୍ଘଟଣା ସଙ୍ଖ୍ୟା ବଢି ବଢି ଯାଉଥିବାରୁ ଏହି ରାସ୍ତାର ମରାମତି ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ପାଟଣା ପଞ୍ଚାୟତ ସମିତି ର ଅଷ୍ଟମ ଅଧିବେଶନ ଅନୁଷ୍ଠିତ





ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଭାଗୃହ ରେ ପଞ୍ଚାୟତ ସମିତି ଅଷ୍ଟମ ଅଧିବେଶନ ଅନୁଷ୍ଠିତ ହୋଇଛି । ଏହି ଅଧିବେଶନ ପାଟଣା ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାଏକ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଛି । ଅଧିବେସନ ରେ ମୁଖ୍ୟ ଅତିଥି ଭାବରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦାନ କରି ପାଟଣା ବ୍ଲକ ର ବିଭିନ୍ନ ଉନ୍ନତି କାର୍ଯ୍ୟ ର ସମୀକ୍ଷା କରିଛନ୍ତି । ଏହି ଅବସରରେ ପାଟଣା ବିଡିଓ ମାନସ ଦଣ୍ଡପାଟ,ଜୀପିଓ ରଶ୍ମିରେଖା ମହାନ୍ତି, ବ୍ଲକ ସହକାରୀ ର୍ନିବାହୀ ଯନ୍ତ୍ରୀ ସିଦ୍ଧ ମାଝି,ପିଇଓ ଦୀପକ କୁମାର ବେହେରା, ଯୋଗାଦାନ କରିଥିବା ବେଳେ ଅନ୍ୟ ବିଭିନ୍ନ ବିଭାଗ ଅଧିକାରୀ ମାନଙ୍କ ଦ୍ୱାରା କାର୍ଯ୍ୟ ର ସମୀକ୍ଷା ହୋଇଛି । ଏହି ସମୀକ୍ଷା ଅଧିବେସନ ରେ ବିଭିନ୍ନ ଅଧିକାରୀ କାର୍ଯ୍ୟ କୁ ନେଇ ସମୀକ୍ଷା କରାଯାଇ ଥିବା ବେଳେ ବଡପାଟଣା ପଞ୍ଚାୟତ ସରପଞ୍ଚ ବିନତି ବାନରା ସ୍ଥାୟୀ ପଞ୍ଚାୟତ ଅଧିକାରୀ ପାଇ ଦାବି କରିଥିବା ବେଳେ ଡୁମୁରିଆ ସରପଞ୍ଚ ଗୌରହରି ନାଏକ ପଞ୍ଚାୟତ ଅଧୀନ ରେ ଥିବ ଇଷ୍ଟି ଲାଇଟ୍ ଗୁଡ଼ିକ ଅଚଳ ଥିବା ଟାଟା ବିଦ୍ୟୁତ ବିଭାଗ ମରାମତି ନ କରୁ ଥିବା ରୁ ଲାଇଟ୍ ଗୁଡ଼ିକ କାଟି ଦେବାକୁ ପ୍ରକାଶ କରିଛନ୍ତି । ଏହି ଅଧିବେସନ ରେ ପାଟଣା ଯୋଗାଣ ନିରୀକ୍ଷକ ଅଧିକାରୀ ସୁନୀତା ମାରାଣ୍ଡି,ଡବ୍ଲୁଇଓ ଇପ୍ସିରା ରାଣୀ ମହାନ୍ତ, ଗୃହ ବିଭାଗ ସଂଯୋଜକ ସୁରେନ୍ଦ୍ର ଖଣ୍ଡା, ବିଏସ୍ଏସ୍ଓ ଅଭୟ କୁମାର ଦେହୁରୀ, କନିଷ୍ଠ ଯନ୍ତ୍ରୀ ମନାଲିଶା ଚକ୍ର, ଲାଖାଇ ମୁର୍ମୁ, ମନୋଜ ପଣ୍ଡା, ଅଜୟ ଝା ତଥା ବିଭନ୍ନ ବିଭାଗୀୟ ଯନ୍ତ୍ରୀ, ଅଧିକାରୀ ,ପାଟଣା ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶ, ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇ, ୨୨ନଂ ଜିଲ୍ଲାପରିଷଦ ସୌଭାଗୀ ମଞ୍ଜରୀ ନାୟକ, ୨୩ନଂ ଜିଲ୍ଲାପରିଷଦ ରୁନୁ ମହାନ୍ତ ଏବଂ ପାଟଣା ବ୍ଲକ ୨୦ଟି ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ମାନେ ପ୍ରମୁଖ ଉପସ୍ଥିତି ଥିଲେ ।

## ବିଭିନ୍ନ ଶୈବପୀଠରେ ଶିବ ବିବାହ ସମ୍ପନ୍ନ

ପିପିଲି: ପିପିଲି କୋର୍ଟ ଛକସ୍ଥିତ ପ୍ରଭୁ ଶ୍ରୀ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ବିବାହ ଉତ୍ସବ ଶନିବାର ରାତିରେ ଧୁମଧାମରେ ସଂପନ୍ନ ହୋଇଛି । ରବିବାର ସନ୍ଧ୍ୟାରେ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବ ଶୀତଳଷଷ୍ଠୀ ଯାତ୍ରାରେ ନଗର ପରିକ୍ରମା କରିବେ । ଶନିବାର ମଧ୍ୟାହ୍ନରେ ହୁଙ୍କେଶ୍ୱରଦେବ ଯୁବ ପରିଷଦର କର୍ମକର୍ତ୍ତା ଓ ଖଣ୍ଡିଆଗିରୀ ଗ୍ରାମବାସୀ ଶୋଭାଯାତ୍ରାରେ ଆସି ପ୍ରଭୁ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କୁ ପରମ୍ପରା ଅନୁଯାୟୀ ବର ନିମନ୍ତ୍ରଣ କରିବାକୁ ତାଙ୍କ ମନ୍ଦିରରେ ପହଞ୍ଚିଥିଲେ । ଅପରାହ୍ନ ୬ଟାରେ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବିମାନରେ ବରଯାତ୍ରୀ ଦଳ ସହ ଖଣ୍ଡିଆଗିରୀସ୍ଥିତ ପ୍ରଭୁ ଶ୍ରୀହୁଙ୍କେଶ୍ୱରଦେବଙ୍କ ମନ୍ଦିରକୁ ନିଆଯାଇଥିଲା । ସେଠାରେ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱରଦେବ ଓ ପ୍ରଭୁ ଶ୍ରୀ ହୁଙ୍କେଶ୍ୱରଦେବଙ୍କ ମଧ୍ୟରେ ପାରମ୍ପରିକ ଭେଟଭାଟ କାର୍ଯ୍ୟକ୍ରମ ବିଧି ମୁତାବକ ସଂପନ୍ନ ହୋଇଥିଲା । ସନ୍ଧ୍ୟା ୭ଟାରେ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱରଦେବ ସେଠାରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବରଯାତ୍ରୀଙ୍କ ସହ ବାହାରି ଫାୟାର ଷ୍ଟେସନ ଛକ, ବ୍ଲକଛକ, ଡାକ୍ତରଖାନା ଛକ, ମଢିଆଳି ଛକ ଦେଇ ନିଜ ମନ୍ଦିରରେ ପହଞ୍ଚିଥିଲେ । ରାତି ସାଢେ ୯ଟାରେ ମନ୍ଦିର ପରିସରରେ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ସହ ଦେବୀ ପାର୍ବତୀଙ୍କ ବିବାହ ଉତ୍ସବ ଧୁମ୍ଧାମରେ ସଂପନ୍ନ ହୋଇଥିଲା । ସମାଜସେବୀ ଗୌରହରି ସାହୁ ଓ ତାଙ୍କ ପତ୍ନୀ ରାଧାମଣୀ ସାହୁ ବରପକ୍ଷ ହୋଇଥିବା ବେଳେ ସମାଜସେବୀ ରଘୁନାଥ କାସ୍ତ ଓ ତାଙ୍କ ପତ୍ନୀ ପ୍ରତିମା କାସ୍ତ କନ୍ୟାପକ୍ଷର ପିତାମାତା ଭାବେ ଦାୟିତ୍ୱ ତୁଲାଇଥିଲେ । ଗଞ୍ଜାମ: ଗଞ୍ଜାମ ବ୍ଲକ ଓ ଏନଏସି ଅନ୍ତର୍ଗତ ବିଭିନ୍ନ ଶୈବ ପୀଠରେ ପବିତ୍ର ଶୀତଳ ଷଷ୍ଠୀ ଉତ୍ସାବ ମହାସମାରୋହରେ ପାଳିତ ହୋଇଛି । ବଟେଶ୍ୱର ପୀଠ, ଅଲେଶ୍ୱର ପୀଠ, କପିଳେଶ୍ରର, ଝଡ଼େଶ୍ୱର, ବାଲିଲୋକନାଥ, ଖଣ୍ଡେଶ୍ୱର, ରାମଲିଙ୍ଗେଶ୍ୱର, ବାଲୁଙ୍କେଶ୍ୱର ପୀଠରେ ଶିବ ବିବାହ ଉତ୍ସବ ଆୟୋଜିତ ହୋଇଛି । ଗଞ୍ଜାମ ସହରର ଭାରତୀ ବିଦ୍ୟାପୀଠଠାରେ ଅବସ୍ଥିତ ବାବା କାଶୀ ବିଶ୍ୱନାଥ ମନ୍ଦିରରେ ଶୀତଳ ଷଷ୍ଠୀ ଉପଲକ୍ଷେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା

ଆଠଗଡ: ପବିତ୍ର ଶୀତଳଷଷ୍ଠୀ ଉପଲକ୍ଷେ ଶନିବାର ଆଠଗଡର ପୁରପଲ୍ଲୀରେ ଥିବା ଶୈବପୀଠଗୁଡିକ ଉତ୍ସବମୁଖର ହୋଇଉଠିଥିଲା । ଆଠଗଡ ବ୍ଲକ କଟକିଆସାହି ପଞ୍ଚାୟତରେ ପ୍ରାଚୀନ ସର୍ପେଶ୍ୱର ପୀଠ ସମେତ ଗ୍ରାମା□ଳ ଓ ସହରାଞ୍ଚଳର ପ୍ରତ୍ୟେକ ଶିବ ମନ୍ଦିରରେ ଏହି ପର୍ବ ବେଶ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଛି ।ରାଧାନାଥପୁର ଶାସନସ୍ଥିତ କାଶୀ ବିଶ୍ୱନାଥ ମନ୍ଦିରରେ ବର ପିତାମାତା ଭାବେ ରାଜେନ୍ଦ୍ର ନାରାୟଣ ମହାପାତ୍ର ଓ ତାଙ୍କ ପତ୍ନୀ ଏବଂ କନ୍ୟା ପିତାମାତା ରୂପେ ପ୍ରଦୀପ କୁମାର ରଥ ସସ୍ତ୍ରୀକ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ପ୍ରାଚୀନ ସ୍ୱପ୍ନେଶ୍ୱର ମନ୍ଦିରରେ ବର ପିତାମାତା ଭାବେ କଞ୍ଚନ କୁମାର ସର ଓ ତାଙ୍କ ସହଧର୍ମିଣୀ ଏବଂ କନ୍ୟା ପିତାମାତା ଭାବେ ଅଶୋକ କୁମାର ରାୟ ସସ୍ତ୍ରୀକ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତି ଉଦ୍‌ବେଗଜନକ
## ଟିକଟ୍ ପାଇଁ ଯନ୍ତ୍ରଣା ଭୋଗୁଛନ୍ତି ରୋଗୀ : ପଞ୍ଜୀକରଣ ପାଇଁ ବ୍ୟାପକ ସମସ୍ୟା



ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିନକୁ ଦିନ ଅସହ୍ୟ ସ୍ଥିତି ସୃଷ୍ଟି ହେଉଛି । ରୋଗୀ ଓ ରୋଗୀ ଙ୍କ ସମ୍ପର୍କୀୟ ସବୁଠାରୁ ଅଧିକ ସମସ୍ୟା ଭୋଗୁଛନ୍ତି ।ଡାକ୍ତରଙ୍କ ଅଭାବ ଏବଂ କାର୍ଯ୍ୟରତ ଡାକ୍ତରଙ୍କ ମନମୁଖୀ କାର୍ଯ୍ୟ ସବୁଠାରୁ ବଡ଼ ସମସ୍ୟା ଭାବେ ଉଭାହୋଇଛି । ଏଭଳି ସ୍ଥିତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ନାଁ ପଞ୍ଜୀକରଣ କରି ଟିକଟ୍ ପାଇଁ ଧାଡ଼ିରେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି । କର୍ମଚାରୀ ରହିଥିଲେ ବି କମ୍ପ୍ୟୁଟର୍ ଓ ପ୍ରିଣ୍ଟର ସମସ୍ୟା ପାଇଁ ପାଞ୍ଚଟି ପଞ୍ଜିକରଣ କାଉଣ୍ଟର ମଧ୍ୟରୁ ଦୁଇଟି କାଉଣ୍ଟରରେ ଟିକଟ୍ କରାଯାଉଛି । ଡାକ୍ତରଖାନା ଏଡିଏମ୍ ତଥା ହସ୍ପିଟାଲ ମ୍ୟାନେଜର ଏଥିପ୍ରତି ଆଦୌ ଧ୍ୟାନ ଦେଉନଥିବା ଭିଯୋଗ ହେଉଛି । ଟିକଟ୍ କରିବା ପରେ ରୋଗୀ ମାନେ ଡାକ୍ତରଙ୍କୁ ଦେଖାଇବା ପାଇଁ ମଧ୍ୟ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ଓପିଡି ସମୟରେ ସ୍ପେଶାଲିଷ୍ଟଙ୍କୁ କ୍ୟାବିନ୍ରେ ନ ପାଇ ଆଉଟ୍ଡୋରେ ଏମ୍.ବି.ବି.ଏସ୍ ଡାକ୍ତର ଙ୍କୁ ଦେଖାଇବା ପାଇଁ ଭିଡ଼ ଲାଗୁଛି । ଦୀର୍ଘ ଦୁଇ ସପ୍ତାହ ହେବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାହିଁ ନ ଥିବା ମସ୍ୟା ସୃଷ୍ଟି ହେଉଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏଥି ପ୍ରତି ଧ୍ୟାନ ଦେଉନଥିବା ଅଭିଯୋଗ ହୋଇଛି । ସମନ୍ୱୟ ଅଭାବ ପାଇଁ ସ୍ୱାସ୍ଥ୍ୟ ସେବା ସଠିକ ଭାବେ ମିଳିପାରୁ ନ ଥିବା ଅଭିଯୋଗ ହେଉଛି । କେବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମସ୍ୟା ଦୂରିଭୂତ ହେବ ବୋଲି ପ୍ରଶ୍ନ ଉଠିଛି ।

# ଗଛ ସହୁଛି ଲୁହା କଣ୍ଟାର ବେଦନା: ବିଜ୍ଞାପନ ପ୍ରଚାର ପାଇଁ କମ୍ପାନୀ ମାଲାମାଲ





କୋକସରା,(ମହାଭାରତ) : ବୃକ୍ଷ ରୋପଣ କରି ପରିବେଶ କୁ ସୁରକ୍ଷା ଦେବା ପାଇଁ ସ୍କୁଲ , କଲେଜ ବନ ବିଭାଗ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସଂସ୍ଥା ପକ୍ଷରୁ ବିଗତ ଦିନ ମାନଙ୍କରେ ପ୍ରଚାର ପ୍ରସାର ଜୋରସୋର ଭାବରେ କରି ଲୋକଙ୍କୁ ସଚେତନ କରାଯାଉଛି । ହେଲେ ଲାଭ ଓ ଲୋଭ ପାଇଁ ସ୍ୱାର୍ଥପର ହୋଇଯାଇଛି ମଣିଷ ଯପ୍ରକୃତି ପ୍ରତି କରୁଛି ନିଷ୍ଠୁର ଆଚରଣ । ପ୍ରକୃତି ଆମ ପାଇଁ ବରଦାନ ବୃକ୍ଷ ଆମର 'ଜୀବନ' ବୃକ୍ଷ ଆମର ବନ୍ଧୁ କହୁ । କିନ୍ତୁ କିଛି ସ୍ଥାନରେ ବୃକ୍ଷମାନଙ୍କ ଉପରେ ଧାନ ବିହନ କମ୍ପାନୀମାନେ କଣ୍ଟା ବାଡେଇ ବିଜ୍ଞାପନ ଟାଙ୍ଗି ଚାଲିଯାଉଛନ୍ତି । କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଦେଇ ଯାଇଥିବା ଜାତୀୟ ରାଜପଥ ନମ୍ବର ୨୬ କୋକସରା ଠାରୁ କାଉଡୋଲା ପର୍ଯ୍ୟନ୍ତ ରାସ୍ତା କଡ଼ରେ ଥିବା ଶହ ଶହ ଗଛରେ ଲୁହା କଣ୍ଟା ବାଡେଇ ଅନେକ ପ୍ରକାର ଧାନ ବିହନ କମ୍ପାନୀ ନିଜର ବିଜ୍ଞାପନ ଛାଇ ଦେଇଛନ୍ତି । ଲୁହାକଣ୍ଟାର କ୍ଷତରେ ଗଛ ସିନା ତାର ଯନ୍ତ୍ରଣା କହିପାରିଲାନି, ହେଲେ ତାର ଶୁଖିଲା ଡ଼ାଳ ସୂଚାଇ ଦେଉଛି କିଭଳି ହୋଇଛି ହାଲ୍ । ଗଛର ମଧ୍ୟ ଜୀବନ ଅଛି , ସେ ମାନବ ସମାଜ ପାଇଁ ବରଦାନ ସଦୃଶ୍ୟ ତା ' ଉପରେ ଅତ୍ୟାଚାର କରିବା ସୁସ୍ଥ ସମାଜର ପରିପ୍ୟୀ ବୋଲି ପରିବେଷିତ ମାନେ ମତ ପ୍ରକାଶ କରିଛନ୍ତି । ଜୀବନ୍ତ ଗଛ ଉପରେ ଲୁହା କଣ୍ଟା ବାଡେଇବା ହେତୁ ଗଛ ଉପରେ ଏହାର ଅନେକ ମାରାତ୍ମକ ପ୍ରଭାବ ପଡିଥାଏ । ଅନେକ ଗଛର ଉଚ୍ଚତା ବୃଦ୍ଧି ପାଇବାର ଗୁଣ ହ୍ରାସ ପାଇଥାଏ । ସେହିପରି ଫଳ ଗଛ ମାନଙ୍କରେ ଅତ୍ୟଧିକ ଲୁହା କଣ୍ଟା ବାଡେଇବା ଦ୍ୱାରା ଫୁଲ ଫଳ ଝଡିବାର ସମ୍ଭାବନା ଦେଖା ଦେଇଥାଏ । ଏହି ବୃକ୍ଷ ମାନଙ୍କରେ ଅନେକ ସରିଶୃପ,ପକ୍ଷୀମାନେ ବସା ବାନ୍ଧି ରହିଥାନ୍ତି । ଲୁହା କଣ୍ଟା ଦ୍ୱାରା ସେମାନେ ଅନେକ ସମୟରେ ଆଘାତପ୍ରାପ୍ତ ହୋଇଥାନ୍ତି । ଏହି ବିଜ୍ଞାପନ ଫଳରେ ସମ୍ପୃକ୍ତ କମ୍ପାନୀମାନେ ନିଜର ଲୋକ ପ୍ରିୟତା ବଢାଇ କୋଟି କୋଟି ଟଙ୍କା ଉପାର୍ଜନ କରୁଥିବା ବେଳେ ନିରୀହ ଜୀବ ଜନ୍ତୁ ଓ ବୃକ୍ଷ ଏହା ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହେଉଛନ୍ତି । ବିଜ୍ଞାପନ ପ୍ରଦର୍ଶନ କରିବା ପାଇଁ ଅନେକ ସ୍ଥାନ ଓ ମାଧ୍ୟମ ରହିଛି । ତେବେ ଆମରି ଉପକାରୀ ବୃକ୍ଷ ମାନଙ୍କ ଉପରେ ଲୁହା କଣ୍ଟା ବାଡାଇ ବିଜ୍ଞାପନ ପ୍ରଦର୍ଶନ କରିବା କେତେ ଦୂର ଠିକ ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଗଛ ଉପରେ ଏପରି ବିଜ୍ଞାପନ କରୁଥିବା ଧାନ ବିହନ କମ୍ପାନୀ ଉପରେ ଜଙ୍ଗଲ ବିଭାଗ ଓ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅ□ଳର ପ୍ରକୃତି ପ୍ରେମୀମାନେ ଦାବି କରିଛନ୍ତି ।

## ପଥର ଖଣି ଭୁଶୁଡ଼ି ୧୦ ମୃତ

ନୂଆଦିଲ୍ଲୀ,୩୧।୫ : ଇଣ୍ଡୋନେସିଆର ପଶ୍ଚିମ ଜାଭା ପ୍ରଦେଶର ସିରେବନ୍ ଜିଲ୍ଲାରେ ଗତକାଲି ଅର୍ଥାତ୍ ଶୁକ୍ରବାର ଦିନ ପଥର ଖଣିରେ ଏକ ବଡ଼ ପଥର ଭୁଶୁଡ଼ି ପଡିଛି । ଯାହା ଯୋଗୁଁ ଅତି କମରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୬ ଜଣ ଶ୍ରମିକ ନିଖୋଜ ଅଛନ୍ତି । ସ୍ଥାନୀୟ କର୍ତ୍ତୃପକ୍ଷ ଏହି ଦୁଃଖଦ ଦୁର୍ଘଟଣାକୁ ନିଶ୍ଚିତ କରିଛନ୍ତି । ସ୍ଥାନୀୟ ପୋଲିସ ମୁଖ୍ୟ ସୁମାର୍ନି କହିଛନ୍ତି ଯେ ଖଣିର ଉପର ଅଂଶ ହଠାତ୍ ଭୁଶୁଡ଼ି ପଡ଼ିବାରୁ ଦୁର୍ଘଟଣା ଘଟିଥିଲା । ଘଟଣା ସମୟରେ ସେଠାରେ ଦୁଇ ଡଜନରୁ ଅଧିକ ଶ୍ରମିକ କାମ କରୁଥିଲେ । ଦୁର୍ଘଟଣା ପରେ ଅନେକ ଲୋକ ଭଗ୍ନାବଶେଷ ତଳେ ଚାପି ହୋଇ ରହିଥିଲେ। ଘଟଣାସ୍ଥଳରେ ରିଲିଫ୍ ଏବଂ ଉଦ୍ଧାର ଦଳ କାର୍ଯ୍ୟ କରୁଛନ୍ତି । ପ୍ରାଥମିକ ସୂଚନା ଅନୁଯାୟୀ, ଉଦ୍ଧାରକାରୀ ଦଳ ଏପର୍ଯ୍ୟନ୍ତ ୧୨ ଜଣ ଆହତଙ୍କୁ ବାହାର କରିଛନ୍ତି, ଯେଉଁମାନଙ୍କ ମଧ୍ୟରୁ କିଛିଙ୍କ ଅବସ୍ଥା ଗୁରୁତର ରହିଛି । ସୁମାର୍ନି କହିଛନ୍ତି ଯେ, ‘‘ଆମେ ବର୍ତ୍ତମାନ ଖଣି ଭୁଶୁଡ଼ିବାର କାରଣ ତଦନ୍ତ କରୁଛୁ ଏବଂ ମାଲିକ ଏବଂ ଶ୍ରମିକମାନଙ୍କୁ ପଚରାଉଚରା କରାଯାଉଛି,’’। ଏଥି ସହ ଆହୁରି କହିଛନ୍ତି ଯେ ପୋଲିସ, ଜରୁରୀକାଳୀନ କର୍ମୀ, ସୈନିକ ଏବଂ ସ୍ୱେଚ୍ଛାସେବକମାନେ ପାଞ୍ଚଟି ଖନନ ମେସିନ ସାହାଯ୍ୟରେ ନିଖୋଜ ଲୋକଙ୍କୁ ଖୋଜୁଛନ୍ତି, କିନ୍ତୁ ମାଟି ଢିଲା ଥିବାରୁ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି କାରଣ ଏହା ଭୂସ୍ଖଳନର ଆଶଙ୍କା ବୃଦ୍ଧି କରୁଛି । ଜାତୀୟ ବିପର୍ଯ୍ୟୟ ପରିଚାଳନା ଏଜେନ୍ସି (ଇଘଚଇ) ମୁଖପାତ୍ର ଅବଦୁଲ ମୁହରି କହିଛନ୍ତି ଯେ ଅନ୍ଧାର ଯୋଗୁଁ ଶୁକ୍ରବାର ସନ୍ଧ୍ୟାରେ ସନ୍ଧାନ ଅଭିଯାନ ବନ୍ଦ କରାଯାଇଥିଲା । ଏବେ ଏହା ଶନିବାର ଭୋର ସମୟରେ ପୁଣି ଥରେ ଆରମ୍ଭ ହେବ । ଅପରେସନ୍ ସମୟରେ, ତିନୋଟି ଖନନ ମେସିନ୍ ଏବଂ ଛଅଟି ଟ୍ରକ୍ ମଧ୍ୟ ଭଗ୍ନାବଶେଷ ତଳେ ପୋତି ହୋଇଥିବା ଦେଖିବାକୁ ମିଳିଥିଲା ଏବଂ ସେମାନଙ୍କର ସନ୍ଧାନ ଜାରି ରହିଛି । ଶୁକ୍ରବାର ଅପରାହ୍ନ ସୁଦ୍ଧା, ଉଦ୍ଧାରକାରୀମାନେ ୧୦ ଜଣଙ୍କ ମୃତଦେହ ଉଦ୍ଧାର କରିଥିବା ବେଳେ, ୬ ଜଣ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ଖାଇକୁ ଖସିଲା କାର, ୫ ମୃତ

ଉତ୍ତରପ୍ରଦେଶ : ଉତ୍ତରପ୍ରଦେଶ ହରଦୋଇ ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଛି । ଘଟଣାରେ ୬ ଜଣ ଗୁରୁତର ଆହତ ହୋଇଛନ୍ତି । ଏକ ବିବାହ ଉତ୍ସବରୁ ଫେରୁଥିବା ବେଳେ କାର୍ ଅନିୟନ୍ତ୍ରିତ ହୋଇ ଖାଇରେ ଓଲଟି ପଡିଥିଲା । ଫଳରେ କାରରେ ଥିବା ୫ ଜଣଙ୍କ ଜୀବନ ଚାଲିଯାଇଥିଲା । ଘଟଣା ବିଷୟରେ ଖବର ପାଇଁ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି । ଆହତଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି । ଖବର ମୁତାବକ, ହରଦୋଇର ମଝିଲା ଥାନା ଅଞ୍ଚଳ ଗ୍ରାମ ଭୁଷ୍ପା ପୁରବା ମୋଡ଼ ନିକଟରେ ଦୁର୍ଘଟଣା ଘଟିଛି । ପାଲୀ ଥାନା ଅଞ୍ଚଳର ପାଟିୟାନିମର ନୀରଜଙ୍କ ବରଯାତ୍ରୀକୁ ଯାଇଥିଲେ ଦୁର୍ଘଟଣାର ଶିକାର ହୋଇଥିବା ଲୋକ । ବିବାହ ସରିବା ପରେ ଫେରୁଥିବା ବେଳେ କାର୍ଟି ଅନିୟନ୍ତ୍ରିତ ହୋଇ ଖାଇକୁ ଓଲଟି ପଡିଥିଲା । ଫଳରେ ଏଥିରେ ଥିବା ଲୋକଙ୍କ ମଧ୍ୟରୁ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ରହିଛନ୍ତି । ଘଟଣା ବିଷୟରେ ସୂଚନା ପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ହସପିଟାଲରେ ବ୍ୟବଚ୍ଛେଦ ପାଇଁ ପଠାଇଛି । ସେହିପରି ଆହତଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ତେବେ ଘଟଣା ବିଷୟରେ ସୂଚନା ପାଇଁ ପରିବାର ଲୋକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## ଲଗାଣ ବର୍ଷା ନେଲାଣି ୧୯ ଜୀବନ

ନୂଆଦିଲ୍ଲୀ : ଲଗାଣ ବର୍ଷାରେ ବେହାଲ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ । ଆସାମ, ମଣିପୁର, ସିକ୍କିମର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସାଙ୍ଗକୁ ବନ୍ୟା ଓ ଭୂସ୍ଖଳନ ସ୍ଥିତି । ରାସ୍ତାଘାଟ, ଘରଦ୍ୱାର ଚାରିଆଡ଼େ ପାଣି ହିଁ ପାଣି । ଏଭଳି ସ୍ଥିତିରେ ବିଭିନ୍ନ ରାଜ୍ୟରେ ମୋଟ ୧୯ ଜଣଙ୍କର ମୃତ୍ୟୁ ଘଟିସାରିଲାଣି । ପାଣି ଘେରରେ ରହିଥିବା ଲୋକଙ୍କୁ ଏନଡିଆରଏଫ୍, ଏସଡିଆରଏଫ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ପରିବହନ ବ୍ୟବସ୍ଥା ପ୍ରଭାବିତ ହୋଇଥିବା ମଧ୍ୟ ଦେଖିବାକୁ ମିଳିଛି । ସମୟ ପୂର୍ବରୁ ମୌସୁମୀ ଦେଶରେ ପହଞ୍ଚିଛି । ଏହାର ପ୍ରଭାବରେ ସାରା ଦେଶରେ ବର୍ଷା ସାଙ୍ଗକୁ କିଛି ରାଜ୍ୟରେ ପ୍ରବଳ ବର୍ଷା ହେଉଛି । ଫଳରେ ସ୍ଥିତି ଅସମ୍ଭାଳ ହୋଇଛି । ବିଶେଷ କରି ଉତ୍ତର ଭାରତର ଏକାଧିକ ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବାବେଳେ ଭୂସ୍ଖଳନ ହୋଇଥିବା ସୂଚନା ରହିଛି । ବିଭିନ୍ନ ନଦୀର ଜଳସ୍ତର ଉଚ୍ଛୁଳୁଛି । ଉତ୍ତର ଭାରତରେ ବିଭିନ୍ନ ରାଜ୍ୟରେ ପାଣି ଘେରରେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି ।

# ପାକିସ୍ତାନକୁ ପୁଣି ଆଟାକ୍ କରିବ ଭାରତ !





ଇସଲାମବାଦ,୩୧।୫: ଭାରତୀୟ ସେନା ଅପରେସନ ସିନ୍ଦୂର ଅଧୀନରେ ପାକିସ୍ତାନରେ ପ୍ରବେଶ କରି ଯାହା କଲା, ତାହା ପରେ ପାକିସ୍ତାନୀ ସେନା ଭୟଭୀତ ହୋଇସାରିଛି। ତା ସହିତ, ପାକିସ୍ତାନର ତିନି ସେନାର ମୁଖ୍ୟ, ଅର୍ଥାତ ଯୁଗ୍ମ ମୁଖ୍ୟ ଷ୍ଟାଫ କମିଟିର ଅଧ୍ୟକ୍ଷ, ଜେନେରାଲ ସାହିର ଶମଶାଦ ମିର୍ଜା ମଧ୍ୟ ରାତିରେ ଶୋଇ ପାରୁନାହାଁନ୍ତି। ଜେନେରାଲ ମିର୍ଜା କହିଛନ୍ତି ଯେ ଭାରତ ପୁଣି ଆକ୍ରମଣ କରିପାରେ, ଆମେ ଆଲୋଚନା ପାଇଁ ପ୍ରସ୍ତୁତ। ଭବିଷ୍ୟତରେ ଭାରତ ପୁଣି ଆକ୍ରମଣ କରିବ ବୋଲି ଅସ୍ୱୀକାର କରାଯାଇପାରିବ ନାହିଁ। ଜେନେରାଲ ମିର୍ଜା କହିଛନ୍ତି, “ଏଥର କିଛି ବିଶେଷ ଘଟିନାହିଁ, କିନ୍ତୁ ଭାରତର ଯେକୌଣସି ରଣନୈତିକ ଭୁଲକୁ ଅଣଦେଖା କରାଯାଇପାରିବ ନାହିଁ। ସେ ଜୋର ଦେଇ କହିଛନ୍ତି, “ଏହି ପ୍ରସଙ୍ଗଗୁଡ଼ିକର ସମାଧାନ କେବଳ ଆଲୋଚନା ମାଧ୍ୟମରେ ହୋଇପାରିବ, ଯୁଦ୍ଧ ଦ୍ୱାରା ନୁହେଁ।” ପାକିସ୍ତାନ ଆଲୋଚନା ପାଇଁ ପ୍ରସ୍ତୁତ, କିନ୍ତୁ ବର୍ତ୍ତମାନ କେବଳ କିଛି ସୀମାସ୍ତରୀୟ ହଟଲାଇନରେ ଦୁଇ ଦେଶ ମଧ୍ୟରେ ଆଲୋଚନା ହେଉଛି।” ଜେନେରାଲ ମିର୍ଜା ନିଜେ ସ୍ୱୀକାର କରିଛନ୍ତି ଯେ ଯଦି ବିବାଦ ବୃଦ୍ଧି ପାଏ, ତେବେ ଏହା କେବଳ ଚଡ଼କ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ ବରଂ ସମଗ୍ର ପାକିସ୍ତାନକୁ ବ୍ୟାପିପାରେ, ଯାହା ଏକ ବିପଜ୍ଜନକ ଧାରା। ଜେନେରାଲ ମିର୍ଜା କହିଛନ୍ତି ଯେ ଭାରତ-ପାକିସ୍ତାନରେ ସାମରିକ ଭୁଲ ବୁଝାମଣାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ, ବିଶେଷକରି ଯେତେବେଳେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଶୀର୍ଷରେ ଥାଏ। ମିର୍ଜା ଚେତାବନୀ ଦେଇଛନ୍ତି ଯେ ସାମ୍ପ୍ରତିକ ବିବାଦ ହିମାଳୟର ବିବାଦୀୟ ଅଞ୍ଚଳ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଉଭୟ ଦେଶ ପରସ୍ପରର ମୁଖ୍ୟଭୂମିରେ ସାମରିକ ଘାଟିକୁ ଟାର୍ଗେଟ କରିଛନ୍ତି। ଏହି ଧାରା ବିପଦପୂର୍ଣ୍ଣ, କାରଣ ଏହା ପରମାଣୁ ଶକ୍ତି ସମ୍ପନ୍ନ ପଡ଼ୋଶୀ ଦେଶମାନଙ୍କ ମଧ୍ୟରେ ମୁକାବିଲାର ପରିସର ବୃଦ୍ଧି କରିପାରେ। ଭବିଷ୍ୟତରେ, ଏହି ବିବାଦ ସମଗ୍ର ଭାରତ ଏବଂ ପାକିସ୍ତାନକୁ ବ୍ୟାପିପାରେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ମାସରେ ଚେତାବନୀ ଦେଇଥିଲେ ଯେ ଭାରତ ଆତଙ୍କବାଦୀ ଘାଟି ଉପରେ ସୀମାପାର ଆକ୍ରମଣ କରିବ। ଏହାର ଜବାବରେ, ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ “ଆତଙ୍କବାଦ ଏବଂ ଆଲୋଚନା ଏକାଠି ଚାଲିପାରିବ ନାହିଁ। ମିର୍ଜା ଜୋର ଦେଇ କହିଛନ୍ତି ଯେ ସମସ୍ୟାର ସମାଧାନ ଯୁଦ୍ଧକ୍ଷେତ୍ରରେ ନୁହେଁ, ବରଂ ଆଲୋଚନା ଏବଂ ପରାମର୍ଶ ମାଧ୍ୟମରେ ସମ୍ଭବ। ବର୍ତ୍ତମାନ, ସୀମାରେ ଡିଜିଏମଓ ଏବଂ କିଛି ହଟଲାଇନ ବ୍ୟତୀତ ଦୁଇ ଦେଶ ମଧ୍ୟରେ କୌଣସି ଆଲୋଚନା ହେଉନାହିଁ।

## ଅପରେସନ ସିନ୍ଦୁରକୁ ନେଇ ଇଷ୍ଟାଗ୍ରାମରେ ବିବାଦୀୟ ପୋଷ୍ଟ ସେୟାର କଲେ ପୁଣେ ଆଇନ ଛାତ୍ରୀ, ଗିରଫ କରିଥିଲା ପୋଲିସ




ନୂଆଦିଲ୍ଲୀ,୩୧।୫ : ପୁଣେ ଆଇନ ଛାତ୍ରୀ ଶର୍ମିଷ୍ଠା ପନୌଲିଙ୍କୁ ଗୁରୁଗ୍ରାମରୁ ଗିରଫ କରିଛି କୋଲକାତା ପୋଲିସ । ଅପରେସନ ସିନ୍ଦୁରକୁ ନେଇ ଇଷ୍ଟାଗ୍ରାମରେ ବିବାଦୀୟ ପୋଷ୍ଟ ସେୟାର କରିଥିଲେ ପୁଣେ ଆଇନ ଛାତ୍ରୀ । ଧାର୍ମିକ ଭାବନାକୁ ଆଘାତ ଦେବା ଅଭିଯୋଗ କାରଣରୁ ପୋଲିସ ତାଙ୍କୁ ଗିରଫ କରିଛି । ଯାହାର ଭିଡିଓ କରି ଶର୍ମିଷ୍ଠା ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି । ଭିଡିଓ ଭାଇରଲ ହେବା ପରେ କୋଲକାତା ଗାର୍ଡେନରିଚ୍ ପୋଲିସ ଷ୍ଟେସନରେ ମାମଲା ରୁଜୁ ହୋଇଛି । ଗିରଫ ପୂର୍ବରୁ ସେ ସୋସିଆଲ ମିଡ଼ିଆରେ କ୍ଷମା ପ୍ରାର୍ଥନା କରିବା ସହ ସମସ୍ତ ଭିଡିଓ ଏବଂ ପୋଷ୍ଟଗୁଡ଼ିକୁ ସୋସିଆଲ ମିଡିଆରୁ ହଟାଇ ଦେଇଥିଲେ । କିନ୍ତୁ କୋର୍ଟ ୱାରେଣ୍ଟ ଜାରି କରିଥିବାରୁ ତାଙ୍କୁ ପୋଲିସ ଗିରଫ କରିଛି । ସୂଚନାନୁଯାୟୀ, ଶର୍ମିଷ୍ଠା ଏକ ନିର୍ଦ୍ଦିଷ୍ଟ ଧର୍ମ ବିପକ୍ଷରେ ଯାଇ ମନ୍ତବ୍ୟ ଦେଇଥିଲେ । ଏପରି ଭିଡିଓ ଭାଇରଲ ହେବା ପରେ ଏକ ବିବାଦ ଦେଖା ଦେଇଥିଲା । କୋଲକାତାର ଗାର୍ଡେନରିଚ୍ ପୋଲିସ ଷ୍ଟେସନରେ ଏହି ମାମଲା ସଂପର୍କରେ ଅଭିଯୋଗ ଦାଖଲ କରାଯିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏପଟେ ବଲିଉଡ ଅଭିନେତାମାନେ 'ଅପରେସନ ସିନ୍ଦୁର'କୁ ନେଇ ନୀରବ ରହିଥିବାରୁ ସେମାନଙ୍କ ଉପରେ ଅଭିଯୋଗ ଆଣିଥିଲେ । ଯାହାକୁ ନେଇ ସେ ଟ୍ରୋଲର ଶିକାର ହୋଇଥିଲେ । ସେତିକି ନୁହେଁ ବରଂ ତାଙ୍କୁ ଧମକ ମଧ୍ୟ ଦିଆଯାଇଥିଲା । ତେଣୁ ସେ ପୋଷ୍ଟ ହଟାଇ ଦେଇଥିଲେ ଏବଂ କ୍ଷମା ମାଗିଥିଲେ । କିନ୍ତୁ ସେତେବେଳକୁ ତାଙ୍କୁ ବରୋଧରେ ଅଭିଯୋଗ ଦାଖଲ ହୋଇ ସାରିଥିଲା । ଯାହା ପରେ ସେ ଏବଂ ତାଙ୍କ ପରିବାର ନିଖୋଜ ହୋଇଯାଇଥିଲେ । ଯାହା ଫଳରେ ତାଙ୍କୁ ନୋଟିସ ପଠାଇବା କଷ୍ଟକର ହୋଇ ପଡିଥିଲା ବୋଲି ପୋଲିସ ସୂଚନା ଦେଇଛି । ଏହାରି ମଧ୍ୟରେ କୋର୍ଟ ତାଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲା । ପୋଲିସ କୋର୍ଟର ଆବେଦନକୁ ଗ୍ରହଣ କରି ୱାରେଣ୍ଟ ଜାରି କରିଥିଲା । ପରେ କୋଲକାତା ପୋଲିସର ଗୋଟିଏ ଦଳ ଶର୍ମିଷ୍ଠାଙ୍କୁ ଚିହ୍ନଟ କରି ଶୁକ୍ରବାର ବିଳମ୍ବିତ ରାତିରେ ଗୁରୁଗ୍ରାମ ନିକଟରୁ ତାଙ୍କୁ ଗିରଫ କରିଥିଲା । ଅନ୍ୟପଟେ ସେ କ୍ଷମା ମାଗିବା ପରେ ମଧ୍ୟ ପୋଲିସ ତାଙ୍କୁ ଗିରଫ କରିଥିଲା । କାରଣ କୋର୍ଟ ଆଇନଗତ ପ୍ରକ୍ରିୟା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଜାରି କରାଯାଇଥିଲା । ଯେହେତୁ କୋର୍ଟ ୱାରେଣ୍ଟ ଜାରି କରିଛି ତେଣୁ ପୋଲିସ ଶର୍ମିଷ୍ଠାଙ୍କୁ ପୋଲିସ ତା' ହେପାଜତକୁ ନେଇଛି । ବର୍ତ୍ତମାନ, ଶର୍ମିଷ୍ଠାଙ୍କୁ କୋଲକାତା ଅଣାଯାଇ ତାଙ୍କୁ କୋର୍ଟରେ ହାଜର କରାଯିବ। ଏହି ଭିଡିଓ ପଛରେ କୌଣସି ଉଦ୍ଦେଶ୍ୟ ଅଛି କି ନାହିଁ ତାହା ଜାଣିବା ପାଇଁ ପୋଲିସ ଏହି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି ।

## ପୁଣି ବାଜିଲା ସାଇରନ୍

ନୂଆଦିଲ୍ଲୀ,୩୧।୫ : ପୁଣି ବାଜିଲା ସାଇରନ, ପୁଣି ହେଉଛି ବ୍ଲାକଆଉଟ୍ । ଆଗକୁ ହେବ କି ଯୁଦ୍ଧ । ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ଓ ରାଜନୈତିକ ହଲଚଲ ଭିତରେ ପୁଣିଥରେ ଦେଶର ସୁରକ୍ଷାକୁ ନେଇ ଚର୍ଚ୍ଚା । ଅପରେସନ୍ ସିଲ୍ଡ ଅନ୍ତର୍ଗତ ସଂଧ୍ୟା ୫ଟାରୁ ଜମ୍ମୁ-କାଶ୍ମୀର, ପଞ୍ଜାବ, ରାଜସ୍ଥାନ, ଗୁଜରାଟ ହରିୟାଣା ଓ ଚଣ୍ଡିଗଡ଼ରେ ଅନୁଷ୍ଠିତ ହେଉଛି ମକଡ୍ରିଲ୍ । ସମ୍ଭାବ୍ୟ ଏୟାର ଷ୍ଟ୍ରାଇକ୍ ଓ ଡ୍ରୋନ୍ ଆକ୍ରମଣର ମୁକାବିଲା ପାଇଁ ଏସବୁ ରାଜ୍ୟକୁ ଅପରେସନ୍ ସିଲ୍ଡରେ ସାମିଲ କରାଯାଇଛି । ରାତି ୯ଟା ପର୍ଯ୍ୟନ୍ତ ସବୁ ଜିଲ୍ଲାରେ ସିଭିଲ ଡିଫେନ୍ସ ଏକ୍ସରସାଇଜ୍ କରାଯିବ, ଯେଉଁଥିରେ ୩୨ହଜାର ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି । ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡ଼ିକରେ ରାତି ୮ଟାରୁ ୮ଟା ୧୫ ପର୍ଯ୍ୟନ୍ତ ୧୫ ମିନିଟ୍ ବ୍ଲାକଆଉଟ୍ ହେବ। ବର୍ତ୍ତମାନର ଜରୁରୀକାଳୀନ ବ୍ୟବସ୍ଥାର ପରୀକ୍ଷଣ କରିବା, ବେସାମରିକ ପ୍ରଶାସନ, ପ୍ରତିରକ୍ଷା ବାହିନୀ ଏବଂ ସ୍ଥାନୀୟ ସମୁଦାୟ ମଧ୍ୟରେ ସମନ୍ୱୟରେ ଉନ୍ନତି ଆଣିବା ହେଉଛି ଏହି ଅଭ୍ୟାସର ଉଦ୍ଦେଶ୍ୟ । ଏହାଦ୍ୱାରା ଯେକୌଣସି ସଙ୍କଟର ତ୍ୱରିତ ଓ ପ୍ରଭାବୀ ମୁକାବିଲା ସୁନିଶ୍ଚିତ ହୋଇପାରିବ। ସେପଟେ ଭାରତର ମକଡ୍ରିଲକୁ ନେଇ ଶତ୍ରୁରାଷ୍ଟ୍ର ପାକିସ୍ତାନ ଛାତିରେ ଛନକା ପଶିଛି । ଭାରତର ମକଡ୍ରିଲ ଆଳରେ ପୁଣିଥରେ ଆକ୍ରମଣ କରିବ କି ବୋଲି ଆଶଙ୍କା କରୁଛି ପାକିସ୍ତାନ ।

## ୟୁପି ବିଧାୟକ ଆବାସ ଅନସାରୀଙ୍କୁ ୨ବର୍ଷ ଜେଲ

ନୂଆଦିଲ୍ଲୀ,୩୧।୫ : ମୁଖତାର ଅନସାରୀଙ୍କ ବିଧାୟକ ପୁଅ ଆବାସ ଅନସାରୀଙ୍କୁ କୋର୍ଟ ତରଫରୁ ବଡ ଝଟକା । ୨୦୨୨ ମସିହାରେ ଉତ୍ତେଜନାପୂର୍ଣ୍ଣ ଭାଷଣ ମାମଲାରେ କୋର୍ଟ ବିଧାୟକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହା ବ୍ୟତୀତ କୋର୍ଟ ତାଙ୍କୁ ୨ବର୍ଷ ଜେଲ ଦଣ୍ଡ ସହିତ ୩ହଜାର ଟଙ୍କା ଜରିମାନା କରିଛନ୍ତି । ତାଙ୍କ ସହ ଅଭିଯୁକ୍ତ ମନସୁର ଅନସାରୀଙ୍କୁ ୬ମାସ ଜେଲ ଦଣ୍ଡ ସହିତ ୧ହଜାର ଟଙ୍କା ଜରିମାନା ଦିଆଯାଇଛି ।କୋର୍ଟରେ ମାଜିଷ୍ଟ୍ରେଟ୍ କେପି ସିଂ ଏହି ମାମଲାର ଦଣ୍ଡ ବିଧାନ ଶୁଣାଣି କରିଛନ୍ତି । ସୂଚନାନୁଯାୟୀ, ୩ ମାର୍ଚ୍ଚ ୨୦୨୨ର ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ସମୟରେ ଆବାସ ଅନସାରୀ ଜନସଭାର ଅଧିକାରୀଙ୍କୁ ଧମକ ଦେଇଥିଲେ । ଯଦି ସେ ସରକାର ଗଠନ କରନ୍ତି ତେବେ ‘ସେମାନଙ୍କର ସଠିକ୍ ଯତ୍ନ ନିଅନ୍ତୁ’ । ଏହି ଉତ୍ତେଜନାମୂଳକ ବକ୍ତବ୍ୟ ବିରୋଧରେ ପ୍ରତିବାଦ ହୋଇଥିଲା । ଯାହା ପରେ ସବ-ଇନ୍ସପେକ୍ଟର ଗଙ୍ଗାରାମ ବିନ୍ଦ ତାଙ୍କ ବିରୋଧରେ ଏକ ଏଫଆଇଆର ଦାୟର କରିଥିଲେ । ୫୦୬ (ଅପରାଧୀକ ଧମକ), ଧାରା ୧୭୧ର (ନିର୍ବାଚନ ସହିତ ଭୁଲ ସହଯୋଗ), ଧାରା ୧୮୬ (ସାର୍ବଜନୀନ କର୍ମଚାରୀଙ୍କୁ ବାଧା ଦେବା), ଧାରା ୧୮୯ (ସାର୍ବଜନୀନ କର୍ମଚାରୀଙ୍କୁ ଧମକ ଦେବା), ଧାରା ୧୫୩ଇ (ଦୁଇ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତାକୁ ପ୍ରୋତ୍ସାହିତ କରିବା), ଧାରା ୧୨୦ଇ (ଆପରାଧିକ ଷଡ଼ଯନ୍ତ୍ର) ଭଳି ଛଅଟି ଧାରା ଅନୁଯାୟୀ ଆବାସୀ ଅନସାରୀଙ୍କ ମାମଲା ରୁଜୁ କରାଯାଇଥିଲା । ଏହି ଧାରା ଅନୁଯାୟୀ ରୁଜୁ ହୋଇଥିବା ମାମଲାର ଶୁଣାଣି ମାଉ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ ଡକ୍ଟର କେପି ସିଂହଙ୍କ କୋର୍ଟରେ ଚାଲିଥିଲା । ଯିଏ ଏବେ ଆବାସ ଅନସାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହି ମାମଲାକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । କାରଣ ଆବାସ ଅନସାରୀ କେବଳ ପୂର୍ବତନ ବାହୁବଳୀ ସାଂସଦ ମୁଖତାର ଅନସାରୀଙ୍କ ପୁଅ ନୁହଁନ୍ତି, ବରଂ ସେ ବର୍ତ୍ତମାନ ମାଉ ସଦର ଆସନର ମଧ୍ୟ ବିଧାୟକ ।

## ଶତାବ୍ଦୀ ଶେଷ ସୁଦ୍ଧା ୭୫% ବରଫ ହରାଇପାରେ ହିନ୍ଦୁକୁଶ



ନୂଆଦିଲ୍ଲୀ,୩୧।୫ : ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ବିଶ୍ୱ ତାପମାତ୍ରା ଯଦି ୨ ଡିଗ୍ରୀ ସେଲ୍ ?ସିୟସ୍ ? ବୃଦ୍ଧି ପାଏ, ତେବେ ହିନ୍ଦୁକୁଶ ହିମାଳୟ ଏହାର ୭୫ ପ୍ରତିଶତ ବରଫ ହରାଇବ ବୋଲି ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ଏହି ଅଞ୍ଚଳର ଗ୍ଲେସିୟର ହିମାଳୟରୁ ବାହାରିଥିବା ନଦୀଗୁଡ଼ିକୁ ପାଣି ଯୋଗାଇଥାଏ। ଗ୍ଲେସିୟର ତରଳିଗଲେ ଉକ୍ତ ନଦୀଗୁଡ଼ିକ ଉପରେ ନିର୍ଭର କରୁଥିବା ୨୦୦ କୋଟି ଲୋକ ପ୍ରଭାବିତ ହେବେ। ସାଇନ୍ସ ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ, ଉତ୍ତାପ ବୃଦ୍ଧି ସ୍ତରକୁ ଯଦି ପ୍ରାକ୍ ? ଶିଳ୍ପାୟନ ସ୍ତରରୁ ୧.୫ ଡିଗ୍ରୀ ସେଲ୍ ?ସିୟସ୍ ? ଅଧିକ ମଧ୍ୟରେ ସୀମିତ ରଖାଯାଇପାରିବ, ତେବେ ହିମାଳୟ ଏବଂ କୌକାସସ୍ ? ପର୍ବତମାଳାର ୪୦ରୁ ୪୫ ପ୍ରତିଶତ ଗ୍ଲେସିୟର ବରଫ ସଂରକ୍ଷିତ ରହିବ। ତେବେ ବର୍ତ୍ତମାନର ଜଳବାୟୁ ନୀତି ଯଦି ଜାରି ରହେ ଏବଂ ଶତାବ୍ଦୀ ଶେଷ ବେଳକୁ ବିଶ୍ୱ ତାପମାତ୍ରା ୨.୭ ଡିଗ୍ରୀ ସେଲ୍ ?ସିୟସ୍ ? ବଢ଼ିଯାଏ, ତେବେ ସାରା ବିଶ୍ୱରେ ମାତ୍ର ୨୫ ପ୍ରତିଶତ ଗ୍ଲେସିୟର ବରଫ ତିଷ୍ଠି ରହିବ। ମାନବ ଜାତି ପାଇଁ ଗ୍ଲେସିୟର ଅଞ୍ଚଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ତରଳିଲେ ୟୁରୋପୀୟ ଆଲ୍ ?ପସ୍ ? ଏବଂ ପଶ୍ଚିମ ଆମେରିକା, କାନାଡ଼ା ଓ ଆଇସ୍ ?ଲାଣ୍ଡର ରକି ପର୍ବତମାଳା ଅଧିକ କ୍ଷତିଗ୍ରସ୍ତ ହେବ ବୋଲି ଅଧ୍ୟୟନରେ କୁହାଯାଇଛି। ୨ ଡିଗ୍ରୀ ସେଲ୍ ?ସିୟସ୍ ? ଉତ୍ତାପ ବଢ଼ିଲେ, ଉକ୍ତ ପର୍ବତମାଳାରେ ଥିବା ପ୍ରାୟ ସବୁ ବରଫ ହରାଇବ। ୨୦୨୦ରେ ସେଠାରେ ଯେତିକି ବରଫ ଥିଲା ସେଥିରୁ ମାତ୍ର ୧୦ରୁ ୧୫ ପ୍ରତିଶତ ତିଷ୍ଠି ରହିପାରେ ବୋଲି କୁହାଯାଇଛି। ସ୍କାଣ୍ଡିନେଭିଆରେ ଆଦୌ ବରଫ ଗ୍ଲେସିୟର ରହିବ ନାହିଁ ବୋଲି ଆକଳନ କରାଯାଇଛି। ତେବେ ୨୦୧୫ର ପ୍ୟାରିସ୍ ? ଚୁକ୍ତିନାମାରେ ଧାର୍ଯ୍ୟ ହୋଇଥିବା ବର୍ଦ୍ଧିତ ତାପମାତ୍ରାକୁ ଯଦି ୧.୫ ଡିଗ୍ରୀ ସେଲ୍ ?ସିୟସ୍ ? ମଧ୍ୟରେ ସୀମିତ ରଖାଯାଇପାରେ, ତେବେ ସବୁ ଅଞ୍ଚଳରେ କିଛି ପରିମାଣରେ ଗ୍ଲେସିୟର ବରଫ ସଂରକ୍ଷିତ ରହିପାରିବ ବୋଲି କୁହାଯାଇଛି।

## ଖାଦ୍ୟ ପ୍ୟାକେଟରେ ‘୧୦୦%’ ଲେବଲ ମନା

ନୂଆଦିଲ୍ଲୀ,୩୧।୫: ଭାରତର ସର୍ବୋଚ୍ଚ ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ ଫୁଡ୍ ବିଜନେସ୍ ହାଉସ୍ ଗୁଡ଼ିକ ଉପରେ କଠୋର ଆଭିମୁଖ୍ୟ ଦେଖାଇଛନ୍ତି। କମ୍ପାନୀଗୁଡ଼ିକ କୌଣସି ଖାଦ୍ୟ ପ୍ୟାକେଟ, ଲେବଲ ଓ ବିଜ୍ଞାପନରେ ‘୧୦୦% ବିଶୁଦ୍ଧ’ ଦାବି କରିପାରିବେ ନାହିଁ ବୋଲି ଫୁଡ୍ ସିକ୍ୟୁରିଟି ଆଣ୍ଡ୍ ଷ୍ଟାଣ୍ଡାର୍ଡସ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍ଏସ୍ଏସ୍ଏଆଇ) ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଫ୍ଏସ୍ଏସ୍ଏଆଇ ପକ୍ଷରୁ ଗୁରୁବାର ଜାରି ଏକ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ‘୧୦୦%’ ବୋଲି ଉଲ୍ଲେଖ କରାଯିବା ଦ୍ୱାରା ବଜାରରେ ସବୁ ଖାଦ୍ୟର ବିକ୍ରି ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ତେବେ ଫୁଡ୍ ? ସେଫ୍ଟି ଆଣ୍ଡ୍ଷ୍ଟାଣ୍ଡାର୍ଡସ (ଏଫ୍ଏସ୍ଏସ୍) ଆଇନ ଓ ଏହାର କୌଣସି ନିୟମରେ ଏପରି ଅଭିବ୍ୟକ୍ତି ସମ୍ପର୍କରେ ଉଲ୍ଲେଖ ନାହିଁ। ଖାଦ୍ୟ ପ୍ୟାକେଟରେ ଏପରି ଲେବଲ ଲଗାଇ ବଜାରକୁ ଛଡ଼ାଯିବା ଦ୍ୱାରା ଉପଭୋକ୍ତା ତାକୁ ସତକୁ ସତ ୧୦୦ ପ୍ରତିଶତ ବିଶୁଦ୍ଧ ମନେକରି କିଣିନେଉଛନ୍ତି। ଯେଉଁ ପ୍ୟାକେଟରେ ଏପରି ଉଲ୍ଲେଖ କରାଯାଉ ନାହିଁ, ତାକୁ ଲୋକେ ୧୦୦% ଶୁଦ୍ଧ ଲେଖାଥିବା ଖାଦ୍ୟ ତୁଳନାରେ ନ୍ୟୁନ ମନେକରୁଛନ୍ତି। ଏପରି ଭାଷା ଏଫ୍ଏସ୍ଏସ୍ଏଆଇ ନିୟାମକର କୌଣସି ବୈଧାନିକ ଆବଶ୍ୟକତାକୁ ପୂରଣ କରୁ ନ ଥିବାରୁ ଏହାକୁ ତୁରନ୍ତ ବନ୍ଦ କରିବାକୁ ପଡ଼ିବ ବୋଲି ଆଡ୍ ?ଭାଇଜରିରେ କୁହାଯାଇଛି। ‘୧୦୦%’ ଲେବଲକୁ ପ୍ରଚଳିତ ଆଇନ ଅନୁସାରେ ବିଧିବଦ୍ଧ ଭାବେ ପରିଭାଷିତ ଓ ନିର୍ଦ୍ଧାରିତ ନ କରି ବ୍ୟବହାର କରିବା ମିଥ୍ୟା ବିଜ୍ଞାପନ ବୋଲି ଏଫ୍ଏସ୍ଏସ୍ଏଆଇ ଚେତାଇଦେଇଛନ୍ତି। କେବଳ ଏତିକି ନୁହେଁ, ଦେଶର ସର୍ବୋଚ୍ଚ ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ ଏଫ୍ଏସ୍ଏସ(ଆଡଭର୍ଟାଇଜିଂ ଆଣ୍ଡ୍ ? କ୍ଲେମ୍ସ) ରେଗୁଲେଶନ୍ସ, ୨୦୧୮: ସବ୍-ରେଗୁଲେଶନ୍ ? ୪(୧) ଏବଂ ୧୦(୭)ର ଅବତାରଣା କରି କମ୍ପାନୀଗୁଡ଼ିକୁ ସତର୍କ କରାଇଛନ୍ତି। ସବ୍-ରେଗୁଲେଶନ୍ ୪(୧) ଅନୁସାରେ ଖାଦ୍ୟ ଲେବଲ ବା ବିଜ୍ଞାପନର ଦାବିରେ ସମ୍ପୂର୍ଣ୍ଣ ସତ୍ୟତା ଓ ସ୍ପଷ୍ଟତା ରହିବା ଉଚିତ। ଉପଭୋକ୍ତାମାନେ ବଜାରରେ ଉପଲବ୍ଧ କେଉଁ ଖାଦ୍ୟ କିଣିବେ ତାକୁ ନେଇ ସମ୍ପୂର୍ଣ୍ଣ ରୂପେ ବିଭ୍ରାନ୍ତିମୁକ୍ତ ହୋଇପାରିବେ। ସେହିପରି ସବ୍-ରେଗୁଲେଶନ୍ ୧୦(୭) ଅନୁସାରେ ଅନ୍ୟ ଉତ୍ପାଦକୁ ନ୍ୟୁନ କରୁଥିବା କୌଣସି ଦାବି କିମ୍ବା ବିଜ୍ଞାପନ ପ୍ରସାର କରାଯାଇପାରିବ ନାହିଁ। ବିସ୍ତୃତ ଭାବେ ବିବରଣୀ ପ୍ରଦାନ ନ କରି କେବଳ ସଂଖ୍ୟାରେ ଉଲ୍ଲେଖ କରିବା ପ୍ରଚଳିତ ଆଇନର ଉଲ୍ଲଂଘନ ବୋଲି ଏଫ୍ଏସ୍ଏସ୍ଏଆଇ ଉକ୍ତ ନିର୍ଦ୍ଦେଶନାମାରେ କହିଛନ୍ତି। ପ୍ରକାଶ ଯେ, ଏହା ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ମଧ୍ୟ ଫ୍ରୁଟ୍ ଜୁସ୍ ପ୍ୟାକେଟରେ ‘୧୦୦% ଫ୍ରୁଟ୍ ଜୁସ୍’ ଉଲ୍ଲେଖକୁ ବାରଣ କରିଥିଲେ। ଏହା ଆଇନତଃ ଅନୁମତିଯୋଗ୍ୟ ନୁହେଁ ଏବଂ ମାର୍କେଟିଂ ପାଇଁ ବିଭ୍ରାନ୍ତିକର ବୋଲି ଉଚ୍ଚ ଅଦାଲତ ସ୍ପଷ୍ଟ କରିଥିଲେ। ୨୦୨୪ ଜୁନ୍‌ରେ ଡାବର ପକ୍ଷରୁ ଦାଖଲ ଏକ ପିଟିଶନର ଜବାବରେ ଏଫ୍ଏସ୍ଏସ୍ଏଆଇ ୧୦୦% ଦାବିକୁ ଖାରଜ କରିବା ସହ ବର୍ତ୍ତମାନ ପ୍ରଚଳିତ କୌଣସି ଆଇନରେ ଏପରି ବ୍ୟବସ୍ଥା ନ ଥିବା ଉଲ୍ଲେଖ କରିଥିଲେ।

# ଏସୀୟ ଦୌଡ଼କୁଦ: ପୂଜା, ନନ୍ଦିନୀ, ଗୁଲବୀରଙ୍କୁ ସ୍ୱର୍ଣ୍ଣ

**ଗୁମି (ଦକ୍ଷିଣ କୋରିଆ),୩୧।୫ (ଏଜେନ୍ସି):** ଚଳିତ ଏସୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଭାରତର ସ୍ୱର୍ଣ୍ଣ ପଦକ ଅଭିଯାନ ଜାରି ରହିଛି। ଶୁକ୍ରବାର ଭାରତୀୟ ଖେଳାଳି ଆଉ ୩ ସ୍ୱର୍ଣ୍ଣ ପଦକ ମଧ ଯୋଡ଼ିଛନ୍ତି। ମହିଳା ହାଇଜମ୍ପରେ ପୂଜା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ (୧.୮୯ ମିଟର୍) ସହ ସ୍ୱର୍ଣ୍ଣ ପଦକ ଜିତି ନିଜ ନାମରେ ଥିବା ୨୦ ବର୍ଷରୁ କମ୍ ଜାତୀୟ ରେକର୍ଡକୁ ପଛରେ ପକାଇଛନ୍ତି। ଭାରତକୁ ମଧ ଦୁଇ ଦଶନ୍ଧି ପରେ ଏହି ଇଭେଣ୍ଟ ସ୍ୱର୍ଣ୍ଣ ପଦକ ମିଳିଛି। ବବି ଆଲାସିସ୍ ୨୦୦୦ ମସିହାରେ ସ୍ୱର୍ଣ୍ଣ ଏବଂ ୨୦୦୨ ମସିହାରେ ରୌପ୍ୟ ପଦକ ଜିତିଥିଲେ। ଶୁକ୍ରବାର ପୂଜା ମଧ ବରିଷ୍ଠ ମହିଳା ବର୍ଗର ରେକର୍ଡ ପାଇଁ ୧.୯୨ ମିଟର୍ ପ୍ରୟାସ କରି ବିଫଳ ହୋଇଥିଲେ। ୨୦୧୨ ମସିହାଠାରୁ ଏହା ସହାନା କୁମାରୀଙ୍କ ନାମରେ ରହିଛି। ପୂଜାଙ୍କ ବ୍ୟତୀତ ଭାରତ ପାଇଁ ଅନ୍ୟ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ ଗୁଲବୀର ସିଂହ (୫୦୦୦ ମିଟର୍ ପୁରୁଷ ଦେଡ଼) ଏବଂ ନନ୍ଦିନୀ ଅଗସରା (ହେପ୍ଟାଥଲନ୍)। ପାରୁଲ ଚେଧୁରୀ ବି ଜାତୀୟ ରେକର୍ଡ ସହ ରେପ୍ୟ ପଦକ ଜିତିଛନ୍ତି ୩୦୦୦ ମିଟର୍ ମହିଳା ଷ୍ଟିପଲେଚଜରେ।




ବ୍ୟକ୍ତିଗତ ଭାବେ ଗୁଲବୀର୍ ଗୁମିରେ ଯୁଗଳ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୂର୍ବରୁ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଭାବେ ଗୁଲବୀର ୧୦,୦୦୦ ମିଟର୍ ଦେଡ଼ ଜିତିଥିଲେ। ଶୁକ୍ରବାର ସେ ୫,୦୦୦ ପୁରୁଷ ଦେଡ଼ରେ ୧୩ ମିନିଟ୍ ୨୪.୭୮ ସେକେଣ୍ଡ ସମୟ ସହ ନୂଆ ଋମ୍ପିୟନସିପ୍ ରେକର୍ଡ ବି କରିଥିଲେ। ୨୦୧୫ ମସିହାରୁ ଏହି ରେକର୍ଡ ମହମ୍ମଦ ଅଲ୍ ଗର୍ମି (୧୩:୩୪.୪୭)ଙ୍କ ନାମରେ ଥିଲା। ବ୍ୟାଙ୍କକରେ ଅନୁଷ୍ଠିତ ଗତ ସଂସ୍କରଣ ଏସୀୟ ଦେଡ଼କୁଦରେ ଏହି ଇଭେଣ୍ଟରେ ଗୁଲବୀର କାଂସ୍ୟ ଜିତିଥିଲେ।

ଏସୀୟ ଦୌଡ଼ ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟର ୪ ଛାତ୍ରଛାତ୍ରୀ ପଦକ ଜିତି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଜ୍ୟୋତି ଯାରାଜୀ ୧୦୦ ମିଟର ବାଧାଦେଡ଼ରେ ସ୍ୱର୍ଣ୍ଣ ଜିତିଥିଲା ବେଳେ ଧାବିକା ରୁପଲ ଚୌଧୁରୀ (ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ) ଯୁଗଳ ପଦକ କରାୟତ କରିଛନ୍ତି। ୩୦୦୦ ମିଟର ଷ୍ଟିପଲଚେଜରେ ରୌପ୍ୟ ଜିତିଥିବା ପାରୁଲ ମଧ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ। କିଟର ଛାତ୍ର ପ୍ରବୀଣ ଚିତ୍ରଭେଲ ପୁରୁଷ ଟ୍ରିପଲ୍ ଜମ୍ପରେ ରୌପ୍ୟ ଜିତି ବିଶ୍ୱବିଦ୍ୟାଳୟ ନାମକୁ ଆଗକୁ ନେଇଛନ୍ତି। ଏହି ସଫଳତା ଲାଗି କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଗର୍ବିତ ହେବା ସହ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭାରତୀୟ ହେପ୍ଟାଥଲେଟ୍ ନନ୍ଦିନୀ ଅଗସରାଙ୍କ ମାଧ୍ୟମରେ ଭାରତ ଶୁକ୍ରବାରର ତୃତୀୟ ତଥା ଦେଶର ଅଷ୍ଟମ ସ୍ୱର୍ଣ୍ଣ ପଦକ ଜିତିଥିଲା। ସୋମା ବିଶ୍ୱାସ (୨୦୦୫) ଓ ସ୍ୱପ୍ନା ବର୍ମନ (୨୦୧୭)ଙ୍କ ପରେ ତୃତୀୟ ଭାରତୀୟ ହେପ୍ଟାଥଲେଟ୍ ଭାବେ ନନ୍ଦିନୀ ଏହି ଗୌରବ ଆଣିଛନ୍ତି। ଶୁକ୍ରବାରର ଅନ୍ତିମ ଇଭେଣ୍ଟ ୮୦୦ ମିଟରର ଶେଷରେ ନନ୍ଦିନୀ (୮୮୫) ଚୀନର ଲିୟୁ ଜିଙ୍ଗି (୭୫୯)ଙ୍କୁ ପରାସ୍ତ କରିଥିଲେ। ଏହି ଇଭେଣ୍ଟରେ ନନ୍ଦିନୀ ୨୧:୧୫.୫୪ ସମୟ ନେଇଥିବା ବେଳେ ଲିୟୁଙ୍କୁ ୨:୨୪.୮୭ ସମୟ ଲାଗିଥିଲା। ମହିଳା ୩୦୦୦ ମିଟର୍ ଷ୍ଟିପଲେଚଜରେ ପାରୁଲ ଚୌଧୁରୀ ୯ ମିନିଟ୍ ୧୨.୪୬ ସେକେଣ୍ଡ ସହ ଜାତୀୟ ରେକର୍ଡ କରି ରୌପ୍ୟ ଜିତିଛନ୍ତି। ୨୦୨୩ ବ୍ୟାଙ୍କକରେ କିନ୍ତୁ ସେ ସ୍ୱର୍ଣ୍ଣ ଜିତିଥିଲେ। ଚଳିତ ମାସରେ ଦୋହା ଡାଏମଣ୍ଡ ଲିଗରେ ପାରୁଲ ୯ ମିନିଟ୍ ୧୩.୩୯ ସେକେଣ୍ଡ ସମୟ ସହ ଜାତୀୟ ରେକର୍ଡ କରିଥିବା ବେଳେ ୧୫ ଦିନ ଭିତରେ ପୁଣି ଥରେ ଏହାକୁ ପଛରେ ପକାଇଛନ୍ତି। କାଜାଖସ୍ତାନ ଯୋଡ଼ି ନୋରାହ ଜେରୁଟୋ ତାନୁଇ (୯:୧୦.୪୬) ଓ ଡାଇସି ଜେପକେମେଇ (୯.୨୭.୫୧) ଯଥାକ୍ରମେ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ହାସଲ କରିଥିଲେ।

## ବର୍ଷା ହେଲେ ୪ରେ ଖେଳାଯିବ ଆଇପିଏଲ ଫାଇନାଲ ମ୍ୟାଚ

**ଅହମ୍ମଦାବାଦ,୩୧।୫(ଏଜେନ୍ସି):** କ୍ୱାଲିଫାୟର-୧ରେ ପଞ୍ଜାବ କିଙ୍ଗସକୁ ପରାସ୍ତ କରି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଫାଇନାଲରେ ନିଜର ସ୍ଥାନ ନିଶ୍ଚିତ କରିଥିଲା। ଏବେ ଅପେକ୍ଷା ଦ୍ୱିତୀୟ ଫାଇନାଲିଷ୍ଟ ଦଳ ପାଇଁ, ଯାହାର ନିଷ୍ପତ୍ତି ଜୁନ୍ ୧ରେ ହେବାକୁ ଯାଉଛି, କାରଣ ଏହି ଦିନ ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍ ପଞ୍ଜାବ କିଙ୍ଗସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଖେଳାଯିବାକୁ ଅଛି। କାର୍ଯ୍ୟସୂଚୀ ଅନୁଯାୟୀ, ଆଇପିଏଲ ୨୦୨୫ର ଫାଇନାଲ୍




ଜୁନ୍ ୩ରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବାକୁ ଅଛି। ମୂଳ କାର୍ଯ୍ୟସୂଚୀ ଅନୁଯାୟୀ, ଆଇପିଏଲ ୨୦୨୫ର ଫାଇନାଲ୍ ଜୁନ୍ ୩ରେ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବାକୁ ଅଛି। ଯଦି ବର୍ଷା କିମ୍ବା ଅନ୍ୟ କୌଣସି କାରଣରୁ ମ୍ୟାଚ୍ ବାତିଲ ଘୋଷଣା କରାଯାଏ, ତେବେ ଫାଇନାଲ୍ ମ୍ୟାଚ୍ ଜୁନ୍ ୪ରେ ଅନୁଷ୍ଠିତ ହେବ। କାରଣ ନିୟମ ଅନୁଯାୟୀ, ଫାଇନାଲ୍ ମ୍ୟାଚ୍ ପାଇଁ ଜୁନ୍ ୪କୁ ରିଜର୍ଭ ଡେ ଭାବରେ ରଖାଯାଇଛି। ଆପଣଙ୍କୁ ଜଣାଇ ଦେଉଛୁ ଯେ କିଛି ସମୟ ପୂର୍ବରୁ ପ୍ଲେଅଫ୍ ମ୍ୟାଚ୍ ପାଇଁ ନୂତନ ନିୟମ ଜାରି କରାଯାଇଥିଲା।

# ଟେଷ୍ଟ କ୍ୟାପଟେନ୍ ହେବାକୁ ଋହୁଁଥିଲେ ଜାଡେଜା

**ନୂଆଦିଲ୍ଲୀ,୩୧।୫(ଏଜେନ୍ସି):** ଇଂଲଣ୍ଡ ଗସ୍ତ ପାଇଁ ଯୁବ ବ୍ୟାଟସମ୍ୟାନ୍ ଶୁବମନ ଗିଲଙ୍କୁ ଭାରତୀୟ ଟେଷ୍ଟ ଦଳର ଅଧିନାୟକ କରାଯାଇଛି, ଆଉ ଋଷଭ ପନ୍ତଙ୍କୁ ଉପ-ଅଧିନାୟକ ଭାବେ ଦାୟିତ୍ୱ ମିଳିଛି। ତେବେ ଏହାରି ଭିତରେ ନିଜ ମନ କଥା କହିଛନ୍ତି ଭାରତୀୟ ଦଳର ଅଭିଜ୍ଞ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା । ଜାଡେଜା କହିଛନ୍ତି ଯେ ସେ ଗୋଟିଏ ଦିନ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ହେବାକୁ ଋହାନ୍ତି । ପ୍ରକୃତରେ, ତାଙ୍କର ଦୀର୍ଘ ଦିନର କ୍ୟାରିୟରରେ ବିଭିନ୍ନ ଅଧିନାୟକଙ୍କ ସହ ଖେଳି ସେ ଏହି ଭୂମିକାକୁ ବହୁତ ଭଲ ଭାବରେ ବୁଝିପାରିଛନ୍ତି ବୋଲି କହିଛନ୍ତି ।



ରବିଚନ୍ଦ୍ରନ ଅଶ୍ୱିନଙ୍କ ୟୁଟ୍ୟୁବ ଚ୍ୟାନେଲରେ ଏହି ଖୁଲାସା କରିଛନ୍ତି ଜାଡେଜା। ଅଶ୍ୱିନ ତାଙ୍କୁ ପଋରିଥିଲେ, ଭାରତର ଟେଷ୍ଟ ଅଧିନାୟକ ହେବାକୁ ସେ ଋହାନ୍ତି କି? ଏହାର ଉତ୍ତରରେ ଜାଡେଜା କହିଥିଲେ, ହଁ, ନିଶ୍ଚିନ୍ତ ।' ବର୍ଷ ବର୍ଷ ଧରି, ମୁଁ ବିଭିନ୍ନ ଅଧିନାୟକଙ୍କ ଅଧୀନରେ ଖେଳିଛି । ମୁଁ ପ୍ରତ୍ୟେକ ଅଧିନାୟକଙ୍କ ଶୈଳୀକୁ ଜାଣେ ଏବଂ ଖେଳାଳିମାନେ କ'ଣ ଭାବନ୍ତି ଏବଂ କ'ଣ ଋହାନ୍ତି ତାହା ମଧ ବୁଝେ । ୨୦୧୨ରେ ଭାରତ ପାଇଁ ପ୍ରଥମ ଟେଷ୍ଟ ଖେଳିଥିବା ଜାଡେଜା ମହେନ୍ଦ୍ର ସିଂହ ଧୋନୀଙ୍କ ଅଧିନାୟକତ୍ୱରେ ତିନୋଟି ଫର୍ମାଟରେ ଡେବ୍ୟୁ କରିଥିଲେ ଏବଂ ଆଇପିଏଲରେ ତାଙ୍କ ଅଧିନାୟକତ୍ୱରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ପାଇଁ ମଧ ଖେଳିଥିଲେ। ଜାଡେଜା ଏପର୍ଯ୍ୟନ୍ତ ୮୦ଟି ଟେଷ୍ଟ ମ୍ୟାଚ୍ ଖେଳି ସାରିଛନ୍ତି । ଜାଡେଜା କହିଥିଲେ, 'ପ୍ରତ୍ୟେକ ଅଧିନାୟକଙ୍କର ନିଜସ୍ୱ ଶୈଳୀ ଥାଏ।' ମୁଁ ପ୍ରତ୍ୟେକ ଫର୍ମାଟରେ ମହେନ୍ଦ୍ର ସିଂହ ଧୋନୀଙ୍କ ଅଧିନାୟକତ୍ୱରେ ଖେଳିଛି ଏବଂ ତାଙ୍କର ଚିନ୍ତାଧାରା ବହୁତ ସରଳ। ଯଦି ସେ ଭାବନ୍ତି ଯେ ଜଣେ ବ୍ୟାଟସମ୍ୟାନ୍ ଗୋଟିଏ ସ୍ଥାନରେ ସଟ୍ ଖେଳିପାରିବେ, ତେବେ ସେ ନିଶ୍ଚିତ ଭାବରେ ସେଠାରେ ଜଣେ ଫିଲ୍ଡରଙ୍କୁ ରଖିବେ। ରୋହିତ ଶର୍ମାଙ୍କ ଟେଷ୍ଟ କ୍ରିକେଟରୁ ଅବସର ପରେ, ଅଶ୍ୱିନ ଜାଡେଜାଙ୍କୁ ଅଧିନାୟକ କରିବାର ସମର୍ଥନରେ ଥିଲେ । ସେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ କହିଥିଲେ, 'ଆମେ ରବିନ୍ଦ୍ର ଜାଡେଜାଙ୍କୁ କାହିଁକି ଭୁଲିଯାଉଛୁ?' ଯଦି ଜଣେ ନୂତନ ଅଧିନାୟକ ଆବଶ୍ୟକ ହୁଏ, ତେବେ ମୁଁ କହିବି ଯେ ଦୁଇ ବର୍ଷ ପାଇଁ ଜଣେ ଅଭିଜ୍ଞ ବ୍ୟକ୍ତିଙ୍କୁ କମାଣ ହସ୍ତାନ୍ତର କରିବା ପାଇଁ।

## ଋର୍ଚ୍ଚାରେ ସାଇ ସୁଦର୍ଶନ

**ନୂଆଦିଲ୍ଲୀ,୩୧।୫(ଏଜେନ୍ସି):** ସିଜନ୍ ସାରା ଚମତ୍କାର ଖେଳିବା ସହ ଅଧିକାଂଶ ସମୟରେ ଶୀର୍ଷରେ ରହିଥିବା ଗୁଜରାଟ ଟାଇଟନ୍ସ ପ୍ରଥମ ଦଳ ଭାବେ ଗତକାଲି ପ୍ଲେ ଅଫରୁ ବିଦାୟ ନେଇଥିଲା। ଆଇପିଏଲର ଏଲିମିନେଟରରେ ରୋହିତ ଶର୍ମାଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରତିପକ୍ଷ ଗୁଜରାଟ ଟାଇଟନ୍ସକୁ ୨୦ ରନରେ ହରାଇ କ୍ୱାଲିଫାୟର୍-୨ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା । ତେବେ ଏସବୁ ସତ୍ତ୍ୱେ ଗୁଜରାଟ ଟାଇଟନ୍ସର ବ୍ୟାଟ୍ସମ୍ୟାନ ସାଇ ସୁଦର୍ଶନ ଆଇପିଏଲର କିମ୍ବଦନ୍ତୀମାନଙ୍କ ମଧ୍ୟରେ ନିଜର ନାମ ପଞ୍ଜିକୃତ କରିଛନ୍ତି। ସୁଦର୍ଶନ ଗୋଟିଏ ସିଜିନରେ ୭୦୦ରୁ ଅଧିକ ରନ ସ୍କୋର କରିବାରେ ଇତିହାସରେ ୯ମ ଖେଳାଳି ହୋଇଛନ୍ତି। ସୁଦର୍ଶନ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଏଲିମିନେଟର ମ୍ୟାଚରେ ଏହି ସଫଳତା ହାସଲ କରିଥିଲେ।

# ପାଣ୍ଡ୍ୟା ଓ ଗିଲ୍‌ଙ୍କ ମଧ୍ୟରେ ବିବାଦ

**ମୁମ୍ବାଇ,୩୧।୫(ଏଜେନ୍ସି):** ଏମିତି ଏକ ସମୟ ଥିଲା ଯେଉଁ ସମୟରେ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଶୁଭମନ ଗିଲ୍ ଗୋଟିଏ ଦଳ ପାଇଁ ଖେଳୁଥିଲେ ଏବଂ ଘନିଷ୍ଠ ବନ୍ଧୁ ଥିଲେ। କିନ୍ତୁ ଏବେ କାହାଣୀ ବଦଳି ଯାଇଛି।

ପାଣ୍ଡ୍ୟା ଗୁଜରାଟ ଟାଇଟାନ୍ସରୁ ମୁମ୍ବାଇ ଇଣ୍ଡିଆନ୍ସରେ ପ୍ରବେଶ କରି ଦଳର ନେତୃତ୍ୱ ନେଉଛନ୍ତି। ଗିଲ୍ ଜିଟିର ଦଳରେ ସାମିଲ ଅଛନ୍ତି। ପାଣ୍ଡ୍ୟାଙ୍କ ପରେ ଫ୍ରାଞ୍ଚାଇଜ୍ ଶୁଭମନ ଗିଲଙ୍କ ଉପରେ ବିଶ୍ୱାସ କରିଛି। ଗିଲଙ୍କ ନେତୃତ୍ୱରେ ଦଳର ପ୍ରଦର୍ଶନ ଗତ ବର୍ଷ ବହୁତ ଭଲ ନଥିଲା। କିନ୍ତୁ ଚଳିତ ବର୍ଷ ଦଳ ପ୍ଲେଅଫରେ ପହଞ୍ଚିବାରେ ସଫଳ ହୋଇଛି। କିନ୍ତୁ ଏଲିମିନେଟର ମ୍ୟାଚରେ ଦଳ ଏମଆଇର ସାମ୍ନା କରି ପାରିଲା ନାହିଁ। ଫଳସ୍ୱରୂପ ଟୁର୍ଣ୍ଣାମେଣ୍ଟରୁ ଏହାର ଯାତ୍ରା ଶେଷ ହୋଇଗଲା।




ଆଇପିଏଲ ୨୦୨୫ର ଏଲିମିନେଟର ମ୍ୟାଚ୍ ମୁମ୍ବାଇ ଏବଂ ଗୁଜରାଟ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଏମଆଇ ଦଳ ଜିତିଥିଲା। ମ୍ୟାଚ୍ ସମୟରେ କିଛି ଏପରି ମୁହୂର୍ତ୍ତ ନଜର ଆସିଥିଲା ଯେଉଁଥିରେ ପାଣ୍ଡ୍ୟା ଏବଂ ଗିଲ୍‌ଙ୍କ ମଧ୍ୟରେ ବନ୍ଧୁତା ତିକ୍ତ ହୋଇଯାଇଥିବା ନେଇ ଆଲୋଚନା ହେଉଛି। କାରଣ ଟସ୍ ସମୟରେ ପାଣ୍ଡ୍ୟା ଏବଂ ଗିଲ୍ ଉଭୟ ଖେଳାଳିଙ୍କୁ ସ୍ୱାଭାବିକ ଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଟସ୍ ଜିତିବା ପରେ, ଯେତେବେଳେ ପାଣ୍ଡ୍ୟା ପୁଣି ଥରେ ହାତ ମିଳାଇବା ପାଇଁ ଗିଲ୍‌ଙ୍କ ଆଡ଼କୁ ହାତ ବଢ଼ାଇଲେ, ଗିଲ୍ ତାଙ୍କ ହାତ ପଛକୁ ନେଇ ଯାଇଥିଲେ।

## ବ୍ଲୁ ୱାଟର ଲଜିଷ୍ଟିକ୍ସ ଜୁନ ୩ରେ ତାଲିକାଭୁକ୍ତ ହେବ

**ହାଇଦରାବାଦ,୩୧।୫(ଏଜେନ୍ସି):** ଏକ ବହୁଧା ପରିବହନ ଅପରେଟର ବ୍ଲୁୱାର୍ଟର ଲଜିଷ୍ଟିକ୍ସ ୨୦୨୫ ଜୁନ ୦୩ ତାରିଖରେ ଏନଏସଇ ଏମର୍ଜ ପ୍ଲାଟଫର୍ମରେ ତାଲିକାଭୁକ୍ତ ହେବାକୁ ଯାଉଛି। କମ୍ପାନୀର ଆଇପିଓ ବିଡିଂର ଚୂଡ଼ାନ୍ତ ଦିବସ ପର୍ଯ୍ୟନ୍ତ ୯.୩୬ ଗୁଣ ସବସ୍କ୍ରାଇବ କରାଯାଇଛି, ଯାହା ୨୫୩.୯୧ କୋଟି ଟଙ୍କାର ବିଡ୍ ହାସଲ କରିଛି। କମ୍ପାନୀ ଇନିସିଆଲ ପବ୍ଲିକ ଅଫରିଂରୁ ୪୦.୫ କୋଟି ଟଙ୍କା ଉଠାଇବାକୁ ଲକ୍ଷ୍ୟ ରଖିଥିଲା। ଏହାର ଆଇପିଓରେ ବୁକ-ବିଲଡିଂ ରୁଟ୍‌ରେ ପ୍ରତ୍ୟେକ ୧୦ ଟଙ୍କାର ଫେସ୍ ଭାଲ୍ୟୁ ବିଶିଷ୍ଟ ୩୦ ଲକ୍ଷ ଇକ୍ୱିଟି ସେୟାର ଜାରି ଅନ୍ତର୍ଭୁକ୍ତ। ଆବେଦନ ନିମନ୍ତେ ସର୍ବନିମ୍ନ ଲଟ୍ ପରିମାଣ ୧୦୦୦ ଇକ୍ୱିଟି ସେୟାର ରଖାଯାଇଛି। ହାଇଦରାବାଦରେ ମୁଖ୍ୟ ଦପ୍ତର ଥିବା କମ୍ପାନୀର ପ୍ରମୋଟର ଶ୍ରୀ ଲକ୍ଷ୍ମୀ ନାରାୟଣ ମିଶ୍ର, ଶ୍ରୀ ଲଳିତ ପଣ୍ଡା, ଶ୍ରୀମତୀ ମଧୁସ୍ମିତା ମହାନ୍ତି ଏବଂ ଶ୍ରୀମତୀ ସୁପ୍ରିୟା ମିଶ୍ର ମୂଳତଃ ଓଡ଼ିଶାର ବାସିନ୍ଦା ଅଟନ୍ତି। ଇସ୍ୟୁର କ୍ୱାଲିଫାଏଡ ଇନଷ୍ଟିଚ୍ୟୁସନାଲ ବାୟର (କ୍ୟୁଆଇବି) ଅଂଶ ୧୪.୦୪ ଗୁଣ ସବସ୍କ୍ରାଇବ କରାଯାଇଥିବାବେଳେ ଏନଆଇଆଇ କୋଟା ୯.୮୭ ଗୁଣ ଏବଂ ରିଟେଲ ଇଣ୍ଡିଭିଜୁଆଲ ଇନଭେଷ୍ଟର୍ସ (ଆରଆଇଆଇ) କୋଟା ୬.୫୫ ଗୁଣ ସବସ୍କ୍ରାଇବ କରାଯାଇଥିଲା, ଯଦ୍ଦ୍ୱାରା ମୋଟ ଉପରେ ବିଡିଂର ଶେଷଦିନ ୨୦୨୫ ମେ ୨୯ ଗୁରୁବାର ପର୍ଯ୍ୟନ୍ତ ମୋଟ ୯.୩୬ ଗୁଣ ସବସ୍କ୍ରାଇବ କରାଯାଇଥିଲା। ସ୍ମାର୍ଟ ହୋରାଇଜନ କ୍ୟାପିଟାଲ ଆଡଭାଇଜର୍ସ ପ୍ରାଇଭେଟ ଲିମିଟେଡ ବୁକ୍ ରନିଂ ଲିଡ ମ୍ୟାନେଜର ଏବଂ ମାଶିତଲା ସିକ୍ୟୁରିଟିଜ ପ୍ରାଇଭେଟ ଲିମିଟେଡ ଅଫରର ରେଜିଷ୍ଟ୍ରାର ରହିଛନ୍ତି।

# କ୍ୱାଲିଫାୟର୍-୨ରେ ମୁମ୍ବାଇ-ପଞ୍ଜାବ

**ମୁଲାନପୁର,୩୧।୫(ଏଜେନ୍ସି):** ସିଜନ୍ ସାରା ଚମତ୍କାର ଖେଳିବା ସହ ଅଧିକାଂଶ ସମୟରେ ଶୀର୍ଷରେ ରହିଥିବା ଗୁଜରାଟ ଟାଇଟନ୍ସ ପ୍ରଥମ ଦଳ ଭାବେ ପ୍ଲେ ଅଫରୁ ବିଦାୟ ନେଇଛି। ଏପରିକି ଦଳର ଦୁଇ କ୍ୟାପଧାରୀ ସାଇ ସୁଦର୍ଶନ (ଅରେଞ୍ଜ କ୍ୟାପ୍, ୭୫୯ ରନ୍) ଏବଂ ପ୍ରସିଦ୍ଧ କୃଷ୍ଣ (ପର୍ପଲ୍ କ୍ୟାପ୍, ୨୫ ୱିକେଟ୍)ଙ୍କୁ ବି ବିନା ଟ୍ରଫିରେ ବିଦାୟ ନେବାକୁ ପଡ଼ିଛି। ଶୁକ୍ରବାର ଚଳିତ ଆଇପିଏଲର ଏଲିମିନେଟରେ ରୋହିତ ଶର୍ମାଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରତିପକ୍ଷ ଗୁଜରାଟ ଟାଇଟନ୍ସକୁ ୨୦ ରନ୍ରେ ହରାଇ କ୍ୱାଲିଫାୟର୍-୨ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ରବିବାର ଅହମଦାବାଦରେ ଏହି ୫ ଥର ବିଜେତା ଦଳ ପଞ୍ଜାବ କିଙ୍ଗ୍ସ ସହ ଖେଳି ଫାଇନାଲ୍ ପ୍ରବେଶ ଲକ୍ଷ୍ୟରେ ରହିବ। ବିଜୟୀ ଦଳ




ମଙ୍ଗଳବାର ଫାଇନାଲରେ ଆରସିବି ସହ ଖେଳିବ।

ମୁମ୍ବାଇ ଇଣ୍ଡିଆନ୍ସ ଶୁକ୍ରବାର ଆତ୍ମବିଶ୍ୱାସର ସହ ପଡ଼ିଆକୁ ଓହ୍ଲାଇଥିଲା। ପରମ୍ପରା ବିରୋଧରେ ଯାଇ ଟସ୍ ଜିତିବା ମାତ୍ରେ ବ୍ୟାଟିଂ ବି କରିଥିଲା। ଏହାକୁ ଯଥାର୍ଥ ସାବ୍ୟସ୍ତ କରି ରୋହିତ ଶର୍ମା ଓ ଜନି ବେୟାରଷ୍ଟୋ ବି ଭଲ ଆରମ୍ଭ କରିଥିଲେ। ପାୱାର ପ୍ଲେ ୬ ଓଭରରେ ଉଭୟ ୭୯ ରନ୍ ଉଠାଇଥିଲେ ବିନା କ୍ଷତିରେ। ସିଜନର ପ୍ରଥମ ମ୍ୟାଚ୍ ଖେଳିଥିବା ଜନି ବେୟାରଷ୍ଟୋ ୨୨ ବଲରୁ ୪୭ ରନ୍ କରି ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ଏହି ପାଳିରେ ସେ ୪ ଚେକା ଓ ୩ ଦର୍ଶନୀୟ ଛକା ବି ମାରିଥିଲେ। ବ୍ୟକ୍ତିଗତ ଭାବେ ୩ ଓ ୧୨ ରନ୍ ବେଳେ କ୍ୟାଚ୍ ହାତଛଡ଼ା କାରଣରୁ ରୋହିତ ଶର୍ମା ଜୀବନଦାନ ପାଇଥିଲେ। ଶେଷକୁ ଏହି ପୂର୍ବତନ ଅଧିନାୟକ ୫୦ ବଲ୍ ଖେଳି ୯ ଚେକା ଓ ୪ ଛକା ସହାୟତାରେ ୮୧ ରନ୍ କରି ପ୍ରସିଦ୍ଧ କୃଷ୍ଣଙ୍କ ଶିକାର ହୋଇଥିଲେ। ଏମାନଙ୍କ ପରେ ସୂର୍ଯ୍ୟ କୁମାର ଯାଦବ (୨୦ ବଲରୁ ୩୩ ରନ୍), ତିଳକ ବର୍ମା (୧୧ ବଲରୁ ୨୫ ରନ୍), ହାର୍ଦ୍ଦିକ ପାଣ୍ଡ୍ୟା (୯ ବଲରୁ ୨୨ ରନ୍) କରିବାରୁ ମୁମ୍ବାଇ ଆହ୍ୱାନଭରା ୨୨୮ ରନ୍ ସଂଗ୍ରହ କରି ନେଇଥିଲା। ପ୍ରସିଦ୍ଧ କୃଷ୍ଣ କିନ୍ତୁ ସର୍ବାଧିକ ୫୩ ରନ୍ ବ୍ୟୟ କରିଥିଲେ। ଜବାବରେ ସାଇ ସୁଦର୍ଶନ (୪୯ ବଲରୁ ୮୦ ରନ୍) ଏବଂ ୱାସିଂଟନ୍ ସୁନ୍ଦର (୨୪ ବଲ୍ରୁ ୪୮ ରନ୍)ଙ୍କ ଭଲ ପାଳି ସତ୍ତ୍ୱେ ଗୁଜରାଟ ୨୦୮ରେ ଅଟକିଯାଇଥିଲା।

## 'ଲେଗାସି'କୁ ବିଶ୍ୱ ହ୍ୱିସ୍କି ପୁରସ୍କାର

**ନୂଆଦିଲ୍ଲୀ,୩୧।୫(ଏଜେନ୍ସି):** ଭାରତୀୟ ମଦ ଏକ ଐତିହାସିକ ମୁହୂର୍ତ୍ତ ସୃଷ୍ଟି ହୋଇଛି। ବାକାର୍ଡିର ପ୍ରଥମ ଥର ପାଇଁ ଭାରତରେ ତିଆରି ହ୍ୱିସ୍କି ପ୍ରିମିୟମ୍ ହ୍ୱିସ୍କି ଲେଗାସି ପ୍ରତିଷ୍ଠିତ ବିଶ୍ୱ ହ୍ୱିସ୍କି ପୁରସ୍କାର ୨୦୨୫ରେ ମିଶ୍ରିତ ହ୍ୱିସ୍କି ବର୍ଗରେ ସ୍ୱର୍ଣ୍ଣ ପଦକ ପାଇଛି। ଏହି ପ୍ରଶଂସା ସହିତ, ଲେଗାସି ବିଶ୍ୱସ୍ତରୀୟ ସ୍ୱୀକୃତି ପାଇଁ ଭାରତର ନୂତନତମ ପ୍ରିମିୟମ୍ ପ୍ରକାଶନ ହାସଲ କରିଛି। ଯାହା ଘରୋଇ ଉତ୍ପାଦିତ ହ୍ୱିସ୍କି ପାଇଁ ଏକ ପରିଭାଷିତ ସଫଳତା। ସୁନ୍ଦର, ସମସାମୟିକ ଏବଂ ସୂକ୍ଷ୍ମତା ସହିତ ପ୍ରସ୍ତୁତ, ଲେଗାସି କେବଳ ଏକ ନୂତନ ହ୍ୱିସ୍କି ନୁହେଁ ଏହା ଏକ ଜୀବନଶୈଳୀ ପାଲଟିଛି। ଯାହା ଆଧୁନିକ ଭାରତୀୟ ସୁସଂସ୍କୃତି ଏବଂ ବିଶ୍ୱ ଆକାଂକ୍ଷାକୁ ଋଦ୍ଧିମନ୍ତ କରିଛି।

ଏକ ସାହସିକ ଦୃଷ୍ଟିକୋଣ ଏବଂ ଆପୋଷ ଗୁଣବତା ସହିତ ଭାରତରେ ପ୍ରସ୍ତୁତ, ଲେଗାସି ହେଉଛି ଭାରତୀୟ ଶସ୍ୟ ସହିତ ଭାରତୀୟ ଏବଂ ସ୍କଟିସ୍ ମାଲ୍‌ଟର ଏକ ସ୍ୱତନ୍ତ୍ର ମିଶ୍ରଣ, ଯାହା ଏକ ସମୃଦ୍ଧ, ପରିଷ୍କୃତ ପ୍ରୋଫାଇଲ୍ ପ୍ରଦାନ କରେ ଯାହା ବିଶ୍ୱର ହ୍ୱିସ୍କି ପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ପୁରସ୍କାରଗୁଡ଼ିକ କେବଳ ଲେଗାସିକୁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରେ ନାହିଁ ବରଂ ପ୍ରିମିୟମ୍ ହ୍ୱିସ୍କି ତିଆରି ଜଗତରେ ବାକାର୍ଡିର ବର୍ଦ୍ଧିତ ପ୍ରଭାବକୁ ମଧ ବୃଦ୍ଧି କରିଛି।

ତିନି ବର୍ଷରୁ କମ୍ ସମୟ ପୂର୍ବେ ଆରମ୍ଭ ହୋଇଥିବା ଲେଗାସି ପ୍ରିମିୟମ୍ ହ୍ୱିସ୍କି ସେଗମେଂଟରେ ଦ୍ରୁତ ଗତିରେ ଏକ ଅଗ୍ରଣୀ ଭାବରେ ଉଭା ହୋଇଛି। ଏହା ସମଗ୍ର ଭାରତରେ ଆକର୍ଷଣ ସୃଷ୍ଟି କରିଚାଲିଛି ଏବଂ ଏହାର ନିର୍ଦ୍ଦୋଷ ଭାବରେ ମସୃଣ ଏବଂ ସମ୍ପୂର୍ଣ୍ଣ ସନ୍ତୁଳିତ ପ୍ରୋଫାଇଲ୍ ସହିତ ଗ୍ରାହକମାନଙ୍କୁ ଜିତିବାରେ ଲାଗିଛି।

## ଇଣ୍ଡେଲ୍ ମନି ଆର୍ଥିକ ବର୍ଷରେ ୬୯% ବୃଦ୍ଧି

**ନୂଆଦିଲ୍ଲୀ,୩୧।୫(ଏଜେନ୍ସି):** ଦେଶର ଏକ ପ୍ରମୁଖ ସୁନା-ଋଣ ଏନବିଏଫସି ଇଣ୍ଡେଲ୍ ମନି ଏହାର ପରିଚାଳନା ସମ୍ପତି (ଏୟୁଏମ)ରେ ବାର୍ଷିକ ୫୨% ବୃଦ୍ଧି ଘୋଷଣା କରିଛି, ଯାହା ମୋଟ ସମ୍ପତିକୁ ୨୪୦୦ କୋଟି ଟଙ୍କାକୁ ନେଇଛି। କମ୍ପାନୀ ବର୍ଷରେ ୬୧ କୋଟି ଟଙ୍କା ଲାଭ ରିପୋର୍ଟ କରିଛି। ଯାହା ବାର୍ଷିକ ଭାବେ ୧୦% ବୃଦ୍ଧି ପଞ୍ଜିକରଣ କରିଛି। ଇଣ୍ଡେଲ୍ ମନିର ରିପୋର୍ଟ କରାଯାଇଥିବା ଏନପିଏ ନିଜସ୍ୱ ସମ୍ପତିର ୧.୩୫% ରହିଛି, ଯାହା ଗତ ବର୍ଷର ୩.୧୭% ତୁଳନାରେ ସମ୍ପତି ଗୁଣବତାରେ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତିକୁ ଦର୍ଶାଉଛି। ସୁନା ଋଣ ହେଉଛି କମ୍ପାନୀର ମୁଖ୍ୟ ଆଧାର, ଯାହା ମୋଟ ଏୟୁଏମର ୯୪% ଅଟେ। ଗତ ଆର୍ଥିକ ବର୍ଷ (୨୦୨୫)ରେ କମ୍ପାନୀ ଏହାର ବଂଟନରେ ବାର୍ଷିକ ୬୯% ବୃଦ୍ଧି ରିପୋର୍ଟ କରିଛି। ଚଳିତ ଆର୍ଥିକ ବର୍ଷ (୨୦୨୬) ମଧ୍ୟରେ ଇଣ୍ଡେଲ ମନି ୧୦,୦୦୦ କୋଟି ଟଙ୍କା ବଂଟନ ଏବଂ ୪,୦୦୦ କୋଟି ଟଙ୍କା ଏୟୁଏମ ହାସଲ କରିବାକୁ ଲକ୍ଷ୍ୟ ରଖିଛି। କମ୍ପାନୀ ଆର୍ଥିକ ବର୍ଷରେ ୮୯ଟି ଶାଖା ଖୋଲିଛି, ଯାହା ମୋଟ ସଂଖ୍ୟା ୩୬୫ କୁ ନେଇଛି। ୩୧ ମାର୍ଚ୍ଚ, ୨୦୨୫ ସୁଦ୍ଧା ୧୨ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଂଚଳରେ ଏହାର ଉପସ୍ଥିତି ରହିଛି। ଏହି ଅବସରରେ ଇଣ୍ଡେଲ ମନି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଉମେଶ ମୋହନନ କହିଲେ, ଏକ ଚ୍ୟାଲେଞ୍ଜିଂ ପରିବେଶ ମଧ୍ୟରେ କମ୍ପାନୀ ଏକ ଉଲ୍ଲେଖନୀୟ ପୂର୍ଣ୍ଣ-ବର୍ଷ ଫଳାଫଳ ହାସଲ କରିଛି। ଯାହା ଏହାର ୬୯% ପ୍ରଦାନ ବୃଦ୍ଧି ଏବଂ ଏୟୁଏମରେ ୫୨% ଅଭିବୃଦ୍ଧିରେ ପ୍ରତିଫଳିତ କରିଛି।

# ଇଫକୋ ନାନୋ ସାର ବିକ୍ରି ୪୭% ବୃଦ୍ଧି

**ନୂଆଦିଲ୍ଲୀ,୩୧।୫(ଏଜେନ୍ସି):** ବିଶ୍ୱର ୧ ନମ୍ବର ସମବାୟ, ଇଫକୋ ୨୦୨୪-୨୫ ଆର୍ଥିକ ବର୍ଷରେ ଟିକସ ପ୍ରଦାନ ପୂର୍ବରୁ ୩,୮୧୧ କୋଟି ଟଙ୍କାର ଲାଭ ଉପାର୍ଜନ କରିଛି ଏବଂ ତାହାସହିତ ଏହାର ନାନୋ ସାର ବିକ୍ରି ୪୭ ପ୍ରତିଶତ ବୃଦ୍ଧିପାଇଛି। ଏହି ୨୦୨୪-୨୫ ଆର୍ଥିକ ବର୍ଷରେ ୩୬୫.୦୯ ଲକ୍ଷ ବୋତଲ ନାନୋ ସାର ବିକ୍ରି କରାଯାଇଥିଲା, ଯେତେବେଳେ କି ତାହାର ପୂର୍ବବର୍ଷ ଅର୍ଥାତ ୨୦୨୩-୨୪ ଆର୍ଥିକ ବର୍ଷରେ ୨୪୮.୯୫ ଲକ୍ଷ ବୋତଲ ନାନୋ ସାର ବିକ୍ରି ହୋଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ ଇଫକୋ ୪୧,୨୪୪ କୋଟି ଟଙ୍କାର ବ୍ୟବସାୟ କରିଛି। ଦିଲୀପ ସାଂଘାନି, ଚେୟାରମ୍ୟାନ, ଇଫକୋ ଗଣମାଧ୍ୟମ ସହିତ ତାଙ୍କର ବାର୍ତ୍ତାଳାପ କାଳରେ କହିଥିଲେ, ଦେଶର ସମୁଦାୟ ସମବାୟ କ୍ଷେତ୍ର ନିମନ୍ତେ ଏହା ଗର୍ବର ବିଷୟ ଯେ ଇଫକୋର ଦମ୍‌ଦାର ଅଭିବୃଦ୍ଧି 'ସହକାର ସେ ସମୃଦ୍ଧି' ସ୍ୱପ୍ନକୁ ସାକାର କରୁଛି। ସେ ସୂଚନା ଦେଇ କହିଥିଲେ ଯେ, ଏହି ସମବାୟ କ୍ରମାଗତ ତିନିବର୍ଷ ଧରି ୩୦୦୦ କୋଟି ଟଙ୍କାର ଲାଭ ଉପାର୍ଜନ କରିଆସୁଛି। ସେ ପୁନଶ୍ଚ କହିଥିଲେ, କ୍ରମାଗତ ଭାବରେ ବିଗତ ୨୩ ବର୍ଷ ଧରି ଇଫକୋ ତାହାର ସଦସ୍ୟମାନଙ୍କୁ ପେଡ-ଅପ ସେୟାର କ୍ୟାପିଟାଲ ଉପରେ ୨୦ ପ୍ରତିଶତ ଲାଭାଂଶ ପ୍ରଦାନ କରିଆସୁଛି- ଯାହା ସମାନତା ଭିତ୍ତିକ ଏବଂ ଦୀର୍ଘସ୍ଥାୟୀ ଅଭିବୃଦ୍ଧି ପ୍ରତି ଏହାର ଉତ୍ସର୍ଗୀକୃତ ଭାବ ଏବଂ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରୁଛି। ସମବାୟ ନିମନ୍ତେ ନାନୋ ସାର ମୁଖ୍ୟ ଦୃଷ୍ଟିନିବଦ୍ଧ କ୍ଷେତ୍ର ହୋଇଛି ଏବଂ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ସମର୍ଥନରେ ବ୍ୟାପକ ଜନସଚେତନତା ଅଭିଯାନ ଏବଂ ଗବେଷଣା ସମବାୟକୁ କୃଷକମାନଙ୍କ ମଧ୍ୟରେ ଏହି ଉତ୍ପାଦର ଗ୍ରହଣୀୟତା ବୃଦ୍ଧି କରିବାରେ ସହାୟକ ହୋଇଛି। ବିକ୍ରି ହୋଇଥିବା ୩୬୫ ଲକ୍ଷ ବୋତଲ ମଧ୍ୟରୁ ୨୬୮ ଲକ୍ଷ ଇଫକୋ ନାନୋ ୟୁରିଆ ପ୍ଲସ୍ (ତରଳ) ବୋତଲ ଏବଂ ଇଫକୋ ନାନୋ ଡିଏପି (ତରଳ)ର ୯୭ ଲକ୍ଷ ବୋତଲ ୨୦୨୪-୨୫ ଆର୍ଥିକ ବର୍ଷରେ ବିକ୍ରି କରାଯାଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ଇଫକୋ ନାନୋ ୟୁରିୟା ପ୍ଲସ (ତରଳ) ବିକ୍ରି ୩୧ ପ୍ରତିଶତ ଏବଂ ଇଫକୋ ନୋନା ଡିଏପି (ତରଳ) ବିକ୍ରି ୧୧୮ ପ୍ରତିଶତ ବୃଦ୍ଧିପାଇଛି।

### ଏଏମ୍, ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ବିକଶିତ ଭାରତକୁ ପ୍ରୋତ୍ସାହନ

## ଅପ୍ଟିଗାଲ ପ୍ରାଇମ୍ ଏବଂ ଅପ୍ଟିଗାଲ ପିନାକଲର ବଜାର ପ୍ରବେଶ

**ନୂଆଦିଲ୍ଲୀ,୩୧।୫(ଏଜେନ୍ସି):** ଆର୍ସେଲରମିତ୍ତଲ ନିପ୍ପନଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ଆଜି ଏହାର ପ୍ରିମିୟମ୍ ରଙ୍ଗ-ଆବୃତ ଷ୍ଟିଲ୍ ପୋର୍ଟଫୋଲିଓ ଅପ୍ଟିଗାଲର ଦୁଇଟି ବିଶ୍ୱସ୍ତରୀୟ, ଉଚ୍ଚ-କ୍ଷମତା ସମ୍ପନ୍ନ ଉତ୍ପାଦ, ଅପ୍ଟିଗାଲ ପ୍ରାଇମ୍ ଏବଂ ଅପ୍ଟିଗାଲ ପିନାକଲର ଶୁଭାରମ୍ଭ କରିଛି। ଏହି ଶୁଭାରମ୍ଭ ସହିତ, ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଭାରତର ରଙ୍ଗ-ଆବୃତ ଇସ୍ପାତ ବଜାରରେ ଏହାର ସ୍ଥିତିକୁ ସୁଦୃଢ଼ କରିଛି। ପ୍ରଥମ ଥର ପାଇଁବୃହତ ଓ ମହତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ନିର୍ମାଣ ପ୍ରକଳ୍ପ ଯଥା ଅତ୍ୟାଧୁନିକ ବିମାନବନ୍ଦର, ରେଳ ଷ୍ଟେସନ, ରାଜପଥ, ବିରାଟ ଭବନ ଇତ୍ୟାଦିରେ ବ୍ୟବହାର ପାଇଁ ଏହି ୟୁରୋପୀୟ ମାନର ଉଚ୍ଚ କ୍ଷୟ-ପ୍ରତିରୋଧୀ ଇସ୍ପାତଉପଲବ୍ଧ ହେବ। ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଭାରତରେ ପୂର୍ବରୁ ଉପଲବ୍ଧ ନ ଥିବା ଉଚ୍ଚ-ଗୁଣବତ୍ତା ସି୪ ସ୍ପେଶାଲିଟି ଇସ୍ପାତରେ ଏକ ନୂତନ ବଜାର ସେଗମେଣ୍ଟ ସ୍ଥାପନରେ ଅଗ୍ରଣୀ ଭୂମିକା ନେଉଛି, ଯେଉଁଥିରେ କମ୍ପାନୀ ଗର୍ବର ସହିତ ଏକମାତ୍ର ଘରୋଇ ଉତ୍ପାଦକ ଅଟେ। ଏହି ଉତ୍ପାଦ ପ୍ରଧାନମନ୍ତ୍ରୀଙ୍କ ତ୍ୱରିତ ବିକାଶ ଆହ୍ୱାନକୁ ଆଗେଇ ନେବା ସହିତ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବ। ଏଏମ୍/ଏନ୍‌ଏସ୍ ଏହି କ୍ଷେତ୍ରରେ ବଜାରରେ ପ୍ରାଧାନ୍ୟ ବିସ୍ତାର କରିବା ସହିତ ସାମଗ୍ରିକ ରଙ୍ଗ-ଆବୃତ ଇସ୍ପାତ କ୍ଷେତ୍ରର ୨୫% ବଜାର ଅଂଶ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଭାରତରେ ରଙ୍ଗ-ଆବୃତ ଇସ୍ପାତ, ଯାହାର ବର୍ତ୍ତମାନ ୩.୪ ନିୟୁତ ଟନର ବଜାରରହିଛି ବୋଲି ଆକଳନ କରାଯାଇଛି, ବର୍ଷକୁ ପ୍ରାୟ ୧୦ ପ୍ରତିଶତର ନିରନ୍ତର ଗତିରେ ବୃଦ୍ଧି ପାଉଛି। ଦୁଇଟି ନୂତନ ସ୍ୱତନ୍ତ୍ର ଅପ୍ଟିଗାଲ ଉତ୍ପାଦଯୋଡ଼ି ହେବା ଦ୍ୱାରା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଆଗାମୀ ଦୁଇରୁ ତିନି ବର୍ଷ ମଧ୍ୟରେ ଏହି ବଜାରରେ ୨୫%ଅଂଶ ସୁରକ୍ଷିତ କରିବାର ଲକ୍ଷ୍ୟର ନିକଟତର ହୋଇପାରିବ। ଅପ୍ଟିଗାଲ ପ୍ରାଇମ୍ବହରା ଳ ଏବଂ ମଧ୍ୟମ କ୍ଷୟକାରୀ ପରିବେଶ ପାଇଁ ଉପଯୁକ୍ତ, ଯାହାର ୧୫ ବର୍ଷ ୱାରେଣ୍ଟି ରହିଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927, Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ